



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-271 ◆MONDAY ◆30 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୧ ◆ସୋମବାର ◆୩୦ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିଜୁଙ୍କୁ ବିଜେପି ସାଂସଦଙ୍କ ଅପମାନ

## ସାରା ରାଜ୍ୟରେ ପ୍ରତିକ୍ରିୟା; ବିଜେଡିର ତୀବ୍ର ପ୍ରତିବାଦ

■ ଭୁବନେଶ୍ୱର, ୨୯।୩ (ସମିସ): ଯେଉଁ ବିଜୁ ପଟ୍ଟନାୟକଙ୍କ ପରଲୋକରେ ତିନି ଦେଶର ପତାକା ଅବନମିତ ହୋଇଥିଲା, ଯେଉଁ ବିଜୁ ପଟ୍ଟନାୟକଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଭୁରିଭୁରି ପ୍ରଶଂସା କରିଛନ୍ତି; ସେହି ବିଜୁ ପଟ୍ଟନାୟକଙ୍କ ପ୍ରତି ଅତ୍ୟନ୍ତ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି ଜଣେ ବିଜେପି ସାଂସଦ ନିଶିକାନ୍ତ ଦୁବେ। ବିଭିନ୍ନ ଠକେଇ ଓ ଜାଲିଆତି ମାମଲାରେ ଅଭିଯୁକ୍ତ ସାଂସଦ ନିଶିକାନ୍ତ ଦୁବେ ଓଡ଼ିଆ ଅସ୍ମିତାର ଚଳମାନ ପ୍ରତୀକ କୁହାଯାଉଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ବିରୋଧରେ ସିଆଇଏ ଏଜେଣ୍ଟ ପରି ଘୃଣ୍ୟ ଟିପ୍ପଣୀ ଦେଇଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ନିଶିକାନ୍ତ ଏପରି ମନ୍ତବ୍ୟକୁ ବିଜେଡି ପ୍ରତିବାଦ କରିଛି। ଦଳର ୭ ରାଜ୍ୟସଭା ସାଂସଦ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ବିଜେଡି ସାଂସଦ ମାନସ ମଙ୍ଗରାଜ ସାମାଜିକ ଗଣମାଧ୍ୟମରେ ଭର୍ତ୍ସନା କରିବା ସହ ଇତିହାସକୁ ବିକୃତ କରିବାକୁ ନିଶିକାନ୍ତ ଦୁବେଙ୍କ ଏପରି ଉଦ୍ୟମକୁ ଓଡ଼ିଶାବାସୀ କଦାପି କ୍ଷମା କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ନିଶିକାନ୍ତ ଦୁବେ ଅଧ୍ୟକ୍ଷ ଥିବା



ସଂସଦର ସ୍ଥାୟୀ କମିଟିରୁ ସାଂସଦ ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି।

ଝାଡ଼ଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ୧୯୬୨ ଚୀନ ସହ ଯୁଦ୍ଧ ଓ ଚାରିବାଟିଆ ବିମାନଘାଟିରେ ଆମେରିକୀୟ ସେନାଙ୍କ ଉପସ୍ଥିତିକୁ ନେଇ ଶ୍ରୀ ଦୁବେଙ୍କର ବିଜୁବାବୁଙ୍କ ପ୍ରତି ପ୍ରଦାନ କରିଥିବା ଅସମ୍ମାନସୂଚକ ମନ୍ତବ୍ୟ ଏବେ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିଜେପିର ଶୀର୍ଷ ନେତୃତ୍ୱଙ୍କ ନିକଟତମ ବୋଲି ଦାବି କରୁଥିବା, ନୀତି ନୈତିକତା ବିବର୍ଜିତ ଓ ବିଭିନ୍ନ ଠକେଇ ମାମଲାରେ ଅଭିଯୁକ୍ତ ନିଶିକାନ୍ତ ଦୁବେଙ୍କର ବିଜୁ ବାବୁଙ୍କ ପରି ପ୍ରବାଦ ପୁରୁଷ, ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଟିପ୍ପଣୀ ଦେବାର ସାମାନ୍ୟତମ ନୈତିକତା ନାହିଁ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜୁବାବୁଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

### ନିଶିକାନ୍ତଙ୍କୁ ବିଜେଡି ସାଂସଦଙ୍କ କଡ଼ା ଭର୍ତ୍ସନା

### ସାଂସଦଙ୍କ କ୍ଷମାପ୍ରାର୍ଥନା ଦାବି କଲା ସିପିଏମ୍

ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ନିଶିକାନ୍ତ ଦୁବେଙ୍କ ଦ୍ୱାରା କରାଯାଇଥିବା ଅତ୍ୟନ୍ତ ଅପମାନଜନକ ଏବଂ ଦାୟିତ୍ୱହୀନ ମନ୍ତବ୍ୟକୁ ତୀବ୍ର ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଇତିହାସକୁ ବିକୃତ କରିବା ଉଦ୍ଦେଶ୍ୟରେ କରାଯାଇଥିବା ଏପରି ଭିତ୍ତିହୀନ ଏବଂ ଅର୍ଦ୍ଧସତ୍ୟ ଉକ୍ତି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଗର୍ବ ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ । ଏହା କେବଳ ବିଜୁ ବାବୁଙ୍କ ଲିଗାସୀ ଉପରେ ଆକ୍ରମଣ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ଭାବନା ଉପରେ ଆକ୍ରମଣ। ଏପରି ନିମ୍ନ ସ୍ତରର ରାଜନୀତି ଦେଶ ପ୍ରତି ତାଙ୍କର ବିଶାଳ ଯୋଗଦାନ ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ସାଂସଦ ଦେବାଶିଷ ସାମନ୍ତରାୟ, ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଲତା ଦେ, ସୁଭାଶିଷ ଖୁଣ୍ଟିଆ ପ୍ରମୁଖ କଠୋର ଶବ୍ଦରେ ନିଶିକାନ୍ତଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ମତିଭ୍ରମ ଘଟିଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ଏପରି ଭିତ୍ତିହୀନ, ଅସଂଗତ ଏବଂ ଐତିହାସିକ ସତ୍ୟତାରୁ ବଞ୍ଚିତ ଦାବିଗୁଡ଼ିକ ଜଣେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଅମର ପ୍ରତୀକ ତଥା ଦେଶର ଗର୍ବ ଓ ବୀରତ୍ୱର ପ୍ରତି ଗମ୍ଭୀର ଅପମାନ। ଏହା କେବଳ ବିଜୁ ବାବୁଙ୍କ ବିରାଟ ଲିଗାସୀକୁ ହୀନ ପ୍ରତିପାଦିତ କରିବା ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ସାମୂହିକ ବିବେକ ଏବଂ ଭାବନା ପ୍ରତି ସିଧାସଳଖ ଅପମାନବୋଲି ସେ କହିଛନ୍ତି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କହିଛନ୍ତି ଯେ ବିଜୁ ବାବୁ କେବଳ ଜଣେ ରାଜନୈତିକ ନେତା ନ ଥିଲେ, ସେ ନିଜେ ଏକ ଅନୁଷ୍ଠାନ ଥିଲେ। ଏକାଧାରାରେ ସେ ନିର୍ଭୀକ ▶ପୃଷ୍ଠା-୭

## ରାସ୍ତାକୁ ଓହ୍ଲାଇଲେ ୮୦ ଲକ୍ଷ ଆମେରିକୀୟ

# ଟ୍ରମ୍ପଙ୍କ ବିରୋଧରେ ସମାବେଶ



■ ୱାସିଂଟନ/ସେଣ୍ଟପଲ୍, ୨୯।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଏବଂ ଇରାନ ସହ ଯୁଦ୍ଧ ବିରୋଧରେ ସାରା ବିଶ୍ୱରେ ବିରୋଧର ନିଆଁ ଜଳୁଛି। ଖାସ୍ କରି ଟ୍ରମ୍ପଙ୍କ ଦୂରଦୃଷ୍ଟିହୀନ ନୀତି ଓ ଇରାନ ଯୁଦ୍ଧ ବିରୋଧରେ ଲକ୍ଷଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭକୁ 'ନୋ କିଙ୍ଗସ' ବୋଲି ନାମିତ କରାଯାଇଛି। ଏହି ଆନ୍ଦୋଳନରେ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଛି। ଆୟୋଜକଙ୍କ ଅନୁଯାୟୀ, ଶନିବାର ଅନୁଷ୍ଠିତ ଏହି ପ୍ରତିବାଦରେ ପ୍ରାୟ ୯ ମିଲିୟନ ଅର୍ଥାତ ୯୦ ଲକ୍ଷ ଲୋକ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ତେବେ ଏହି ରାଲିରେ ୮୦ ଲକ୍ଷ ଲୋକ ସାମିଲ ହୋଇ ଟ୍ରମ୍ପଙ୍କ ଇସ୍ତଫା ଦାବି କରିଛନ୍ତି। ଆମେରିକାର ସମସ୍ତ ୫୦ଟି ରାଜ୍ୟରେ ପ୍ରାୟ ୩,୧୦୦ରୁ ଅଧିକ କାର୍ଯ୍ୟକ୍ରମ ପଞ୍ଜିକୃତ ହୋଇଛି। ସେଣ୍ଟ ପଲ୍‌ସ୍ଥିତ ମିନେସୋଟା କ୍ୟାପିଟାଲ ଗ୍ରାଉଣ୍ଡରେ କ୍ୟାପିଟାଲ ଗ୍ରାଉଣ୍ଡରେ ବିରାଟ ଜନ ସମାଗମ ହୋଇଥାଏ। ବିଶିଷ୍ଟ ଗାୟକ ବ୍ରୁସ୍ ସ୍ପ୍ରିଙ୍ଗଷ୍ଟାଇନ୍ ଏଠାରେ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଉତ୍ସାହିତ କରିଥିଲେ। ସେ ଟ୍ରମ୍ପ ପ୍ରଶାସନର କଠୋର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ଲୋକମାନେ ମୁଖ୍ୟତଃ ଇରାନ ସହ ଯୁଦ୍ଧ, କଠୋର ଆଗମନ ଅର୍ଥାତ ଇମିଗ୍ରେସନ ନୀତି ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କ୍ଷୁର୍ଣ୍ଣ ହେବା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। କେବଳ ଆମେରିକା ନୁହେଁ, ବରଂ ଲଣ୍ଡନ, ପ୍ୟାରିସ ଓ ରୋମ ଭଳି ସହରରେ ମଧ୍ୟ ହଜାର ହଜାର ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତେବେ ଟ୍ରମ୍ପ ପ୍ରଶାସନ ଏହି ବିକ୍ଷୋଭକୁ ସାମାଲୋଚନା କରି କହିଛି ଯେ ଏହା ▶ପୃଷ୍ଠା-୭

# ବିଜେଡି ବିଧାୟିକାଙ୍କ କ୍ୱାର୍ଟର୍ସରେ ପଶିଲା ପୁଲିସ

■ ଭୁବନେଶ୍ୱର, ୨୯।୩ (ସମିସ): ରାଜଧାନୀରେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ ବାସଭବନରେ ଧସେଇ ପଶିଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ। ବିଧାୟିକାଙ୍କ ଅନୁପସ୍ଥିତିରେ ଓ ଘରେ କୌଣସି ପୁରୁଷ ବ୍ୟକ୍ତି ନ ଥିବା ସମୟରେ ସବୁ ଆଇନକାନୁନକୁ ଭାଙ୍ଗି ପୁଲିସ ବଳପୂର୍ବକ ତାଙ୍କ ଘରେ ପ୍ରବେଶ କରିଛି। ଏପରିକି ବିଧାୟିକାଙ୍କ ପରିଚାରିକା ପୋଷାକ ବଦଳାଉଥିବା ଘର ଭିତରେ ମଧ୍ୟ ଜବରଦସ୍ତ ପ୍ରବେଶ କରିଛି। ଏହି ସମୟରେ ବିଧାୟିକାଙ୍କ ଝିଅ ଓ ପରିଚାରିକା ଏକାକୀ ଥିଲେ ମଧ୍ୟ ପୁଲିସ ଏହାକୁ ଭୃକ୍ଷେପ କରିନାହିଁ। କାହା ନିର୍ଦ୍ଦେଶରେ ପୁଲିସ ସବୁ ଆଇନକାନୁନ ଭାଙ୍ଗି ଚାଲିଛି ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଚଢାଉ ବେଳେ ଖବର ପାଇଁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ତାଙ୍କ କ୍ୱାର୍ଟର୍ସରେ ପହଁଞ୍ଚିବା ସହ ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀମନ୍ମଥ ରାଉତରାୟ, ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ସଭାପତି ଇପ୍ସିତା ସାହୁ ଘଟଣାସ୍ଥଳରେ ପହଞ୍ଚି ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଛନ୍ତି।

### ଘଟଣାସ୍ଥଳରେ ପହଞ୍ଚି ବିରୋଧ କଲେ ବହୁ ବିଜେଡି ନେତା

ଗତ ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭା ନିର୍ବାଚନର ଠିକ୍ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୧୫ ତାରିଖରେ କେସିଙ୍ଗା ଥାନାରେ ବିଧାୟିକାଙ୍କ ସ୍ୱାମୀ ତଥା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ନାମରେ ଏକ ଏତଲା ଦିଆଯାଇଥିଲା। ସ୍ଥାନୀୟ ତହସିଲଦାରଙ୍କୁ ସେ ଫୋନ୍‌ରେ ହତ୍ୟା ଧମକ ଦେଇଥିବା ଏଥିରେ ଅଭିଯୋଗ ହୋଇଥିଲା। ବିଧାୟିକାଙ୍କୁ ରାଜନୈତିକ ଭାବରେ ବ୍ଲାକମେଲ କରିବାକୁ ଶାସକ ଦଳ ପ୍ରୋତ୍ସାହନରେ ଏପରି ଅଭିଯୋଗ ହୋଇଥିବା ସେତେବେଳେ ଆଲୋଚନା ହୋଇଥିଲା। ରାଜ୍ୟ ସଭାରେ ବିଜେପି କଥା ନ ମାନି ନିଜ ଦଳ ପ୍ରତି ଆନୁଗତ୍ୟ ଦେଖାଇବାରୁ ଏବେ ପୁଲିସ ଆକ୍ରୋଶମୂଳକ ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି । ଫୋନ୍‌ରେ ତହସିଲଦାରଙ୍କୁ ଧମକ ଦେଇଥିବା ଅଭିଯୋଗରେ ବିଧାୟିକାଙ୍କ ଘରେ ପୁଲିସ ପଶି ଧମକଚମକ ଦେଇଥିବାବେଳେ ବ୍ଲକ୍ ଅଫିସରେ ବିଡ଼ିଓଙ୍କ ଉପରେ ଲାପଟପ୍ ଫିଙ୍ଗିବା ଘଟଣାରେ ବିଜେପି ନେତାଙ୍କ ବିରୋଧରେ କାହିଁକି ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଅତୀତରେ ଗୁରୁତ୍ୱପୂର୍ଣ୍ଣ ଫୋନ୍‌ରେ ଧମକ ଭଳି ଅନେକ ଅଭିଯୋଗକୁ ପୁଲିସ ଅଣଦେଖା କରିଥିବା ଦେଖାଯାଇଛି। ଏଭଳି ଅପରାଧ ପାଇଁ ଥାନାରୁ ହିଁ ଅଭିଯୁକ୍ତଙ୍କୁ ଜାମିନ୍ ମିଳି ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଥରହର-ହାହାକାର

### ଆକ୍ରମଣ, ପ୍ରତି ଆକ୍ରମଣରେ ଥରୁଛି ଇରାନ, ଇସ୍ରାଏଲ, ଉପସାଗରୀୟ ଦେଶ



- ଇରାନର ପ୍ରମୁଖ ବାଲିଷ୍ଟିକ ମିସାଇଲ ୟୁନିଟରେ ଇସ୍ରାଏଲର ଆକ୍ରମଣ
- ୟୁଏଇ, କୁଏତ, ସାଉଦି ଆରବ, ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ମାଡ଼
- ଆଲୋଚନା ଆଳରେ ସେନା ଅଭିଯାନ ପାଇଁ ଆମେରିକାର ପ୍ରସ୍ତୁତି
- ଆମେରିକା ସେନାକୁ ଜଳାଇ ଦେବୁ: ଇରାନ

■ ତେହରାନ/ତେଲ ଆଭିଭ, ୨୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ବିସ୍ଫୋରକ ସ୍ଥିତିରେ ପହଞ୍ଚି ଯାଇଛି। ବିଭିନ୍ନ କ୍ଷେତ୍ରରେ ସାମରିକ, ରାଜନୈତିକ ଏବଂ ଅର୍ଥନୈତିକ ଚାପ ସତ୍ତ୍ୱେ ଏହା ଆହୁରି ଭୟଙ୍କର ହେବାରେ ଲାଗିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ କରାଳ ରୂପ ଧାରଣ କରି ମଧ୍ୟପ୍ରାଚ୍ୟକୁ ସମ୍ପୂର୍ଣ୍ଣ ଗିଳି ଦେଇଛି। ଏହାର ପ୍ରଭାବରେ ବିଶ୍ୱରେ ଶକ୍ତି ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ଆକ୍ରମଣ ଏବଂ ପ୍ରତି ଆକ୍ରମଣ ମଧ୍ୟରେ ▶ପୃଷ୍ଠା-୭

### ଭୟଙ୍କର ଇନ୍ଧନ ସଙ୍କଟ

## ପାକିସ୍ତାନରେ ସପ୍ତାହକୁ ଦୁଇ ଦିନ ଲକ୍‌ଡାଉନ୍

■ଇସଲାମାବାଦ୍, ୨୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ପାକିସ୍ତାନରେ ତୈଳ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସିରିଫ୍ ରବିବାର ସାରା ଦେଶରେ ସପ୍ତାହକୁ ଦୁଇଦିନ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଲକ୍‌ଡାଉନ ଲାଗୁ କରିବାକୁ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଆସନ୍ତା ଏପ୍ରିଲ ୪ ଓ ୫ରୁ କାର୍ଯ୍ୟକାରୀ ହେବ। ପ୍ରତିଶନିବାର ରାତି ୧୨.୦୧ରୁ ରବିବାର ୧୧.୫୯ ପର୍ଯ୍ୟନ୍ତ ▶ପୃଷ୍ଠା-୭

# ପୁରୀ ଜେଲରେ କଏଦୀ ମୃତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର

■ପୁରୀ/କୋଣାର୍କ, ୨୯।୩ (ସମିସ): ପୁରୀ ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ସତ୍ୟବାଦୀ ଥାନା ଦହନା ଡାହାଣ କୁମ୍ଭାରପଡ଼ା ଅଞ୍ଚଳର ଦୀପ୍ତିରଞ୍ଜନ ସ୍ୱାଇଁ ଓରଫ୍ ସିଲୁ (୨୭)। ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ସେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ତାଙ୍କ ନାମରେ ସତ୍ୟବାଦୀ ଥାନାରେ ୨୦୨୩ ଅକ୍ଟୋବର ୨୧ରେ ୩୬୧/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ପୂର୍ବାହ୍ନରେ ସେ ଜେଲ୍ ପାଇଖାନାରେ ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ କହୁଥିଲେ ହେଁ ସିଲୁଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଜେଲ୍ ଭିତରେ ତାଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ସଂଗିନ୍ ଅଭିଯୋଗ ଆଣିଛନ୍ତି। ଏ ସଂପର୍କରେ ପରିବାର ପକ୍ଷରୁ ରାମଚଣ୍ଡୀ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ, କାରାଗାର ପକ୍ଷରୁ ଏହାକୁ ▶ପୃଷ୍ଠା-୭

# ୪୦ ଟପିଲା ଚଇତି ତାତି

### ଟିଟିଲାଗଡ଼ ସବୁଠୁ ତତଲା

■ ଭୁବନେଶ୍ୱର, ୨୯।୩ (ସମିସ): ରାଜ୍ୟରେ ଖରାର ପ୍ରଭାବ ବଢ଼ି ଚାଲିଛି। ରବିବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଟିଟିଲାଗଡ଼ରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଏହାସହିତ ଭବାନୀପାଟଣାରେ ୩୯.୮, ଝାରସୁଗୁଡ଼ା ଓ ସୋନପୁରରେ ତାପମାତ୍ରା ୩୯.୪ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। କିଛି ଦିନ ହେବ କ୍ରମାଗତ ଭାବେ କାଳବୈଶାଖୀ ଜନିତ ବର୍ଷା ସ୍ଥିତି ଲାଗି ରହୁଥିବାରୁ ତାପମାତ୍ରା କମିଥିଲା। ୨ ଦିନ ହେବ ତାପମାତ୍ରା ବୃଦ୍ଧି ଫଳରେ ପୁଣି ଥରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ସୋମବାର ଆଉ କିଛି ସ୍ଥାନରେ ତାପମାତ୍ରା ବଢ଼ିବା ସହ ଏକାଧିକ ସ୍ଥାନରେ ୪୦ ଡିଗ୍ରୀ ଡେଇଁବାର ଆଶଙ୍କା ରହିଛି।

ଅନ୍ୟପଟେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଜନିତ ସ୍ଥିତି ଲାଗି ରହିବା ନେଇ ପାଣିପାଗ ▶ପୃଷ୍ଠା-୭





ସକାଳ
www.sakalaepaper.com



## ପେରୁ ମରୁଭୂମୀରୁ ମିଳିଲା ୩,୮୦୦ ବର୍ଷ ପୁରୁଣା ରହସ୍ୟମୟ ସହର

**ଲିମା/ପେରୁ,୨୯ ।୩(ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ପେରୁର ଶୁଷ୍କ ପାହାଡ଼ିଆ ତଥା ମରୁଭୂମୀ ଅଞ୍ଚଳରେ ପ୍ରତ୍ନତତ୍ତ୍ୱବିତମାନେ ଏକ ପ୍ରାଚୀନ ସହର 'ପେନିକୋ'ର ସନ୍ଧାନ ପାଇଛନ୍ତି। ଏହା ଆମେରିକା ମହାଦେଶର ପ୍ରାଚୀନ ସଭ୍ୟତା ବିଷୟରେ ଚିନ୍ତାଧାର ବଦଳାଇ ଦେଇଛି। ପେରୁର ରାଜଧାନୀ ଲିମାଠାରୁ କିଛି ଘଣ୍ଟାର ଦୂରରେ ଥିବା ସୁପେ ଭ୍ୟାଲି ମରୁଭୂମିରେ ଏହି ସହର ଅବସ୍ଥିତ। ପ୍ରାୟ ୩,୮୦୦ ବର୍ଷ ପୁରୁଣା ଏହି ସହରଟି ପ୍ରସିଦ୍ଧ ୫,୦୦୦ ବର୍ଷ ପୁରୁଣା କାରାଲ ସଭ୍ୟତା ସହିତ ଜଡ଼ିତ ବୋଲି ଅନୁମାନ କରାଯାଉଛି। ପ୍ରତ୍ନତତ୍ତ୍ୱବିତ୍ ରୁଥ୍ ଶାଡ଼ିଙ୍କ ନେତୃତ୍ୱରେ ଏଠାରେ ପ୍ରାୟ ୧୮ଟି ସଂରଚନା ମିଳିଛି, ଯେଉଁଥିରେ ମନ୍ଦିର, ଆବାସିକ ଗୃହ ଓ ଖୋଲା ପ୍ରାଙ୍ଗଣ ରହିଛି। ଏହାର ନିର୍ମାଣ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ କରାଯାଇଥିଲା। ଏହି ରହସ୍ୟମୟ ସହରର ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏଠାରେ କୌଣସି ସୁରକ୍ଷା ପ୍ରାଚୀର କିମ୍ବା ଯୁଦ୍ଧ ଓ ଅସ୍ତ୍ରଶସ୍ତ୍ରର ଚିହ୍ନ ମିଳିନାହିଁ। ଯେତେବେଳେ ୪,୦୦୦ ବର୍ଷ ପୂର୍ବେ ଭୟଙ୍କର ମରୁଡ଼ି ପଡ଼ିଥିଲା, ସେତେବେଳେ ଏହି ସଭ୍ୟତାର ଲୋକମାନେ ପରସ୍ପର ସହ ଲଢ଼ିବା ପରିବର୍ତ୍ତେ ପରିସ୍ଥିତି ସହ ଖାପଖୁଆଇ ଚଳିବା ଏବଂ ବାଣିଜ୍ୟ ବ୍ୟବସାୟ ଜାରି ରଖିବାକୁ ଶ୍ରେୟସ୍କର ମନେ କରିଥିଲେ। ଖନନ ସମୟରେ ମାଟିର ମୂର୍ତ୍ତି, ହାଡ଼ରେ ତିଆରି ଅଳଙ୍କାର ଓ ସୁନ୍ଦର କେଶବିନ୍ୟାସ ଥିବା ଜଣେ ମହିଳାଙ୍କ ମୁଣ୍ଡର ମୂର୍ତ୍ତି ମିଳିଛି। ଏଥିରୁ ସେମାନଙ୍କର ଉନ୍ନତ ସାଂସ୍କୃତିକ ରୁଚି ବିଷୟରେ ଜଣାପଡୁଛି। ସାଧାରଣତଃ ସମ୍ପଦର ଅଭାବ ହେଲେ ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରେ ଯୁଦ୍ଧ ହୋଇଥାଏ, କିନ୍ତୁ ପେନିକୋ ଏହାର ସମ୍ପୂର୍ଣ୍ଣ ଓଲଟା। ଏହା ଦର୍ଶାଉଛି ଯେ କଠିନ ପରିସ୍ଥିତିରେ ମଧ୍ୟ ବିନା ହିଂସାରେ ଏକ ସଂଗଠିତ ସମାଜ ଗଢ଼ିବା ସମ୍ଭବ ଥିଲା।

**ଏକ ସଂସ୍କୃତିମୟ, ଶାନ୍ତିପ୍ରିୟ ସଭ୍ୟତା ଉନ୍ମୋଚନ**



## ଇଣ୍ଡିଗୋ ବିମାନରେ ଆତଙ୍କ | ଜରୁରୀକାଳୀନ ଦ୍ୱାର ଖୋଲିବାକୁ ଚେଷ୍ଟା କଲେ ଯାତ୍ରୀ

**ବାରାଣସୀ,୨୯ ।୩(ଏଜେନ୍ସି):** ଶନିବାର ବେଙ୍ଗାଲୁରୁରୁ ବାରାଣସୀ ଯାଉଥିବା ଇଣ୍ଡିଗୋ ବିମାନରେ (ଇଣ୍ଡିଗୋ ୬-୧୮୫) ଜଣେ ଯାତ୍ରୀଙ୍କ ଅଜବ କାର୍ଯ୍ୟ ଯୋଗୁଁ ଅନ୍ୟଯାତ୍ରୀମାନେ ଭୟଭୀତ ହେବା ସହ ଆତଙ୍କିତ ହୋଇପଡ଼ିଥିଲେ। ଅବତରଣର ମାତ୍ର କିଛି ମିନିଟ୍ ପୂର୍ବରୁ ଜଣେ ବ୍ୟକ୍ତି ବିମାନର ଜରୁରୀକାଳୀନ ଦ୍ୱାର (ଇମର୍ଜେନ୍ସି ଏକଜିଟ୍) ଖୋଲିବାକୁ ଚେଷ୍ଟା କରିଥିଲେ। ବିମାନଟି ବେଙ୍ଗାଲୁରୁରୁ ଉଡ଼ାଣ ଭରିବାର ମାତ୍ର ୧୫ ମିନିଟ ପରେ ମହମ୍ମଦ ଅଦନାନ ନାମକ ଜଣେ ଯାତ୍ରୀ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେତେବେଳେ କ୍ରୁ ସଦସ୍ୟମାନେ ତାଙ୍କୁ ସତର୍କ କରାଇ ଦେଇଥିଲେ। ଏହାପରେ ରାତି ପ୍ରାୟ ୧୦.୨୦ ସମୟରେ, ଯେତେବେଳେ ବିମାନଟି ଅବତରଣ ପାଇଁ ମାତ୍ର ୫୦୦ ଫୁଟ ଉଚ୍ଚରେ ଥିଲା, ଅଦନାନ ପୁଣି ଜରୁରୀକାଳୀନ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସ୍ଥିତି ବିପଜ୍ଜନକ ଦେଖି ପାଇଲଟ ତୁରନ୍ତ ଅବତରଣ ପ୍ରକ୍ରିୟା ବନ୍ଦ କରି ବିମାନକୁ ପୁଣି ଉପରକୁ ନେଇ ଯାଇଥିଲେ ଏବଂ ପ୍ରାୟ ୧୫ ମିନିଟ ପରେ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ବିମାନ ଅବତରଣ ପରେ ସିଆଇଏସଏଫ୍ ଏବଂ ପୁଲିସ ଅଦନାନଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ଦେଇଥିବା ବୟାନ ସମସ୍ତଙ୍କୁ ଚକିତ କରିଥିଲା। ସେ ପ୍ରଥମେ କହିଥିଲେ ଯେ ତାଙ୍କୁ ଭୂତ ଲାଗିଥିଲା ଅର୍ଥାତ ତାଙ୍କ ଉପରେ ଭୂତ ସବାର ଥିଲା। ସେଥିପାଇଁ ସେ ଏମିତି କଲେ। ପୁଣି ପରେ ସେ କହିଥିଲେ ଯେ ଗୋଆରୁ ଛୁଟି କାଟି ଫେରୁଥିଲେ ଏବଂ ଏହି ହ୍ୟାଣ୍ଡଲଟି ଜରୁରୀକାଳୀନ ଦ୍ୱାରର ବୋଲି ଜାଣି ନଥିଲେ। ଉତ୍ତର ପ୍ରଦେଶର ମାଉ ଜିଲ୍ଲାର ଅଦନାନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ସୌଭାଗ୍ୟବଶତଃ, ଏହି ଘଟଣାରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି।

**କହିଲେ 'ଭୂତ ଗ୍ରାସିଥିଲା'**



# ଆମେରିକାର ଆଖି ତାଡ଼ିଦେଲା ଇରାନ୍

### କ୍ଷେପଣାସ୍ତ୍ର ମାଡ଼ରେ ଇଣ୍ଟରସେପ୍ଟର୍ ଇ-୩ ସେଣ୍ଟ୍ରି ବିମାନ ଧ୍ୱଂସ

### ଡୋନାଲ୍ଡ ଟ୍ରମ୍ପ ନାକେଦମ୍

**ତେହରାନ, ୨୯।୩ (ଏଜେନ୍ସି):** ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ଥମିବାର ନା ଧରୁନି। ଖାଲି ପ୍ରସ୍ତାବରେ ଅସ୍ତ୍ରବିରତି ଅଟକି ରହିଥିବାବେଳେ ବଡ଼ ଯୁଦ୍ଧ ପାଇଁ ତିନି ଦେଶ ପ୍ରସ୍ତୁତି କରୁଛନ୍ତି। ଏହି ସଂଘର୍ଷରେ ଆମରିକାକୁ ଇରାନ ନାକେଦମ କରିଦେଲାଣି। ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଭିତ୍ତିଭୂମିକୁ ଇରାନ ଧ୍ୱଂସ କରିଦେଲାଣି। ସ୍ଥଳ ଅଭିଯାନ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟକୁ ସେନା ପଠାଇଥିବାବେଳେ ଆମେରିକାକୁ ଇରାନ ବଡ଼ ଝଟ୍‌କା ଦେଇଛି। ଉପସାଗରୀୟ ଦେଶରେ ଥିବା ଆମେରିକାର ଅଣ୍ଟା ଭାଙ୍ଗି ଦେଇଛି। ସାଉଦି ଆରବର ପ୍ରିନ୍ସ ସୁଲ୍‌ତାନ ଏୟାରବେସରେ କ୍ଷେପଣାସ୍ତ୍ର ମାଡ଼ କରି ଆମେରିକାର ପ୍ରଭୁତ୍ୱକୁ ହ୍ରାସ କରିଦେଇଛି। ଉପସାଗରୀୟ କ୍ଷେତ୍ରରେ ଆମରିକାର ଆଖି ପାଲଟି ଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ବିମାନକୁ ଧ୍ୱଂସ କରିଦେଇଛି। ଇରାନ ୬ ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ୨୦ ଡ୍ରୋନ ମାଡ଼ରେ ଏକ ବୋଇଂ ଇ-୩ ସେଣ୍ଟ୍ରି ବିମାନ ଦୁଇ ଫାଳ ହୋଇଯାଇଛି। ଏହା ଏକ ଏୟାରବୋର୍ଣ୍ଣ ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଏଡବ୍ଲ୍ୟୁଏସିଏସ) ବିମାନ ଥିଲା। ଏହା ଯୁଦ୍ଧ ସ୍ଥିତି ଉପରେ କଡ଼ା ନଜର ରଖିଥିଲା। ଏହି ବିମାନ ମାଧ୍ୟମରେ ଶତାଧିକ କିମି ଦୂରରୁ ଆସୁଥିବା ବିମାନ ଏବଂ କ୍ଷେପଣାସ୍ତ୍ର ଉପରେ ନଜର ରଖାଯାଉଥିଲା। ଏହା ସେନାକୁ ରିୟଲ-ଟାଇମ ସୂଚନା ଦେଉଥିଲା। ମାତ୍ର ଆମେରିକାର ଏହି ଆଖିକୁ ଧ୍ୱଂସ କରି ଇରାନ ଯୁଦ୍ଧରେ ଦୁଇ ପାଦ ଆଗକୁ ଚାଲି ଯାଇଛି। ଏହି ଆକ୍ରମଣ ଶୁକ୍ରବାର ହୋଇଥିଲା। ଏଥିରେ ୧୪ ଆମେରିକୀୟ ସୈନିକ ମଧ୍ୟ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି। ଆକ୍ରମଣରେ ଅନେକ ଇନ୍ଧନ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ରିପୋର୍ଟ ଅନୁଯାୟୀ, ଆକ୍ରମଣ ପୂର୍ବରୁ ଆମେରିକା ପାଖରେ ୧୬ଟି ଅପରେସନାଲ ଇ-୩ ସେଣ୍ଟ୍ରି ବିମାନ ଥିଲା। ଏହି ବିମାନର କୌଣସି ବିକଳ୍ପ ମଧ୍ୟ ନାହିଁ। ଏହି ବିମାନ ପ୍ରସ୍ତୁତ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୁଏ।

- ଇସ୍ରାଏଲ ରାସାୟନିକ କାରଖାନାରେ ଇରାନ ଆକ୍ରମଣ
- ଅସ୍ତ୍ରବିରତି ପଛରେ ଆମେରିକାର ସ୍ଥଳ ଅଭିଯାନ

ଗୋଟିଏ ଇ-୩ ସେଣ୍ଟ୍ରି ବିମାନର ମୂଲ୍ୟ ପ୍ରାୟ ୬୬୩୯ କୋଟି ଟଙ୍କା ହେବ। ଅନ୍ୟପଟେ ଦକ୍ଷିଣ ଇସ୍ରାଏଲର ହୋବାବ ଶିଳ୍ପାଞ୍ଚଳରେ ଥିବା ରାସାୟନିକ କାରଖାନା ଉପରେ ଆଜି ଇରାନ ଆକ୍ରମଣ କରିଛି। ଏହା ଦ୍ୱାରା କାରଖାନାରେ ନିଆଁ ଲାଗିଯାଇଛି। ଏଥିପାଇଁ ରାସାୟନିକ ନିର୍ଗତ ହେବାର ଭୟ ରହିଛି। ଏହାକୁ ଦେଖି ଲୋକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହାରି ମଧ୍ୟରେ ସ୍ଥଳ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ଆମେରିକାକୁ ଇରାନ ସଂସଦର ବାଚସ୍ପତି ମହମ୍ମଦ ବଘେର ଗାଲିବଫ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ବାହାରେ ଆଲୋଚନା କଥା କହୁଛି, କିନ୍ତୁ ଭିତରେ ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଏହି ଦେଶ ଯାହା ଯୁଦ୍ଧରେ ହାସଲ କରିପାରି ନାହିଁ, ସେଗୁଡ଼ିକୁ ଏବେ ଆଲୋଚନା ମାଧ୍ୟମରେ ହାସଲ କରିବାକୁ ଚେଷ୍ଟା କରୁଛି। ଆମେରିକାର ମୁକାବିଲା ପାଇଁ ଇରାନର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଆମେରିକୀୟ ସୈନିକମାନଙ୍କୁ ଅପେକ୍ଷା କରି ବସିଛି। ସେହିପରି ଆମେରିକା ସେନା ସାର୍କର ଭୋଜନ ହେବାକୁ ଆସୁଛନ୍ତି ବୋଲି ଇରାନ ସେନା ପକ୍ଷରୁ କୁହାଯାଇଛି। ଉତ୍ତେଜନା ମଧ୍ୟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଇରାନ ଅନେକ ଉପସାଗରୀୟ ଦେଶ ଏବଂ ଆମେରିକୀୟ ବାହିନୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରୁଛି। ଇସ୍ରାଏଲରେ କ୍ଷୟକ୍ଷତି କମ ହେଉଥିବାରୁ ଇରାନ ରଣନୀତି ବଦଳାଇ ଦେଇଛି। ଇରାନଠାରୁ ଇସ୍ରାଏଲର ଦୂରତା, ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ଏବଂ ଅତିରିକ୍ତ ସୁରକ୍ଷା କାରଣରୁ ତାହାର ପ୍ରତିରକ୍ଷା ଅଧିକ ମଜବୁତ ଦେଖାଯାଉଛି। ସେଥିପାଇଁ ଇରାନ ଏବେ ମଧ୍ୟପ୍ରାଚ୍ୟର ଅନ୍ୟ ଅଞ୍ଚଳଗୁଡ଼ିକରେ ଆକ୍ରମଣ ବୃଦ୍ଧି କରୁଛି।



### ଇରାନ ଉପରେ ସ୍ଥଳସେନା ଆକ୍ରମଣ ପାଇଁ ଆମେରିକାର ପ୍ରସ୍ତୁତି

## ହର୍ମୁଜ ପ୍ରଣାଳୀ, ଖାର୍ଗ ଦ୍ୱୀପକୁ ଦଖଲ କରିବାକୁ ଯୋଜନା

**ନୂଆଦିଲ୍ଲୀ/ୱାସିଂଟନ,୨୯ ।୩(ଏଜେନ୍ସି):** ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେଇ ପଞ୍ଚମ ସପ୍ତାହରେ ପହଞ୍ଚିଥିବା ବେଳେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ଇରାନ ବିରୋଧରେ ସ୍ଥଳଭାଗରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବଡ଼ ଧରଣର ପ୍ରସ୍ତୁତି ଚଳାଇଛି। ଆମେରିକାର ଜଣାଶୁଣା ଖବର କାଗଜ ୱାଶିଂଟନ ପୋଷ୍ଟ ଅନୁଯାୟୀ, ଆମେରିକା ସେନା ଇରାରନ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଏବଂ ହର୍ମୁଜ ପ୍ରଣାଳୀ ନିକଟସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରିବାକୁ ଯୋଜନା କରୁଛି। ଖାର୍ଗ ଦ୍ୱୀପରେ ଇରାନର ସବୁଠାରୁ ବଡ଼ ଟର୍ମିନାଲ ରହିଛି, ଯେଉଁଠାରେ ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ରପ୍ତାନୀ ହୋଇଥାଏ। ଏହାକୁ ଦଖଲ କରି ଆମେରିକା ଇରାନ ଉପରେ ଚାପ ପକାଇବାକୁ ଲକ୍ଷ୍ୟ ରଖିଛି। ଗତ ମାସରୁ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥକୁ ବନ୍ଦ କରିଦେଇଛି। ଏଠାରେ ଥିବା ଇରାନର ଅସ୍ତ୍ରଶସ୍ତ୍ର ନଷ୍ଟ କରିବା ପାଇଁ ଆମେରିକା ନିଜର ସ୍ପେଶାଲ ଫୋର୍ସ ବ୍ୟବହାର କରିପାରେ। ପ୍ରାୟ ୩,୫୦୦ ଜଣ ମରିନ୍ସ ସୈନ୍ୟଙ୍କୁ ଧରି ଯୁଦ୍ଧ ଜାହାଜ 'ୟୁଏସ୍ଏସ୍ ତ୍ରିପୋଲି' ମଧ୍ୟପ୍ରାଚ୍ୟରେ ପହଞ୍ଚି ସାରିଛି। ଏହା ଗତ ୨୦ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଆମେରିକାର ସବୁଠାରୁ ବଡ଼ ସାମରିକ ଠୁଳ ସାବ୍ୟସ୍ତ ହୋଇଛି। ଏଥିସହ ମଧ୍ୟପ୍ରାଚ୍ୟରେ ଆମେରିକାରେ ମୋଟ ସୈନ୍ୟ ସଂଖ୍ୟା ୫୦,୦୦୦ ଅତିକ୍ରମ କରିଛି। ଗତ ୨୦ ବର୍ଷ ମଧ୍ୟରେ ଆମେରିକାର ଏହା ସବୁଠାରୁ ବଡ଼ ସାମରିକ ପସ୍ତୁତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୋଜନାକୁ ଅନୁମତି ଦେବେ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଯଦି ଇରାନ ଯୁଦ୍ଧ ଶେଷ କରିବାକୁ ଚୁକ୍ତି ନ କରେ, ତେବେ ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କ ପାଇଁ ନର୍କର ଦ୍ୱାରା ଖୋଲିଦେବେ। ଅର୍ଥାତ ଇରାନ ଉପରେ ଭୟଙ୍କର ଆକ୍ରମଣ କରାଯିବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଖାର୍ଗ ଦ୍ୱୀପକୁ ଦଖଲ କରିବା ସହଜ ହୋଇପାରେ, କିନ୍ତୁ ସେଠାରେ ରହି ନିଜ ସୈନ୍ୟମାନଙ୍କୁ ସୁରକ୍ଷା ଦେବା ସବୁଠାରୁ ଚ୍ୟାଲେଞ୍ଜି ହେବ। ଏହି ଅପରେସନ ସପ୍ତାହ ସପ୍ତାହ ଧରି ଚାଲିବ। ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର ଉପକୂଳବର୍ତ୍ତୀ ଅଞ୍ଚଳରେ ଆମେରିକାର ସ୍ପେଶାଲ ଫୋର୍ସ ଚଢ଼ାଉ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ସେଠାରେ ଥିବା ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରିବା, ଯାହା ସାମୁଦ୍ରିକ ଜାହାଜଗୁଡ଼ିକୁ ଟାର୍ଗେଟ କରୁଛି। ଆମେରିକା ଖାର୍ଗ ଦ୍ୱୀପ ଦଖଲ କଲେ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିବ। ଏହାକୁ ଆମେରିକା ଭବିଷ୍ୟତର ଆଲୋଚନା ପାଇଁ 'ବାର୍ଗେନିଂ ଚିପ୍' ଭାବେ ବ୍ୟବହାର କରିବାକୁ ଚାହୁଁଛି।

**ଗତ ଦୁଇ ଦଶନ୍ଧିରେ ଆମେରିକାର ସବୁଠାରୁ ବଡ଼ ସାମରିକ ପ୍ରସ୍ତୁତି**

## ନେପାଳରେ ଛାତ୍ର ରାଜନୀତି ନିଷିଦ୍ଧ

**କାଠମାଣ୍ଡୁ,୨୯ ।୩(ଏଜେନ୍ସି):** ନେପାଳର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ବାଲେନ ଶାହାଙ୍କ ନେତୃତ୍ୱାଧୀନ ସରକାର ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷାକୁ ରାଜନୀତିରୁ ମୁକ୍ତ କରିବା ପାଇଁ ଏହା ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଉଛି। ଏଥିପାଇଁ ଦେଶରେ ଛାତ୍ର ରାଜନୀତିକୁ ନିଷିଦ୍ଧ କରାଯାଇଛି। ସ୍କୁଲ ଓ କଲେଜରେ ସବୁ ପ୍ରକାର ରାଜନୈତିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ରାଜନୈତିକ ଦଳ ସହ ଜଡ଼ିତ ଛାତ୍ର ସଂଗଠନଗୁଡ଼ିକୁ ୬୦ ଦିନରେ କ୍ୟାମ୍ପସ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ସ୍ଥାନରେ କେବଳ ଅଣ ରାଜନୈତିକ ଛାତ୍ର ପରିଷଦ ଗଠନ କରାଯିବ। ସେହପରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ପାରମ୍ପରିକ ପରୀକ୍ଷା ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ବିଦେଶୀ ନାମ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଚଳିତ ବର୍ଷ ସେମାନଙ୍କ ନାମ ପରିବର୍ତ୍ତନ କରି ନେପାଳୀ ନାମ ରଖିବାକୁ କୁହାଯାଇଛି। ଦସ୍ତାବିଜ ଅଭାବରୁ କାହାର ପାଠପଢା ନ ଅଟକାଇବା ପାଇଁ ଗ୍ରାଜୁଏସନ ପର୍ଯ୍ୟନ୍ତ ନେପାଳୀ ନାଗରିକତା ପ୍ରମାଣପତ୍ରର ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ୨୦୦୬ ପରଠାରୁ ଉଚ୍ଚ ପଦବୀରେ ଥିବା ବରିଷ୍ଠ ନେତା ଓ ଅଧିକାରୀଙ୍କ ସମ୍ପତ୍ତିର ଯାଞ୍ଚ୍ କରାଯିବ। ଏଥିପାଇଁ ୧୫ ଦିନ ମଧ୍ୟରେ କମିଟି ଗଠନ କରାଯିବ। ସେହିପରି ଗତବର୍ଷ ସେପ୍ଟେମ୍ବରରେ ହୋଇଥିବା ଜେନ-ଜେଡ୍ ଆନ୍ଦୋଳନରେ ମୃତ ୨୭ ଜଣ ଛାତ୍ରଙ୍କ ପରିବାର ପାଇଁ ସେମାନଙ୍କ ନିଜ ଜିଲ୍ଲାରେ ସରକାରୀ ଚାକିରି ନିଯୁକ୍ତି ନେଇ ଘୋଷଣା କରାଯାଇଛି। ଆସନ୍ତା ୩୫ ଦିନରେ ଯୋଗ୍ୟ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ।

**ଆସିଲା ନୂଆ ଶିକ୍ଷା ସଂସ୍କାର**

### ହର୍ମୁଜ ପରେ ଏବେ ମାଣ୍ଡେବ ପ୍ରଣାଳୀ ପାଲିଟିଛି ନୂଆ ବିପଦ

## ଭାରତର ୯୫% ବାଣିଜ୍ୟ ପ୍ରଭାବିତ ହେବା ଆଶଙ୍କା

**ନୂଆଦିଲ୍ଲୀ, ୨୯ ।୩ (ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ପୂର୍ବରୁ ଅବରୋଧ ହୋଇ ରହିଥିବା ବେଳେ ଏବେ ବାବ୍-ଅଲ-ମାଣ୍ଡେବ ତଥା ମାଣ୍ଡେବ ପ୍ରଣାଳୀକୁ ନେଇ ଚିନ୍ତା ବଢ଼ିଛି। ଯଦି ଇରାନ ସମର୍ଥନରେ ୟେମେନର ହୁତି ବିଦ୍ରୋହୀମାନେ ଏହି ପଥକୁ ବନ୍ଦ କରିଦିଅନ୍ତି, ତେବେ ବିଶ୍ୱ ବାଣିଜ୍ୟ ବିଶେଷ କରି ଭାରତ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ବାବ୍-ଅଲ-ମାଣ୍ଡେବ ହେଉଛି ଏକ ଆରବ ଭାଷାର ଶବ୍ଦ। ଏହାର ଅର୍ଥ ହେଉଛି ଗେଟ୍ ଅଫ୍ ଟିୟର୍ସ ବା ଲୁହର ଦ୍ୱାର। ଏହା ଲୋହିତ ସାଗରକୁ ଭାରତ ମହାସାଗର ସହ ଯୋଡିଥାଏ। ବିଶ୍ୱର ପ୍ରାୟ ୧୦-୧୨ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ ଏବଂ ୯ ପ୍ରତିଶତ ତୈଳ ପରିବହନ ଏହି ପଥ ଦେଇ ହୋଇଥାଏ। ଇଜିପ୍ଟର ସୁଏଜ କେନାଲକୁ ଯିବା ପାଇଁ ଏହା ଏକମାତ୍ର ଦକ୍ଷିଣ ଦ୍ୱାର। ଏହି ପ୍ରଣାଳୀଟି ମାତ୍ର ୨୯ କିମି ଓସାର, ଯାହା ଫଳରେ ଏଠାରେ ଜାହାଜଗୁଡ଼ିକୁ ସହଜରେ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇପାରିବ। ଭାରତ ପାଇଁ ସୃଷ୍ଟି ହୋଇଥିବା ଏହି ନୂଆ ସଙ୍କଟ ଅତ୍ୟନ୍ତ ସ୍ପର୍ଶକାତର। ଭାରତର ମୋଟ ବାଣିଜ୍ୟ ୯୫ ପତିଶତ ସାମୁଦ୍ରିକ ପଥରେ ହୋଇଥାଏ। ୨୦୨୨-୨୩ ଆର୍ଥିକ ବର୍ଷ ଅନୁଯାୟୀ, ଭାରତର ୫୦ ପ୍ରତିଶତ ରପ୍ତାନୀ ଓ ୩୦ ପ୍ରତିଶତ ଆମଦାନୀ ଏହି ଲୋହିତ ସାଗର ପଥ ଦେଇ ହୋଇଥାଏ। ଯଦି ଏହି ପଥ ବନ୍ଦ ହୁଏ, ଜାହଜାଗୁଡ଼ିକ ଆଫ୍ରିକା ଅର୍ଥାତ କେପ୍ ଅଫ୍ ଗୁଡ଼ ହୋପ ବା ଉତ୍ତମାଶା ଅନ୍ତରୀପ ଦେଇ ଯିବାକୁ ପଡ଼ିବ। ଏହା ଦ୍ୱାରା ଯାତ୍ରା ଅବଧି ୧୨-୧୫ ଦିନ ବଢ଼ିଯିବ ଓ ଇନ୍ଧନ ଖର୍ଚ୍ଚ ମଧ୍ୟ ବହୁତ ବଢ଼ିଯିବ। ହର୍ମୁଜ ଓ ବାବ-ଅଲ-ମାଣ୍ଡେବ ଉଭୟ ବନ୍ଦ ହେଲେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଆକାଶ ଛୁଆଁ ହେବାର ଯଥେଷ୍ଟ ଆଶଙ୍କା ରହିଛି।




### ନିର୍ବାଚନ ରଣନୀତି

## ୪ ରାଜ୍ୟର ମହିଳା ଭୋଟରଙ୍କ ପାଇଁ ୨୪,୦୦୦ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୨୯ ।୩(ଏଜେନ୍ସି):** ଆସନ୍ତା ମାସରେ ଦେଶର ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳଗୁଡ଼ିକ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ 'ନଗଦ ଟଙ୍କା ହସ୍ତାନ୍ତର'କୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ୪ଟି ପ୍ରମୁଖ ରାଜ୍ୟ ମିଳିତ ଭାବେ ପ୍ରାୟ ୨୪,୫୦୦ କୋଟି ଟଙ୍କା ସିଧାସଳଖ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ପଠାଉଛନ୍ତି। ଏହି କ୍ରମରେ ତାମିଲନାଡୁର ଡିଏମ୍‌କେ ସରକାର ଏକ ସ୍ୱତନ୍ତ୍ର ସମର ପ୍ୟାକେଜ ଅଧୀନରେ ମହିଳାମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଏଥିସହ ମାଗଣା ରେଫ୍ରିଜେରେଟର ଓ ଗ୍ୟାସ ସିଲିଣ୍ଡରର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ଆସାମର ବିଜେପି ସରକାର ବିହୁ ପର୍ବ ଅବସରରେ ମହିଳାମାନଙ୍କୁ ୪,୦୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। କେରଳର ବାମପନ୍ଥୀ ସରକାର 'ସ୍ତ୍ରୀ ସୁଖମ' ଯୋଜନା ମାଧ୍ୟମରେ ୧୦ ଲକ୍ଷ ମହିଳାଙ୍କୁ ମାସିକ ୧,୦୦୦ ଟଙ୍କା ଦେଇଛନ୍ତି। ସେହିପରି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରେ ଅର୍ଥରାଶିକୁ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ନଗଦ ସହାୟତା ରାଶି ଦେଉଥିବା ରାଜ୍ୟ ସଂଖ୍ୟା ୧ରୁ ୧୫କୁ ବୃଦ୍ଧି ପାଇଛି। ପ୍ରତିବର୍ଷ ୧୩ କୋଟିରୁ ଅଧିକ ମହିଳାଙ୍କୁ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କା ବଣ୍ଟାଯାଉଛି। ଝାଡ଼ଖଣ୍ଡ ଭଳି ରାଜ୍ୟ ନିଜର ଗ୍ରାମ୍ୟ ଉନ୍ନୟନ ବଜେଟ୍‌ର ୮୧ ପ୍ରତିଶତ ଏହି ଯୋଜନାଗୁଡିକରେ ଖର୍ଚ୍ଚ କରୁଛନ୍ତି। ନିର୍ବାଚନରେ ଗେମ୍-ଚେଞ୍ଜର ସାଜିଥିବା ପୂର୍ବ ଯୋଜନାଗୁଡ଼ିକ ମଧ୍ୟରେ ଓଡ଼ିଶା (୨୦୨୪)ର ସୁଭଦ୍ରା ଯୋଜନା ରହିଛି। ସେହିପରି ମଧ୍ୟପ୍ରଦେଶ (୨୦୨୩)ରେ ଲାଡ୍‌ଲୀ ବେହନା ଯୋଜନା। ଏହି ଯୋଜନା ମାଧ୍ୟମରେ ମାସିକ ୧,୨୫୦ ଟଙ୍କା ମହିଳାଙ୍କୁ ଦିଆଯାଉଥିଲା। ସେହିପରି ମହାରାଷ୍ଟ୍ରରେ ଲାଡ୍‌କି ବହିନ ଯୋଜନା। ଏହା ମାଧ୍ୟମରେ ମାସିକ ୧, ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହା ବ୍ୟତୀତ ଦଳଗୁଡ଼ିକ ଅନ୍ୟାନ୍ୟ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତାମିଲନାଡୁରେ ମାଗଣା ରେଫ୍ରିଜେରେଟର, ଶିକ୍ଷା ରଣ ଛାଡ଼ ଏବଂ ବର୍ଷକୁ ୩ଟି ମାଗଣା ଗ୍ୟାସ ସିଲିଣ୍ଡର ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ବିଧାନସଭା ନିର୍ବାଚନ: ପ୍ରାର୍ଥୀ ଘୋଷଣା କଲା ଟିଭିକେ ଓ କଂଗ୍ରେସ

**ଚେନ୍ନଇ/କୋଲକାତା, ୨୯ ।୩ (ଏଜେନ୍ସି):** ବିଧାନସଭା ନିର୍ବାଚନ ପାଇଁ ୫ ରାଜ୍ୟରର ରାଜନୀତି ସରଗରମ ରହିଛି। ଆଜି ଅଭିନେତା ବିଜୟଙ୍କ ନୂଆ ଦଳ ତାମିଲଗା ଭେଟ୍ରି କାଜାଗାମ (ଟିଭିକେ) ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଏବଂ କଂଗ୍ରେସ ପଶ୍ଚିମବଙ୍ଗ ନିମନ୍ତେ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। କଂଗ୍ରେସର ପ୍ରଥମ ତାଲିକାରେ ୨୮୪ ଜଣଙ୍କ ନାମ ରହିଛି। ଲୋକସଭା ନିର୍ବାଚନ ହାରିଥିବା ଅଧିର ରଞ୍ଜନଙ୍କୁ ବହରାମପୁରରୁ ପ୍ରାର୍ତୀ କରାଯାଇଛି। ସେହିପରି ତାମିଲନାଡୁରେ ବିଜୟ ନିଜେ ଦୁଇଟି ଆସନ ଚେନ୍ନଇର ପେରାମ୍ବୁର ଓ ତ୍ରିଚି ଇଷ୍ଟ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଏହି ଦୁଇଟି ଯାକ ଆସନ ବର୍ତ୍ତମାନ ଶାସକ ଡିଏମ୍‌କେ ଦଳ ଅଧୀନରେ ରହିଛି। ଟିଭିକେର ନିର୍ବାଚନ ସଙ୍କେତ ହେଉଛି 'ହୁଇସିଲ'। ଏହାକୁ ଏକ 'ହୁଇସିଲ' ବିପ୍ଳବ ବୋଲି ବିଜୟ ଅଭିହିତ କରିଛନ୍ତି। ତାମିଲନାଡୁର ୨୩୪ଟି ଆସନ ପାଇଁ ଆସନ୍ତା ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ବିଜୟଙ୍କ ଟିଭିକେ ଦଳ ରାଜ୍ୟର ସମସ୍ତ ୨୩୪ଟି ବିଧାନସଭା ଆସନରେ ନିଜର ପ୍ରାର୍ଥୀ ଦେବ। ନିଜର ପ୍ରଥମ ନିର୍ବାଚନ ପାଇଁ ବିଜୟ ବଡ଼ ଘୋଷଣା କରିଛନ୍ତି।

### ବେଙ୍ଗାଲୁରୁରେ ହୃଦୟବିଦାରକ ଘଟଣା

## ମା, ଭଉଣୀଙ୍କ ହତ୍ୟା ପରେ ପୁଅର ଆତ୍ମହତ୍ୟା ଉଦ୍ୟମ

**ବେଙ୍ଗାଲୁରୁ,୨୯ ।୩(ଏଜେନ୍ସି):** ବେଙ୍ଗାଲୁରୁ ଉପକଣ୍ଠରେ ଜଣେ ବ୍ୟକ୍ତି ନିଜ ମା', ଭଉଣୀ ଏବଂ ଭଣଜାର ଗଳାକାଟିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିବା ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏଥିରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ମୋହନ ଗୌଡ଼ା (୩୨) ମା' ଆଶା (୫୫) ଓ ଭଉଣୀ ବର୍ଷିତା (୩୪) ହତ୍ୟା କରିଥିଲେ। କିନ୍ତୁ ମୋହନ ଓ ବର୍ଷିତାଙ୍କ ୧୧ ବର୍ଷର ପୁଅ ମୟଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁଯାୟୀ, ମୋହନ ପ୍ରଥମେ ନିଜ ମା, ଭଉଣୀ ଏବଂ ଭଣଜାର ଗଳା କାଟିବା ପରେ ନିଜେ ସମାନ ଭାବେ ଆତ୍ମହତ୍ୟା ପାଇଁ ଚେଷ୍ଟା କରିଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଅତ୍ୟଧିକ ଆର୍ଥିକ ଋଣରୁ ପରିବାରଟି ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୋହନ ଚିଟ୍‌ଫଣ୍ଡ ବ୍ୟବସାୟରେ ଜଡ଼ିତ ଥିଲେ ଓ ତାଙ୍କ ଉପରେ ପ୍ରାୟ ୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଥିଲା। ଚରମ ପଦକ୍ଷେପ ନେବା ପୂର୍ବରୁ ପରିବାର ପକ୍ଷରୁ ଏକ ଭିଡ଼ିଓ ରେକର୍ଡ କରାଯାଇଥିଲା, ଯେଉଁଥିରେ ସେମାନେ ଆର୍ଥିକ ସଙ୍କଟ ଯୋଗୁଁ ଏଭଳି କରୁଥିବା କହିଥିଲେ। ଏହି ଭିଡ଼ିଓ ସେମାନେ ନିଜ ସମ୍ପର୍କୀୟଙ୍କୁ ପଠାଇଥିଲେ। ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇ ପୂରା ପରିବାର ନିଜ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଏସ୍‌ପି ଚନ୍ଦ୍ରକାନ୍ତ ଏମ୍‌ଭି କହିଛନ୍ତି ଯେ ଘଟଣା ଅଧିକ ତଦନ୍ତ ଜାରି ରହିଛି। ସମ୍ପର୍କୀୟମାନେ ଘରର ପଛ କବାଟ ବାଟେ ଭିତରକୁ ପଶି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମସ୍ତଙ୍କୁ ପାଇଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ।



### ଗୁଜରାଟରେ ଭୟଙ୍କର ହତ୍ୟାକାଣ୍ଡ

## ଧାର ସୁନା, ଟଙ୍କା ମାଗିବାରୁ ମହିଳାଙ୍କୁ ହତ୍ୟା କଲା ସହାୟିକା

**ପାଲନପୁର, ୨୯ ।୩ (ଏଜେନ୍ସି):** ଗୁଜରାଟର ପାଲନପୁରରେ ଜଣେ ମହିଳାଙ୍କୁ ତାଙ୍କ ପୂର୍ବତନ ସହାୟିକା ଅତି ନିର୍ମମ ଭାବେ ହତ୍ୟା କରିଛି। ପ୍ରାୟ ୧୫ ବର୍ଷର ପୁରୁଣା ସମ୍ପର୍କ ଓ ବନ୍ଧୁତାକୁ ଭୁଲି କେବଳ ଟଙ୍କା, ସୁନା ଲୋଭରେ ଏହି ଜଘନ୍ୟ କାଣ୍ଡ ଘଟାଇଛି। ମୃତ ମହିଳା ହେଉଛନ୍ତି ଶାନ୍ତି ବେନ ଅକେଡିୱାଲା। ସେ ମାର୍ଚ୍ଚ ୨୨ରୁ ନିଖୋଜ ଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ରେଖା ରାଠୋର। ରେଖା ପୂର୍ବରୁ ଶାନ୍ତିଙ୍କ ଘରେ କାମ କରୁଥିଲା ଓ ପରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ରେଖା ନିଜର ଆସବାବପତ୍ର ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରାୟ ବର୍ଷେ ତଳେ ରେଖାଙ୍କୁ ବ୍ୟବସାୟ ପାଇଁ ଶାନ୍ତି ବହୁ ପରିମାଣରେ ସୁନା ଗହଣା ଓ ନଗଦ ଟଙ୍କା ଧାର ଦେଇଥିଲେ। ଯେତେବେଳେ ଶାନ୍ତି ନିଜର ଟଙ୍କା, ସୁନା ଫେରସ୍ତ ମାଗିଥିଲେ, ରେଖା ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲେ। ମାର୍ଚ୍ଚ ୨୨ ତାରିଖ ରାତିରେ ଏକ ଆଲୋଚନା ବାହାନାରେ ଶାନ୍ତିଙ୍କୁ ରେଖା ନିଜ ଫର୍ଣ୍ଣିଚର ଦୋକାନକୁ ଡକାଇଥିଲେ। ସେଠାରେ ଶାନ୍ତିଙ୍କୁ ପ୍ରଥମେ ନିଶାଦ୍ରବ୍ୟ ଦିଆଯାଇଥିଲା ଏବଂ ପରେ ରେଖା ଓ ତାଙ୍କର ୪ ଜଣ ସହଯୋଗୀ ମିଶି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ହତ୍ୟା ପରେ ମୃତଦେହକୁ ଏକ ବସ୍ତାରେ ଭର୍ତ୍ତି କରି ପରିତ୍ୟକ୍ତ ଶୋ'ରୁମ୍‌ର ବେସ୍‌ମେଣ୍ଟରେ ଫିଙ୍ଗି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଶେଷରେ ଶବ ଜବତ କରିବା ସହ ଘଟଣାର ପର୍ଦ୍ଦାଫାସ କରିଥିଲା। ପୁଲିସ ରେଖା ଓ ତାଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଅନ୍ୟ ୩ଜଣଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଛି।



# ମୋଦୀଙ୍କ 'ମନ୍ କି ବାତ୍'ରେ ଓଡ଼ିଶାର ସୁଜାତା ଓ ଓମ୍‌ପ୍ରକାଶ

ସମ୍ବଲପୁର/ଡେରାବିଶ, ୨୯।୩(ସମିସ): 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୩୨ତମ ସଂସ୍କରଣରେ ଓଡ଼ିଶାର ସୁଜାତା ଭୂୟାଁ ଓ ଓମ୍‌ପ୍ରକାଶଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବର୍ତ୍ତମାନ ସମୟରେ ସମସ୍ତେ ଚାକିରି ପଛରେ ଗୋଡ଼ାଉଥିବା ବେଳେ ସମ୍ବଲପୁର ମୁଦିପଡ଼ାର ସାଧାରଣ ଗୃହିଣୀରୁ ସଫଳ ମାଛ ଚାଷୀ ଭାବେ ସୁଜାତା ନାରୀ ସଶକ୍ତୀକରଣର ଉଦାହରଣ ପାଲଟିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜଣେ ଗୃହିଣୀରୁ ପରିବାରର ସହାୟତା ପାଇଁ ନୂତନ କରି ସୁଜାତା ଭୂୟାଁ ମାଛ ଚାଷ ଆରମ୍ଭ କଲେ। ସେତେବେଳେ ପାଣିପାଗରେ ପରିବର୍ତ୍ତନ, ମାଛମାନଙ୍କ ଖାଇବା ବ୍ୟବସ୍ଥା ସହ ଘରର ଦାୟିତ୍ୱ ନିର୍ବାହ କରିବା ଭଳି ଅନେକ ଆହ୍ୱାନ ଥିଲା। କିନ୍ତୁ ସେ ତାଙ୍କ ଇଚ୍ଛାଶକ୍ତି ବଳରେ ୨-୩ବର୍ଷରେ ତାହାକୁ ଏକ ବ୍ୟବସାୟରେ ପରିଣତ କରିପାରିଥିଲେ। ଆଜି ତାଙ୍କ




**ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ: ଧର୍ମେନ୍ଦ୍ର**

ସଫଳତା ସମୁଦାୟର ମହିଳାମାନଙ୍କ ପାଇଁ ଆଶାର କିରଣ ପାଲଟିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ କଳା ଛାତ୍ର ଓମ୍ ପ୍ରକାଶ ରଥ ମହିଳା ବିକାଶ ଓ ସଶକ୍ତୀକରଣ ଶୀର୍ଷକରେ ପ୍ରବନ୍ଧ ଲେଖିଥିଲେ। ଓମ୍‌ପ୍ରକାଶଙ୍କ ପ୍ରବନ୍ଧରେ ପ୍ରଭାବିତ ପ୍ରଧାନମନ୍ତ୍ରୀ ଆଜି ତାଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ମନ କି ବାତ୍' କାର୍ଯ୍ୟକ୍ରମରେ ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ମୁଦିପଡ଼ା ଏଲ୍‌ଆଇସି କଲୋନୀର ମହିଳା ଚାଷୀ ସୁଜାତା ହୀରାକୁଦ ଜଳଭଣ୍ଡାରରେ ୩ଟି ପଞ୍ଜୁରିରେ ପଞ୍ଜୁରିଚାଷ (କେଜ୍ କଲ୍‌ଚର୍) ପ୍ରଣାଳୀରେ ସଫଳତାର ସହ ମାଛ ଚାଷ କରିଛନ୍ତି। ଏହି ଅବସରରେ ସୁଜାତା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ତାଙ୍କ ନାଁ ନେଇଥିବାରୁ ସେ ଖୁସି ଅନୁଭବ କରିବା ସହ ତାଙ୍କ ସଫଳତା ପାଇଁ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ମତ୍ସ୍ୟବିଭାଗକୁ ଧନ୍ୟବାଦ ଦେଇଛନ୍ତି।

# ନାବାଳିକା ସହାୟିକାକୁ ଚେଙ୍କ

ଭୁବନେଶ୍ୱର, ୨୯।୩ (ସମିସ): ରାଜଧାନୀରେ ପୁଣି ଏକ ଅମାନବୀୟ ଘଟଣା ଘଟିଛି। ଘରେ ଖଟାଉଥିବା ନାବାଳିକାକୁ ପିଠା ଖଡ଼ିକାରେ ଚେଙ୍କ ଦେଇଛନ୍ତି ମାଲିକାଣୀ। କାନ୍ଦି କାନ୍ଦି ଯାଉଥିବା ବେଳେ ଶିଶୁକନ୍ୟାକୁ ଉଦ୍ଧାର କରିଛି ରୁଚିକା ସମାଜ ମଙ୍ଗଳ ସଙ୍ଗଠନ।

ଅଭିଯୋଗ ଅନୁଯାୟୀ, ଚନ୍ଦ୍ରଶେଖରପୁର ଥାନା କୈଳାସ ବିହାରରେ ଅଞ୍ଚଳରେ ରହୁଥିବା ଉମେଶ ଚନ୍ଦ୍ର ସାମଲ ୨୦୨୦ ମସିହାରେ କେନ୍ଦୁଝର ଜିଲ୍ଲା ଘୋଡ଼ା ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ସାଥିରେ ଭୁବନେଶ୍ୱର ଆଣିଥିଲେ। ସେବେଠାରୁ ପ୍ରାୟ ୫ବର୍ଷ ହେବ କୈଳାସ ବିହାରସ୍ଥିତ ଘରେ ରଖି କାମଧନ୍ଦା କରାଉଥିଲେ। ନାବାଳିକାଜଣଙ୍କ କୌଣସି ଉପାୟ ନପାଇ ଘର ପୋଛାଠାରୁ ଆରମ୍ଭ କରି ରୋଷେଇବାସ, ବାସନମଜା ଯାଏଁ ସବୁ କାମ କରୁଥିଲା। ଉମେଶ ନାବାଳିକାର କାମ ବାବଦକୁ ମାସକୁ ୨ହଜାର ଟଙ୍କା ଲେଖାଏଁ ତାଙ୍କ ବାପାଙ୍କୁ ପଠାଇ ଆସୁଥିଲେ। କାମରେ କୌଣସି ଅବହେଳା ହେଲେ ଉମେଶଙ୍କ ପତ୍ନୀ କବିତା ନାବାଳିକାକୁ ଯାବତୀୟ ନିର୍ଯାତନା ଦେଉଥିଲେ। ଏମିତିକି, ବିଭିନ୍ନ ସମୟରେ ନିସ୍ଠୁକ ମାଡ଼ ମାରୁଥିଲେ। ନିକଟରେ, କବିତା ରୋଷେଇ କରୁଥିବା ବେଳେ ନାବାଳିକାଜଣଙ୍କ କାମ କରୁଥିଲେ। କୌଣସି କଥାକୁ ନେଇ ସେ ନାବାଳିକା ଉପରେ ବିରକ୍ତ ହୋଇ ଗରମ ପିଠା ଖଡ଼ିକାରେ ନାବାଳିକାର ବାମ ହାତକୁ ଚେଙ୍କ ଦେଇଥିଲେ। ଥରେ କି ଦୁଇଥର ନୁହେଁ, ପ୍ରାୟ ୧୦ଥର ଚେଙ୍କ ଦେଇଥିଲେ। ସେହିପରି ଆଜି ସକାଳୁ କବିତା କୌଣସି କଥାକୁ ନେଇ ନାବାଳିକାକୁ ନିସ୍ଠୁକ ପିଟିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ନାବାଳିକାଜଣକ ଘରୁ ଦୌଡ଼ି ପଳାଇ ଆସିଥିଲା। ରାସ୍ତାରେ କାନ୍ଦିକାନ୍ଦି ଯାଉଥିବା ବେଳେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ ମହାରଣା ସ୍ଥାନୀୟ ଲୋକଙ୍କ ସହାୟତାରେ ନାବାଳିକାକୁ ଉଦ୍ଧାର କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଇବା ପରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ଙ୍କ ନିକଟରେ ହାଜର କରାଯାଇଥିଲା। ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାକୁ କୋଳଥିଆସ୍ଥିତ ମୁକ୍ତ ଆଶ୍ରୟସ୍ଥଳ ବିଶ୍ୱଜୀବନ ସେବା ସଂଘରେ ରଖାଯାଇଛି।


ଥାନାରେ ମାମଲା; ଦମ୍ପତି ଅଟକ

ଚନ୍ଦ୍ରଶେଖରପୁର ଥାନା ପୁଲିସ ନିଜ ଆଡୁ ମାମଲା ରୁଜୁ କରିଥିବା ବେଳେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ମଧ୍ୟ ଏତଲା ଦିଆଯାଇଛି। ଘର ମାଲିକ ଉମେଶ ଓ ପତ୍ନୀ କବିତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।


ଶ୍ରୀମନ୍ଦିର ସାମ୍ନାରେ ରବିବାରିଆ ଭିଡ଼

# ବିଜେପି ନେତାଙ୍କୁ 'ସାତ ଖୁନ୍ ମାଫ୍'

## ରାସ୍ତାରେ ଗୁଳି ଫୁଟାଇ ନିଧଡ଼କ ବୁଲୁଛନ୍ତି ଟିଟିଲାଗଡ଼ ବିଧାୟକ ନବୀନ ଜୈନ

ଭୁବନେଶ୍ୱର, ୨୯।୩ (ସମିସ): ରାମନବମୀରେ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ସର୍ବସାଧାରଣରେ ଫାଙ୍କା ଗୁଳିଚାଳନା ଘଟଣା ଏବେ ରାଜ୍ୟ ପ୍ରସଙ୍ଗ ହୋଇନାହିଁ। ଏହା ଜାତୀୟ ପ୍ରସଙ୍ଗ ହୋଇଛି, ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନ ଜୈନଙ୍କ ଗୁଳି ଚାଳନା ଭିଡିଓ ପୋଷ୍ଟ କରି ଓଡ଼ିଶାର ଆଇନ ଶୃଙ୍ଖଳା ସମ୍ପର୍କରେ ପ୍ରଶ୍ନ ଉଠାଉଛନ୍ତି। ପୂର୍ବରୁ ୟୁପି ବିହାର ଆଦିରେ ଏଭଳି ଘଟଣା ଘଟୁଥିବା ବେଳେ ଓଡ଼ିଶାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ ଏଯାଏଁ ଚୁପ୍ ବସିଛି। ଅନ୍ୟପକ୍ଷରେ ନର୍ଲା ବିଧାୟିକାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ଧମକ ଅଭିଯୋଗ ମାମଲାରେ କଳାହାଣ୍ଡି ପୁଲିସ ବିଧାୟିକା ମନୋରମା ମହାନ୍ତିଙ୍କ ରାଜଧାନୀସ୍ଥିତ ସରକାରୀ ବାସଭବନରେ ପଶି ତାଙ୍କ ଛୋଟ ଝିଅ ଓ ଘରୋଇ ପରିଚାରିକାଙ୍କୁ ଧମକଚମକ ଦେଇଛି। ରାଜ୍ୟରେ ଆଇନ ଓ କାନୁନ ବ୍ୟବସ୍ଥାରେ ଏ ପ୍ରକାର ଦ୍ୱୈତ ବିଚାରବୋଧ ସିଧାସଳଖ ବିରୋଧୀଙ୍କ ପ୍ରତି ରାଜନୈତିକ ଅସୂୟାକୁ ସୂଚାଉଥିବା ଅଭିଯୋଗ ହୋଇଛି।

କେବଳ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ନୁହନ୍ତି, ଅନେକ ବିଜେପି ନେତା ବିଭିନ୍ନ ସମୟରେ ଆଇନକୁ ହାତକୁ ନେଇଥିବା ଅଭିଯୋଗ ହୋଇଛି। ରାଜଧାନୀରେ ବିଏମ୍‌ସି ଅତିରିକ୍ତ କମିଶନରଙ୍କ ତାଙ୍କ କାର୍ଯ୍ୟାଳୟରୁ ଭିଡ଼ି ରାସ୍ତାରେ

**ରାଜନଗର ବିଡିଓଙ୍କୁ ଆକ୍ରମଣ ପରେ ଏସିଏଫ୍‌ଙ୍କୁ ବିଜେପି ନେତାଙ୍କ ଧମକ**

**ବିଜେପି ନେତାଙ୍କ ଭାଇଙ୍କ ବିରୋଧରେ ବି ହେଲାନାହିଁ କାର୍ଯ୍ୟାନୁଷ୍ଠାନ**

**ଏଏସ୍‌ଓ ମାଡ଼ ଘଟଣାରେ ଏଯାଏ ହାତବାନ୍ଧି ବସିଛନ୍ତି ରାଜ୍ୟ ସରକାର**

**ଧମକ ଅଭିଯୋଗରେ ଏପଟେ ନର୍ଲା ବିଧାୟିକାଙ୍କ ଘରେ ପଶିଲା ପୁଲିସ**

**ନିଜ ଦଳର ମନ୍ତ୍ରୀ ଓ ବିଧାୟକଙ୍କୁ ବାନ୍ଧିବାକୁ ବି ପଛାଇ ନ ଥିଲେ ନବୀନ**

ମାଡ଼ ହୋଇଛି। ରାଜନଗରରେ ବିଜେପିର ଜଣେ ବିଧାୟକ ପ୍ରାର୍ଥୀ ବ୍ଲକ୍ ଅଫିସରେ ବିଡ଼ିଓଙ୍କୁ ଆକ୍ରମଣ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ, ଓଲଟି ବିଡ଼ିଓଙ୍କୁ ବଦଳାଇ ଦିଆଗଲା। ପୁରୀ ଜିଲ୍ଲାରେ ଜଣେ ବିଜେପି ନେତାଙ୍କ ଭାଇ ଜଣେ ଛୋଟ ପିଲା ଗଳାରେ ସିଲଟ ବାନ୍ଧି ନିର୍ଯାତନା ଦେଲେ, ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଜଣେ ସରକାରୀ ଅଧିକାରୀଙ୍କୁ ତତ୍କାଳୀନ ରାଜ୍ୟପାଳ ତଥା ବର୍ତ୍ତମାନ ଝାଡ଼ଖଣ୍ଡ ବିଜେପିର ନେତାଙ୍କ ପୁଅ ମାଡ଼ ମାରିଥିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସର ହାତ ଗଲା ନାହିଁ। ବିଜେଡିର ଜଣେ ନାରୀ ନେତ୍ରୀଙ୍କୁ ନୀଳଗିରି ବିଧାୟକଙ୍କ ଅଶାଳୀନ ଟିପ୍ପଣୀ ସଂକ୍ରାନ୍ତ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପକ୍ଷରେ ବିଜେଡି ବା କଂଗ୍ରେସର ଯଦି କେହି କାହାକୁ ଫୁଙ୍କି ଦେଉଛନ୍ତି ବା କାହା ପ୍ରତି କିଛି ଟିପ୍ପଣୀ ଦେଉଛନ୍ତି, ସଙ୍ଗେସଙ୍ଗେ ପୁଲିସ ସକ୍ରିୟ ହୋଇ ଯାଉଛି। ଗିରଫ କରିବାକୁ ଅଣ୍ଟା ଭିଡ଼ି ବାହାରି ପଡୁଛି।

ପୂର୍ବରୁ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ତାଙ୍କରି ଦଳର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଏକାଧିକ ବିଧାୟକ ଜେଲ ଭୋଗିଥିଲେ। ତତ୍କାଳୀନ ମନ୍ତ୍ରୀ ରଘୁନାଥ ମହାନ୍ତି, ପ୍ରଦୀପ ମହାରଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପାଟଣାଗଡ଼ ବିଧାୟକ ସରୋଜ ମେହେର ପ୍ରମୁଖ ଗିରଫ ହୋଇଥିଲେ। ନିଜର ଏକାଧିକ ମନ୍ତ୍ରୀ, ବିଧାୟକ ସମେତ ସାଂଗଠନିକ ସ୍ତରରେ କାର୍ଯ୍ୟ କରୁଥିବା ବହୁ ନେତାଙ୍କ ଗିରଫ ହୋଇଛନ୍ତି। ଏଥିପାଇଁ ସାଂଗଠନିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ରାଜ୍ୟରେ ଆଇନର ଶାସନ ଓ ଆଇନ ଆଗରେ ସମସ୍ତ ସମାନ ବୋଲି ସୁନିଶ୍ଚିତ କରିବାରେ ନବୀନ ଆଦୌ ଅବହେଳା କରିନାହାନ୍ତି।

ହେଲେ ବର୍ତ୍ତମାନ ସ୍ଥିତିରେ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହୁଥିବା ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ବିଜେପି ବିଧାୟକ ସର୍ବସମ୍ମୁଖରେ ଆଇନକୁ ନିଜ ହାତକୁ ନେଇଥିଲେ ମଧ୍ୟ ତାଙ୍କ ଗିରଫଦାରୀ ହୋଇପାରୁ ନାହିଁ। ପୁଲିସ କହୁଛି, ତାଙ୍କ ବନ୍ଧୁକ ଜବତ ହୋଇଛି ଓ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହୋଇଛି। ମାତ୍ର ମାମଲା ରୁଜୁ ପରେ ମଧ୍ୟ ତାଙ୍କୁ ଗିରଫ କରିବାକୁ କେଉଁ ଅଦୃଶ୍ୟ ଚାପ କାମ କରୁଛି, ତାକୁ ନେଇ ପ୍ରଶ୍ନ ଉଠିଛି। ରାଜନଗରରେ ପରାଜିତ ବିଧାୟକ ପ୍ରାର୍ଥୀ ବିଡ଼ିଓଙ୍କ କ୍ୟାବିନ୍‌ରେ ପଶି ଧମକ ଦେବା ଓ ଲାପଟପ୍ ଭାଙ୍ଗିଦେବା ପରେ ମଧ୍ୟ ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ସମ୍ପୃକ୍ତ ରାଜନେତା ଏବେ ରାଜନଗର ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ମଧ୍ୟ ବିରୋଧ କରି ବନ ବିଭାଗ କର୍ମଚାରୀଙ୍କୁ ପରୋକ୍ଷରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି।

ନିକଟରେ ନର୍ଲା ବିଧାୟକଙ୍କ ସ୍ୱାମୀଙ୍କ ନାମରେ ଏକ ଏଫ୍‌ଆଇଆର୍‌କୁ ଆଧାର କରି ପୁଲିସ ବିଧାୟକଙ୍କ କ୍ୱାର୍ଟର୍ସରେ ପଶିଯିବାକୁ ମଧ୍ୟ ଭୟ କରିନାହିଁ। ଜଣେ ମହିଳା ବିଧାୟକଙ୍କ କ୍ୱାର୍ଟର୍ସରେ ପୁଲିସ ପହଞ୍ଚି ତାଙ୍କ ସ୍ୱାମୀ ତଥା ବିଜେଡି ନେତାଙ୍କୁ ଧରିବାକୁ ଉଦ୍ୟମ କରିଛି। ଯାହା ପୁଲିସର ଭୂମିକା ଓ ଶାସକ ଦଳର ନୀତିକୁ ସିଧାସଳଖ କାଠଗଡ଼ାରେ ଠିଆ କରାଇଛି।

## ଅପା-ଭାଇନା ଲଢ଼େଇ ତୀବ୍ର

# ପ୍ରଭାତୀଙ୍କ ବିରୋଧରେ ସମୀରଙ୍କ ଯୁଦ୍ଧଂ ଦେହି ଡକରା

ନିମାପଡ଼ା, ୨୯।୩(ସମିସ): ଅଳ୍ପ କିଛି ଦିନର ବ୍ୟବଧାନ ପରେ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଜେପି ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧ ଏବେ ଭୟଙ୍କର ରୂପ ନେଇଛି। ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାମନାଳଠାରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏକ କର୍ମକର୍ତ୍ତା ବୈଠକରେ ସମୀରଙ୍କ ସମର୍ଥକ ତଥା ସ୍ଥାନୀୟ ଲୋକପ୍ରତିନିଧି ଓ କାର୍ଯ୍ୟକର୍ତ୍ତାମାନଙ୍କ ସହ ନିଜେ ସମୀର ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କୁ ପାନେ ଚଖେଇବା ପାଇଁ ସଂକଳ୍ପ ନେଇଛନ୍ତି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ସମୀର ଓ ତାଙ୍କ ଶହଶହ ସମର୍ଥକ ବିଜେପିରେ ଯୋଗଦେବା ପରେ ପ୍ରଭାତୀଙ୍କ ବିଜୟ ସୁନିଶ୍ଚିତ ହୋଇଥିଲା। ପ୍ରଭାତୀ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦୁଇ ସପ୍ତାହ ପରେ ସମୀର ଓ ତାଙ୍କ ସମର୍ଥକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ପ୍ରଭାତୀ ବିଜୟଲାଭ କରିବା ପରେ ସମୀରଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଭାତୀ ସମୀରଙ୍କ ସାନଭାଇଙ୍କୁ ଫୋନ୍ କରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରଠାରୁ ସମୀର ଓ ପ୍ରଭାତୀଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ବୋଲି ସମୀର କହିଥିଲେ। କିନ୍ତୁ ଏ ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କୁ ସମୀର ବାରମ୍ବାର ଅବଗତ କରାଇବା ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଆହୁରି ତୀବ୍ର ହେବାରେ ଲାଗିଥିଲା। ଏହି ବୈଠକରେ ସମୀର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କ ପ୍ରାର୍ଥୀଙ୍କୁ ବିରୋଧ କରି ସମୀରଙ୍କ ସମର୍ଥକ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ।



- ନିଜ ସମର୍ଥକଙ୍କୁ ନେଇ ଦଳୀୟ ବୈଠକ କଲେ ସମୀର
- ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କ ପ୍ରାର୍ଥୀଙ୍କୁ ବିରୋଧ ଚେତାବନୀ

ବୈଠକରେ ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ୧୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପଞ୍ଚାୟତ ବରିଷ୍ଠ ନେତୃତ୍ୱ ବିଶ୍ୱଜିତ ଛୋଟରାୟ, ରଞ୍ଜନ କୁମାର ଭୋଇ, ସମବାୟ ସମିତି ସଭାପତି ସନ୍ତୋଷ ମହାପାତ୍ର, ଅକ୍ଷୟ କୁମାର ଛୋଟରାୟ, ଆଲୋକ ନାୟକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

- ଜମି କିସମ ପରିବର୍ତ୍ତନ ପାଇଁ ୩୦ ହଜାର ଲାଞ୍ଚ

# ଭିଜିଲାନ୍ସ ଜାଲରେ ଆର୍‌ଆଇ

କଟକ, ୨୯।୩ (ସମିସ): ଜମିଜମା କାର୍ଯ୍ୟରେ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ପାଇଁ ଲାଞ୍ଚ ଦାବି କରି ଶେଷରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ସରକାରୀ ଅଧିକାରୀ। କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ରାଜସ୍ୱ ନିରୀକ୍ଷକ (ଆରଆଇ) ରାଜାରାମ ଓରଫ ରାଜୁରାମ ବାନ୍ଦ୍ରାଙ୍କୁ ଆଜି ଓଡ଼ିଶା ଭିଜିଲାନ୍ସ ବିଭାଗ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଛି। ସୂଚନା ଅନୁଯାୟୀ, ଜଣେ ଜମି ମାଲିକ ନିଜର ପତିତ ଜମିକୁ ଘରବାରି କିସମକୁ ପରିବର୍ତ୍ତନ କରିବା ପାଇଁ ଗତ ୧୦ ତାରିଖରେ ଅନଲାଇନ୍‌ରେ ମ୍ୟୁଟେସନ୍ ଆବେଦନ କରିଥିଲେ। ମାତ୍ର ଏହି କାର୍ଯ୍ୟ ପାଇଁ ଆରଆଇ ଶ୍ରୀ ବାନ୍ଦ୍ରା ତାଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିବା ସହ ଟଙ୍କା ନ ଦେଲେ ଅନୁକୂଳ ରିପୋର୍ଟ ଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ ଜମି ମାଲିକଜଣଙ୍କ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବା ପରେ ଆଜି ଏକ ଯୋଜନାବଦ୍ଧ ଭାବେ ଟ୍ରାପ୍ ପ୍ରସ୍ତୁତ କରାଯାଇଥିଲା। ଆର୍‌ଆଇ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କ ହାତ ଓ ପ୍ୟାଣ୍ଟ ପକେଟ୍‌ର କେମିକାଲ ଟେଷ୍ଟ କରାଯାଇଥିଲା, ଯାହା ପଜିଟିଭ୍ ଆସିଥିଲା। ଏହି ଘଟଣା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ଅଭୟପୁରସ୍ଥିତ ବାସଭବନ ଓ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରାଯାଇଛି।



# ଜଙ୍ଗଲ ବିଭାଗରେ 'ଜଙ୍ଗଲୀ' ନୀତି

## ଭୂତ ସବ୍‌ଡିଭିଜନ୍‌କୁ ଏସିଏଫ୍‌ଙ୍କ ବଦଳି

ବାଲେଶ୍ୱର, ୨୯।୩(ସମିସ): ଓଡ଼ିଶା ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଏକ ଅଧିକୃତ ବିଜ୍ଞପ୍ତିକୁ ନେଇ ଏବେ ବଡ଼ ବିବାଦ ସୃଷ୍ଟି ହୋଇଛି। ସରକାରୀ ଚିଠି ଓ ଭିତ୍ତିଭୂମିସ୍ତରର ତଥ୍ୟ ମଧ୍ୟରେ ତାଳମେଳ ଖାଉ ନଥିବାର ଅଭିଯୋଗ ହୋଇଛି। ବାଲେଶ୍ୱର ବନବିଭାଗ କାର୍ଯ୍ୟାଳୟରୁ ଜଣେ ଅଧିକାରୀଙ୍କ ବଦଳିକୁ ୧୦ମାସ ବିତିଥିଲେ ସୁଦ୍ଧା ସେ ବଦଳି ହୋଇଥିବା ସ୍ଥାନକୁ ଯାଉ ନାହାନ୍ତି। ସେ ଏବେ ବି ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଅଛନ୍ତି। କିନ୍ତୁ, ସରକାରୀ ୱେବସାଇଟ୍‌ରୁ ଅଧିକାରୀଜଣଙ୍କ ଯାଜପୁର ଜିଲ୍ଲା କଳିଙ୍ଗନଗରରେ କେନ୍ଦୁଲିଫ ସବ୍-ଡିଭିଜନରେ ଏସିଏଫ୍ ଭାବେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିବା ଉଲ୍ଲେଖ ହୋଇଛି। ଏହାଠୁ ଅଧିକ ଚକିତ କରିଛି ଅଧିକାରୀଙ୍କ ମନ୍ତବ୍ୟ। କଳିଙ୍ଗନଗରରେ କେନ୍ଦୁଲିଫ୍ ସବ୍-ଡିଭିଜନ୍ ବୋଲି କିଛି ଅଫିସ୍ ନାହିଁ। ବିନା ଅଫିସରେ କେଉଁଠି ଜଏନ୍ କରିବେ ବୋଲି କହି ସେ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି।

କେନ୍ଦୁପତ୍ର ତୋଳାଳି କେନ୍ଦୁପତ୍ରକୁ ବିକ୍ରି କରିବାରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିଲେ। ବିଭିନ୍ନ ଦଲାଲ ମାଧ୍ୟମରେ କମ୍ ମୂଲ୍ୟରେ କେନ୍ଦୁପତ୍ର ତୋଳାଳିମାନଙ୍କଠାରୁ କିଣି ବିଭିନ୍ନ କମ୍ପାନୀ ମାଲେମାଲ ହେଉଥିଲେ। କେନ୍ଦୁପତ୍ର ବିକ୍ରିବଟା ଉପରେ ଧ୍ୟାନ ଦେଇ ଜଙ୍ଗଲ ନିକଟରେ ରହୁଥିବା ବ୍ୟକ୍ତିବିଶେଷ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି କିଭଳି ସ୍ୱାବଲମ୍ବୀ ହୋଇପାରିବ, ସେନେଇ କେନ୍ଦୁଲିଫ ଯୋଜନାକୁ ସରକାର ହାତକୁ ନେଇଛନ୍ତି। ଏନେଇ ରାଜ୍ୟରେ ଏକାଧିକ କେନ୍ଦୁଲିଫ୍ ଡିଭିଜନ୍ ଓ ସବ୍-ଡିଭିଜନ୍ ଖୋଲିଛନ୍ତି। ଗତ ୨୦୨୫ ଜୁନ୍ ୫ରେ ରାଜ୍ୟ ସରକାରଙ୍କ ଓଡ଼ିଶା ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚିଠି ନମ୍ବର ୧୩୬୯୨ ବଳରେ ୧୬ ଜଣ ଅଧିକାରୀଙ୍କ ବଦଳି ହୋଇଥିଲା। ଏହି ବଦଳି ନିର୍ଦ୍ଦେଶରେ ୬ ନମ୍ବର ସ୍ଥାନରେ ଥିଲେ ବାଲେଶ୍ୱର ଫରେଷ୍ଟ ଡିଭିଜନ୍‌ର ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ। ତାଙ୍କୁ ଯାଜପୁର ଜିଲ୍ଲା କଳିଙ୍ଗନଗରରେ କେନ୍ଦୁଲିଫ ସବ୍-ଡିଭିଜନକୁ ଏସିଏଫ ଭାବେ ବଦଳି କରାଯାଇଥିଲା। ଏହି ବଦଳି ନିର୍ଦ୍ଦେଶକୁ ଦୀର୍ଘ ୧୦ ମାସ ବିତିଥିଲେ ସୁଦ୍ଧା ବାଲେଶ୍ୱର ଡିଭିଜନର ଜିଲ୍ଲା ବନ ଅଧିକାରୀ ତାଙ୍କୁ ରିଲିଭ କରିନାହାନ୍ତି। ଫଳରେ ସେ ଏବେ ବି ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଅଛନ୍ତି। ଏସିଏଫ୍ ଶ୍ରୀ ଚାନ୍ଦଙ୍କ ଅଭିଯୋଗ ମୁତାବକ, ଯାଜପୁର କଳିଙ୍ଗନଗରରେ କେନ୍ଦୁଲିଫ ସବ୍-ଡିଭିଜନ୍ ହିଁ ନାହିଁ। ସେଥିପାଇଁ ମୁଁ ସେଠାରେ କାର୍ଯ୍ୟରେ ଯୋଗ ଦେଇନାହିଁ। ବିଭାଗ ପକ୍ଷରୁ ସେକ୍ସନ୍ ନଥିବା ସ୍ଥାନକୁ ଭୁଲବଶତଃ ଅର୍ଡର୍ ପ୍ରକାଶ ପାଇଛି ବୋଲି ସଫେଇ ଦେଇଛନ୍ତି। ଏହାକୁ ରୋଚକ କରିଛି ରାଜ୍ୟ ସରକାରଙ୍କ ବନ ବିଭାଗ ମୁଖ୍ୟାଳୟର ସରକାରୀ ୱେବସାଇଟର ତଥ୍ୟ।

ଯାଜପୁର କଳିଙ୍ଗନଗରରେ କେନ୍ଦୁଲିଫ ସବ୍-ଡିଭିଜନ୍‌ରେ ଏସିଏଫ ଦିଗନ୍ତ ଶୋଭନ ଚାନ୍ଦ ୨୦୨୫ ଜୁନ୍ ୫ତାରିଖଠାରୁ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିବାର ଦର୍ଶାଯାଇଛି। ଏସିଏଫ୍ ସେଠାରେ ସବ ଡିଭିଜନ ନଥିବାର କହୁଥିବା ବେଳେ ବିଭାଗ ଅର୍ଡର କରିବା ଏବଂ ୱେବସାଇଟରେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିବାର ଦର୍ଶାଉଥିବା ବେଳେ ଅଧିକାରୀଜଣକ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଅଛନ୍ତି। କିଏ ସତ କହୁଛି, ତାହାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ୱେବସାଇଟ୍‌ରେ ଭୁଲ୍ ତଥ୍ୟ ଫଟୋ ସହ ଅପଲୋଡ୍ କରାଯିବାକୁ ନେଇ ବିଭାଗର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି।

ଏ ସଂପର୍କରେ ବାଲେଶ୍ୱର ଜିଲ୍ଲା ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ଯାଜପୁର କେନ୍ଦୁଲିଫ୍ ସବ୍-ଡିଭିଜନ୍ ନାହିଁ। ସରକାରଙ୍କ ପକ୍ଷରୁ ଭୁଲ ଅର୍ଡର ବାହାରିଥିଲା। ସବ୍-ଡିଭିଜନ୍ ନଥିବାରୁ ତାଙ୍କୁ ରିଲିଭ କରାଯାଇନାହିଁ।

## ସରକାର ଓ ପୁଲିସ ବିରୋଧରେ ସାଂଘାତିକ ଅଭିଯୋଗ

# କ୍ରସ୍ ଭୋଟିଂ ନ କରିବାରୁ ବିଜେଡି ବିଧାୟିକାଙ୍କୁ ନିର୍ଯାତନା

ଭୁବନେଶ୍ୱର, ୨୯।୩ (ସମିସ): ରାଜ୍ୟସଭା ନିର୍ବାଚନରେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତି ବିଜେପିର ଚାପ ଆଗରେ ମୁଣ୍ଡ ନ ନୁଆଁଇ କ୍ରସ୍ ଭୋଟିଂ କରିନଥିଲେ। ଫଳରେ ତାଙ୍କ ବିରୋଧରେ ବିଜେପି ପୁଲିସ ଲଗାଇ ନିର୍ଯାତନା ଦେବା ସହ ପ୍ରତିଶୋଧ ପରାୟଣ ହୋଇ ରାଜନୈତିକ ଅଭଦ୍ରାମୀର ସୀମା ଲଂଘୁଛି ବୋଲି ବିଜୁ ଜନତା ଦଳ। ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ବିଧାନସଭା ଚାଲିଥିଲା ବେଳେ ବାଚସ୍ପତିଙ୍କ ବିନା ଅନୁମତିରେ ଜଣେ ବିଧାୟିକାଙ୍କ ପଦମର୍ଯ୍ୟାଦା କ୍ଷୁଣ୍ଣ କରି ତାଙ୍କ ସରକାରୀ ବାସଭବନକୁ ବଳପୂର୍ବକ ପୁଲିସ ପଶିବା ନିନ୍ଦନୀୟ। ଏହି ଘଟଣାର ପ୍ରଚ୍ଛଦପଟରେ କିଏ ରହିଛି, ତାହା ସାର୍ବଜନୀନ ହେବା ଆବଶ୍ୟକ।

ବିଧାୟିକା ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ତାଙ୍କ ଅନୁପସ୍ଥିତିରେ ଝିଅ ଓ ମହିଳା ସହାୟିକାଙ୍କ ପ୍ରତି ପୁଲିସର ଦୁର୍ଭାଗ୍ୟଜନକ ଆଚରଣକୁ ନିନ୍ଦା କରିବା ପାଇଁ ଭାଷା ନାହିଁ। ଜଣେ ବିଧାୟିକା ଭାବେ ନିଜ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବାରେ ମୁଁ ସମର୍ଥ ହୋଇପାରୁନାହିଁ। ଦେଢ଼ ମାସ ତଳେ ଗୋଟିଏ ଗାଁର ରାଜସ୍ୱ ମାମଲା ନେଇ ତହସିଲଦାରଙ୍କୁ ମୋ ସ୍ୱାମୀ ଫୋନ କରିଥିଲେ। ରାଜ୍ୟସଭା ନିର୍ବାଚନର ପୂର୍ବ ଦିନ ମୋ ସ୍ୱାମୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା ଏବଂ ଆଜି ମୋ ଅନୁପସ୍ଥିତିରେ ମୋ ସରକାରୀ ବାସଭବନକୁ ସାଧା ପୋଷାକଧାରୀ ପୁଲିସ ବଳପୂର୍ବକ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଅନୁରୋଧ କରୁଛି ବିନା ମହିଳା ପୁଲିସରେ ମୋ ବାସଭବନକୁ ବଳପୂର୍ବକ ପୁରୁଷ ପୁଲିସ ପଶିବା ଘଟଣାରେ ମୋତେ ନ୍ୟାୟ ଦିଆଯାଉ। ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଥିଲେ, ରାଜ୍ୟରେ ଦିନକୁ ୪ହତ୍ୟା, ୮ ଦୁଷ୍କର୍ମ, ଚୋରି, ଡକାୟତି ଓ ଟ୍ରାଫିକ୍ ସମସ୍ୟା ବଢ଼ି ଚାଲିଥିଲା ବେଳେ ପୁଲିସ ଲଗାଇ ବିଜେଡି ରାଜନୈତିକ ଅଭଦ୍ରାମି କରୁଛି। ସର୍ବସାଧାରଣରେ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରୁଥିବା ବିଜେପି ବିଧାୟକଙ୍କୁ ଗିରଫ କରିବାକୁ ସାହାସ ଜୁଟାଇ ପାରୁନଥିବା ପୁଲିସ ଜଣେ ବିଜେଡି ବିଧାୟିକାଙ୍କ ଝିଅଙ୍କ ସହ ଦୁର୍ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।



- ବାଚସ୍ପତିଙ୍କ ବିନା ଅନୁମତିରେ ବିଧାୟିକାଙ୍କ ଘରେ ପୁଲିସ ବଳପୂର୍ବକ ପଶିଲା କିପରି?
- ବିଧାୟିକାଙ୍କ ଝିଅ ଓ ମହିଳା ସହାୟିକାଙ୍କୁ ପୁରୁଷ ପୁଲିସର ଦୁର୍ବ୍ୟବହାର

ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ବିଧାୟକମାନଙ୍କୁ ଯେତେ ହଇରାଣ, ନିର୍ଯାତନା ଓ ଧମକ ଦେଲେ ମଧ୍ୟ ଅବିଚଳିତ ଭାବେ ଛାତ୍ର ଓ ଯୁବ ବିଜେଡିର ଏହାର ସମ୍ମୁଖୀନ ହେବ। ସ୍ଥାନୀୟ ପୁଲିସକୁ ନ ଜଣାଇ ତିନି ଦିନ କେସିଙ୍ଗା ପୁଲିସ ଭୁବନେଶ୍ୱରରେ ଅଛନ୍ତି ବୋଲି କଳାହାଣ୍ଡି ଏସ୍‌ପି ଦେଇଥିବା ବିବୃତ୍ତି ହାସ୍ୟାସ୍ପଦ।

### ପ୍ଲାଷ୍ଟିକମୁକ୍ତ ହେବ ପର୍ଯ୍ୟଟନସ୍ଥଳୀ

# ବାୟାଣୀ ପୀଠରୁ ଆବର୍ଜନା ସଂଗ୍ରହ ଆରମ୍ଭ

ଅନୁଗୋଳ,୨୯।୩ (ସମିସ)

ପ୍ଲାଷ୍ଟିକଜନିତ ପ୍ରଦୂଷଣ କେବଳ ସହର ବଜାରରେ ସୀମିତ ହୋଇ ରହିନାହିଁ। ସାମ୍ପ୍ରତିକ ସମୟରେ ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟ ପ୍ଲାଷ୍ଟିକ ଆବର୍ଜନାରେ ପ୍ରଦୂଷିତ ହେବା ସହ ଉକ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୌନ୍ଦର୍ଯ୍ୟହାନୀ ହେଉଛି। ଛେଣ୍ଡିପଦା ବ୍ଲକ୍ ପାତ୍ରପଡ଼ାର ଲୋକାଭିମୁଖୀ ପର୍ଯ୍ୟଟନସ୍ଥଳୀ ମା' ବାୟାଣୀ ପୀଠକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ 'ସାଥୀ ପରିବାର' ଏବଂ ଛେଣ୍ଡିପଦା ବ୍ଲକ୍‌ର ସାମାଜିକ ଅନୁଷ୍ଠାନ 'ଜାଗୃତି ପରିବାର'ର ମିଳିତ ଉଦ୍ୟମରେ 'ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଦୁଇ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସକାଳ ୮ ଟାରୁ ୧୧ ଟା ପର୍ଯ୍ୟନ୍ତ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା। ମାଆ ବାୟାଣୀଙ୍କ ମନ୍ଦିର ଚତୁଃପାଶ୍ୱର୍, ରାସ୍ତା ପାଶ୍ୱର୍, ନାଳ ପାଶ୍ୱର୍ ଓ ଜଳପ୍ରପାତ ଚାରିପାଖରୁ ୧ କୁଇଣ୍ଟାଲରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ




ପୁନଃଚକ୍ରଣ ପାଇଁ ନିକଟସ୍ଥ କବାଡ଼ି କେନ୍ଦ୍ରରେ ଜମା କରାଯାଇଥିଲା। ଏଥିସହ ପରିଭ୍ରମଣରେ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସମ୍ପର୍କରେ ସଚେତନ କରାଯାଇଥିଲା। ଜାଗୃତି ପରିବାରର ଅଜିତ୍ କୁମାର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ଚଗଲା ସାହୁ, ଟିକେଇ ସାହୁ, ତ୍ରିଲୋଚନ ସାହୁ, ମଦନ ମୋହନ ସାହୁ, ଅନୀଲ କୁମାର ସାହୁ, ପୀତବାସ ସାହୁ, ଟିଟୁନ ସାହୁ, ସିକୁନ ଦେହୁରୀ, ସୌଭାଗ୍ୟ ସାହୁ, ଲିକୁନ ସାହୁ, ବିନୋଦ କୁମାର ସାହୁ, ଗଙ୍ଗାଧର ସାହୁ, ମୋହନ ଚରଣ ସାହୁ, ଭଜମନ ସାହୁ, ଟୁକୁନା ସାହୁ ଏବଂ ସାଥୀ ପରିବାର ତରଫରୁ ସଭାପତି ସିଦ୍ଧାର୍ଥ ପ୍ରଧାନ, ଗୁରୁଦେବ ସାହୁ, ପପୁନ ସାହୁ, ମହାପ୍ରସାଦ ନନ୍ଦ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେ ଏକ ବୈଠକ ଆୟୋଜନ କରାଯାଇ ମାଆ ବାୟାଣୀ ପୀଠକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉଭୟ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

# କାଳବୈଶାଖୀରେ ଗଛ ପଡ଼ି ଘର ଭାଙ୍ଗିଲା



କଣିହାଁ,୨୯।୩(ସମିସ): କଣିହାଁ ବ୍ଲକ୍ ସମଲବ୍ୟାରେଜର କଲୋନୀରେ କାଳବୈଶାଖୀର ପ୍ରଭାବରେ ଏକ ବଡ଼ କଦମ୍ବ ଗଛ ଭାଙ୍ଗି କ୍ୱାର୍ଟର ଉପରେ ପଡ଼ିବାରୁ କ୍ୱାର୍ଟରଟି ଅଧା ଭାଙ୍ଗି ଯାଇଛି। କିନ୍ତୁ ତା ମଧ୍ୟରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବ୍ୟାରେଜ କର୍ତ୍ତୃପକ୍ଷଙ୍କ ବେପରୁଆ ନୀତି ଯୋଗୁଁ କଲୋନୀର କ୍ୱାର୍ଟର ଗୁଡ଼ିକ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ ହେଉଛି। ସମଲ ବ୍ୟାରେଜ କର୍ମଚାରୀ ଦୁର୍ଗା ଚରଣ ସୋରେନ ଙ୍କ ଘର ଉପରେ ଏହି ଗଛ ମାଡି ବସିଛି। ପାଖରେ ଥିବା ପାନଦୋକାନ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛି। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ଲୋକ ମାନଙ୍କୁଉଦ୍ଧାର କରିଥିଲେ।

# ୩୧ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ଗସ୍ତ

କିଶୋରନଗର,୨୯।୩(ସମିସ): ଆସନ୍ତା ୩୧ ତାରିଖରେ ଆଠମଲ୍ଲିକ ଗସ୍ତରେ ଆସୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେଠାରେ ଶ୍ରୀ ପ୍ରଧାନ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ। ଏ ନେଇ ଗତକାଲି ପୂର୍ତ୍ତ ଡାକବଙ୍ଗଳାଠାରେ ବୋଉ ଜେଫ ତରଫରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ଆଠମଲ୍ଲିକ

**ଶିଳାନ୍ୟାସ କରିବେ ୨୦୦ କୋଟିର ପ୍ରକଳ୍ପ**

ଏନ୍‌ଏସି ପ୍ରତିନିଧି ସନ୍ତୋଷ ହୋତା, ଆଠମଲ୍ଲିକ ବ୍ଲକ୍ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ପ୍ରତିନିଧି ସରୋଜ ସାହୁ, ପରେଶ ଚନ୍ଦ୍ର ଦେଓ, ଓମ୍ ପ୍ରକାଶ ସାହୁ, ମନୋଜ ପ୍ରଧାନ, ପିନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପୂର୍ବାହ୍ନରେ ଆଠମଲ୍ଲିକକୁ ଆସି ୧୮୩,୮୫ କୋଟିର ୬୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ୨୦.୪୭ କୋଟି ଟଙ୍କାର ୨୯ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ। ଏଥି ସହିତ କିଶୋରନଗର ବରପଡ଼ିଆରେ ୧୬.୪୧ କୋଟି ଟଙ୍କାରେ ଇନ୍‌ଡୋର ଷ୍ଟାଡିୟମ ଓ ଇନଡୋର ହଲ୍ ଓ ଆଠମଲ୍ଲିକରେ ୯.୨୮ କୋଟିରେ ଷ୍ଟାଡିୟମ ନିର୍ମାଣର ଶିଳାନ୍ୟାସ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ବଚପନ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ

ବଅଁରପାଳ,୨୯।୩(ସମିସ): ବଅଁରପାଳ ବ୍ଲକ୍ ବୁଢ଼ାପଙ୍କ ପଞ୍ଚାୟତଠାରେ ଥିବା ବଚପନ ପ୍ଲେ' ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଡିଓ ସୁଶାନ୍ତ ବରାଳ ଯୋଗ ଦେଇ ଅନ୍ୟ ସମ୍ମାନିତ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେ କହିଥିଲେ ଯେ, ବଅଁରପାଳଠାରେ ବଚପନ ପ୍ଲେ' ସ୍କୁଲ ଭଳି ଏକ ଜାତୀୟସ୍ତରୀୟ ସ୍କୁଲ ଖୋଲାଯାଇଛି। ଏହାଦ୍ୱାରା ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ନାଚ ଖେଳକୁଦ ମାଧ୍ୟମରେ ଶିକ୍ଷାଦାନ କରାଯାଇପାରିବ। ତେଣୁ ସ୍କୁଲ ସ୍ୱତ୍ତ୍ୱାଧିକାରୀ ସାମଲ



ପରିବାର ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପ୍ରିନ୍ସିପାଲଙ୍କୁ ଧନ୍ୟବାଦ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଟଙ୍କଧର ସାମଲ, ଅଖିଳ କୁମାର ମହାପାତ୍ର ଓ ବୁଢାପଙ୍କ ପୂର୍ବତନ ସରପଞ୍ଚ ଉଚ୍ଛବ ଦେହୁରୀ ଯୋଗ ଦେଇଥିଲେ। ସ୍କୁଲ ନିର୍ଦ୍ଦେଶକ ସୁଜିତ କୁମାର ସାମଲ, ଅଜିତ କୁମାର ସାମଲ, ସୁବାସିନ ସାମଲ, ସ୍ୱପ୍ନାରାଣୀ ସାମଲ, ସସ୍ମିତା ସାମଲ ଉତ୍ସବରେ ଉପସ୍ଥିତ ଥିଲେ। ସ୍କୁଲ ପ୍ରିନ୍ସିପାଲ ଗୋବିନ୍ଦ ରାଓ ମଞ୍ଚ ପରିଚାଳନା କରିବା ସହ ପରିଚୟ ପ୍ରଦାନ କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଅନୁଗୋଳ କଲେଜରେ ରମଣ ପରୀକ୍ଷଣ ପଦ୍ଧତି ଆଲୋଚନାଚକ୍ର

ଅନୁଗୋଳ,୨୯।୩(ସମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରମଣ ପରୀକ୍ଷଣ ପଦ୍ଧତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ଏବଂ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିମନ୍ତ୍ରିତ ମୁଖ୍ୟ ବକ୍ତା କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡକ୍ଟର ଗୋପାଳକୃଷ୍ଣ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରତିଭା ଉନ୍ମେଷି ଛାତ୍ରଛାତ୍ରୀଙ୍କୁ ପଦାର୍ଥ ବିଜ୍ଞାନର ସୁଦୂର ପ୍ରସାରୀ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହିତ ମାର୍ଗ ଦର୍ଶନ କରିଥିଲେ। ଆଲୋଚନାଚକ୍ରର ଆବାହକ ସହକାରୀ ପ୍ରାଧ୍ୟାପକ (ଡକ୍ଟର) ସୁଶାନ୍ତ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ନିମନ୍ତ୍ରିତ ମୁଖ୍ୟ ବକ୍ତାଙ୍କ ଉପକ୍ରମ ପରିଚୟ



ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ଗୋପାଳକୃଷ୍ଣ ପ୍ରଧାନ ''ଦ୍ୱିବିମୀୟ ପଦାର୍ଥ ରମଣ ପରୀକ୍ଷଣ ପଦ୍ଧତିର ସାମର୍ଥ୍ୟ ଏବଂ ସମ୍ଭାବନା' ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସମସ୍ତ ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସହକାରୀ ପ୍ରାଧ୍ୟାପକ (ଡକ୍ଟର) ସତ୍ୟ ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା (ଡକ୍ଟର) ଶ୍ରୀଦେବୀ ସ୍ୱାଇଁ, ସହକାରୀ ପ୍ରାଧ୍ୟାପକ (ଡକ୍ଟର) ଅନୀଲ କୁମାର ବେହେରା, ଅଧ୍ୟାପିକା ଡକ୍ଟର ବିଜୟିନୀ ମହାପାତ୍ର ଓ ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ଭୂୟାଁ ଆଲୋଚନାଚକ୍ର ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ବିଦ୍ୟାଭୂଷଣ ଗବେଷକ ସନ୍ତୋଷ କୁମାର ବାରିକ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ।

# ନାବାଳିକା ଉଦ୍ଧାର; ଅଭିଯୁକ୍ତ କୋର୍ଟ ଚାଲାଣ

ବଅଁରପାଳ,୨୯।୩(ସମିସ): ବଅଁରପାଳ ଥାନା ନୂଆହତା ଗ୍ରାମରେ ରହୁଥିବା ଜଣେ ନାବାଳିକାକୁ ତାଳଚେର ମୁସଲିମ୍ ବସ୍ତିର ଜଣେ ଯୁବକ ଗତ ୫ ଦିନ ହେଲା ଅପହରଣ କରି କଟକରେ ରଖିଥିଲା। ନାବାଳିକାର ପରିବାର ଏ ନେଇ ବଅଁରପାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ତାଳଚେରର ଆମଜାଦ ଖାଁଙ୍କ ପୁଅ ଅରମାନ ଖାଁ ତାଙ୍କ ଝିଅକୁ ଅପହରଣ କରି ନେଇଛି। ପୁଲିସ ଅଭିଯୋଗ ପାଇ କଟକରୁ ଉଭୟ ପୁଅ ଓ ଝିଅଙ୍କୁ ଉଦ୍ଧାର କରିଥିଲେ। ଝିଅ ନାବାଳିକା ହୋଇଥିବାରୁ ଛାଡ଼ି ଦିଆଯାଇଥିଲା। ଅରମାନ ଖାଁଙ୍କୁ ଗିରଫ କରାଯାଇ ପୋକ୍ସୋ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

କଣିହାଁ,୨୯।୩(ସମିସ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶ୍ରମିକଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟର ବିଜେପି ସରକାର ମୃତ୍ୟୁକାଳୀନ ସହାୟତାଠାରୁ ଆରମ୍ଭ କରି କନ୍ୟା ବିବାହ, ଗର୍ଭବତୀ, ଶିକ୍ଷା ପ୍ରଭୃତି ବିଭିନ୍ନ ସହାୟତା ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ଉପ ଜିଲ୍ଲାପାଳ ଗୌରବମୟ ପ୍ରଧାନ, ଜିଲ୍ଲା ଶ୍ରମ କମିଶନର କୁବେର ବେହେରା, ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ୧୫୦୯ ଜଣଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥଲେ। କରୁଣାକର ବାଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

### ପାଲଲହଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନମୋହିଲା ଓଡ଼ିଶୀ ଏବଂ ଘୁଡୁକି ନୃତ୍ୟ

ପାଲଲହଡ଼ା,୨୯। ୩(ସମିସ): ପାଲଲହଡ଼ା ଗଡ଼ଜାତର ଐତିହ୍ୟ, ପରମ୍ପରା, ସଂସ୍କୃତି, ଲୋକକଳାର ଉତ୍ସବ ପାଲଲହଡ଼ା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ମହୋତ୍ସବ କମିଟିରର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଅନଗୁଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ତାଳଚେର ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ଏବଂ ପାଲଲହଡ଼ା ବିଡିଓ ନିଶାନ୍ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପାଲଲହଡ଼ା ଉପଜିଲ୍ଲାପାଳ ତଥା ଆବାହକ ରବୀନ୍ଦ୍ର କୁମାର ପଟେଲ ପୌରୋହିତ୍ୟ କରିଥିଲେ। ଡାନ୍ସ ଡ୍ୟାନ୍ସ, ବଲିଉଡ ସୋ ସାଙ୍ଗକୁ କ୍ରିଷ୍ଣାପ୍ରିୟା କଳା ପରିଷଦର ଘୁଡୁକି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ରାତି ବଢ଼ିବା ସହିତ ଓଡ଼ିଆ ଗାୟିକା ସୁଜ୍ଞାନୀ ମହାପାତ୍ରଙ୍କ ସଙ୍ଗୀତର ତାଳେତାଳେ ଦର୍ଶକ ଝୁମିଥିଲେ। ସେହିପରି ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟ ବକ୍ତା ଭାବେ ଜଙ୍ଗଲ ପରିବେଶ ଓ ନିଯୁକ୍ତି ବିଭାଗ ମନ୍ତ୍ରୀ ଈଂ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୁଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଦେବଗଡ଼ ଡିଏଫ୍‌ଓ ରଶ୍ମି ଝି, ଅତିରିକ୍ତ ଜିଲ୍ଲାପାଳ ଅନଗୁଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଲଲହଡା ଡିମିରିଆ ଗ୍ରାମର ଯୁବ କବି ତଥା ଲେଖକ ହୋତାଶ କୁମାର ସାହୁଙ୍କ ଦ୍ୱାରା ଲିଖିତ 'ଗିରିଛାଇ ତଳେ ଗିରିଶ୍ୱର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୁନାମ ଧନ୍ୟ ସମ୍ବଲପୁରୀ ଗାୟକ ରୁକୁସୁନା ଏବଂ ତାଙ୍କ ଦଳଙ୍କ ମେଲୋଡି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



### ଅନୁଗୋଳ ଓକିଲ ସଂଘ ନିର୍ବାଚନ

# ନୂତନ କର୍ମକର୍ତ୍ତାଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ଅନୁଗୋଳ,୨୯।୩(ସମିସ): ଅନୁଗୋଳ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ବିଜୟୀ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ଆଜି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ) ତାଙ୍କ ବାସଭବନରେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଓକିଲ ସଂଘର ସାମୂହିକ ବିକାଶ ପାଇଁ ସର୍ବଦା ସହଯୋଗର ହାତ ବଢ଼ାଇବେ ବୋଲି କହିବା ସହିତ ସଂଘର ନବନିର୍ବାଚିତ ନୂତନ କର୍ମକର୍ତ୍ତାମାନେ ଏକ ମନ ନେଇ ସଂଘର ବିଭିନ୍ନ ସମସ୍ୟାକୁ ଦୂରୀଭୂତ କରି ସାମୂହିକ ବିକାଶ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘର ନବନିର୍ବାଚିତ ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ହିମାଂଶୁ ଭୂଷଣ ସାମଲ, ସରକାରୀ ଓକିଲ ପ୍ରଦୀପ କୁମାର ଦେବତା, ସୋମନାଥ ରାଉତ, ଦିଲ୍ଲୀପ କୁମାର ଦାସ, ଅର୍ଜୁନ ମୁଦୁଲି, ସଞ୍ଜୟ ଦେହୁରୀ, ଶିବରାମ ଦେହୁରୀ, ପପିନ ସାହୁ, ଆଇନଜୀବୀ ତପନ ଦେହୁରୀ, ମମତା ପଟ୍ଟନାୟକ, ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଅଁରପାଳରେ ମା' ବାସନ୍ତିକ ଦୁର୍ଗାପୂଜା



ବଅଁରପାଳ,୨୯।୩ (ସମିସ): ବଅଁରପାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖ ପରିବା ମାର୍କେଟରେ ଚଳିତ ବର୍ଷଠାରୁ ପ୍ରଥମ ଥର ପାଇଁ ମା' ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଗତ ମଙ୍ଗଳବାର ବହୁ ସଂଖ୍ୟକ ପୁରୁଷ ଓ ମହିଳା ଭକ୍ତ ବ୍ରାହ୍ମଣୀ ନଦୀର ଦାସନାଲୀ ଏନ୍‌ଟେକ ଘାଟରୁ ପୂଜାପାଠ ପୂର୍ବକ କଳସରେ ପବିତ୍ର ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ସ୍ଥାପନ କରିବା ପରେ ନୂତନ ମଣ୍ଡପ ପ୍ରତିଷ୍ଠା କରା ଯାଇଥିଲା। ବୁଧବାର ପ୍ରଭାତରୁ ସୂର୍ଯ୍ୟପୂଜା, ମା'ଙ୍କ ଜୀବନ୍ୟାସ, ଚକ୍ଷୁଦାନ ସହ ରୀତିନୀତି ଅନୁଯାୟୀ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରା ଯାଇଥିଲା। ଶୁକ୍ରବାର ହୋମଯଜ୍ଞ ଆଦି କର୍ମ ସହ ପୂର୍ଣ୍ଣାହୁତି ଦିଆ ଯାଇଥିଲା। ୫୫ ଜାତୀୟ ରାଜପଥ ଠାରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ତୋରଣ, ରଙ୍ଗୀନ ଆଲୋକମାଳା ସହ ମଣ୍ଡପର ଆଭ୍ୟନ୍ତରୀଣ ଭାଗକୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଛି। ଅଞ୍ଚଳରେ ଏହି ପୂଜା ଏକମାତ୍ର ଓ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ସନ୍ଧ୍ୟା ହେଲେ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳୁଛି। ଆଚାର୍ଯ୍ୟ ମାର୍କଣ୍ଡ ଦାଶ, ମୀନକେତନ ମିଶ୍ର, ରାନୁରାଜ ପାଣି, ଅଶ୍ୱିନୀ ମିଶ୍ର ଓ ସହଯୋଗୀମାନେ ପୂଜାକର୍ମ ସମ୍ପାଦନ କରିଥିଲେ।

ସଭାପତି ସୁବାଷ ଚନ୍ଦ୍ର ବାଘ, ସମ୍ପାଦକ ସିପୁନ ଦାଶଙ୍କ ସମେତ ସାଗର ବିଶ୍ୱାଳ, ପ୍ରଭାତ ରଣା, ମାତୃପ୍ରସାଦ ସେନାପତି, ପ୍ରବୀଣ ବିଶୋଇ, ବିଶ୍ୱଜିତ ବରାହ, ରୋହିତ ବେହେରା, ଦିବ୍ୟରଞ୍ଜନ ଭୁତିଆ, ବିଶ୍ୱଜିତ ଦାଶ, ତ୍ରିଲୋଚନ ଭୁତିଆ, ବିଶ୍ୱମିତ ସେନାପତି ପ୍ରମୁଖ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତୁଳସୀପାଳରେ ବାଦୀପାଲା ଉଦ୍‌ଯାପିତ

ବଅଁରପାଳ,୨୯।୩(ସମିସ): ବଅଁରପାଳ ବ୍ଲକ୍ ତୁଳସୀପାଳ ଗ୍ରାମ ଗୋଡ଼ିସାହି ପାଲା ମଣ୍ଡପରେ ଶ୍ରୀସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ପବିତ୍ର ରାମନବମୀ ଉପଲକ୍ଷେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ସୁନାମଧନ୍ୟ ପାଲା ଗାୟକ ଗାୟକ ବିଶାରଦ ସଚ୍ଚିଦାନନ୍ଦ ଦାଶ ଓ ଢେଙ୍କାନାଳର ଗାୟକ କୁଳତିଳକ ଅଜୟ କୁମାର ମହାଭୋଇ ବାଦୀପାଲା ପରିବେଷଣ କରିଥିଲେ। ଅନ୍ତିମ ଦିବସରେ ସଞ୍ଚପଡ଼ା, ସନ୍ତ୍ରୀ (ଜାମୁସାହି), ତୁଳସୀପାଳ, ଲଙ୍ଗୁଲିଆବେଡା, କାଙ୍ଗୁଲା ଓ ନୂଆସାହି ଗ୍ରାମର ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଓଡ଼ିଶୀ ସମାରୋହ ପାଳନ କରା ଯାଇଥିଲା। ଶିକ୍ଷାବିତ୍ ଦେବହରି ସାହୁ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଭାପତି ବୈକୁଣ୍ଠ ସାହୁ, ସମ୍ପାଦକ ରତିକାନ୍ତ ସାହୁଙ୍କ ସମେତ ବାଉରୀବନ୍ଧୁ ସାହୁ, ଅଜୟ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଭଜମନ ମହାନ୍ତି, ଶ୍ରୀକାନ୍ତ ସାହୁ, ଜଳଧର ସାହୁ, ଦୁଷ୍ମନ୍ତ ସାହୁ, ହଳଧର ସାହୁ, ଶ୍ରୀକାନ୍ତ ବାରିକ, ହରିହର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ତଥା ଉପ ବାଚସ୍ପତି ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଯୁବ ବିଜେଡି ନେତା ଅରୁଣାଭ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାଙ୍କୁ ମେଲାଣି

ଅନୁଗୋଳ,୨୯।୩ (ସମିସ)

ଅନୁଗୋଳ ସହରରେ ଜଗତ ଜନନୀ ଦେବୀ ଦୁର୍ଗତି ନାଶିନୀ ବାସନ୍ତୀଦୁର୍ଗା ଅମଲାପଡ଼ା ମଣ୍ଡପରେ ପୂଜା ପାଉଥିଲେ। ଏଥି ପାଇଁ ଚୈତ୍ର ଷଷ୍ଠୀଠାରୁ ଅନୁଗୋଳ ସହର ଉତ୍ସବମୁଖର ହୋଇଥିଲା। ସଂସ୍କୃତି ଓ ପରମ୍ପରା ଆଧାରରେ ପାଳିତ ଅନେକ ପାର୍ବଣ ମଧ୍ୟରେ ଅନୁଗୋଳ ସହରରେ ବାସନ୍ତୀ ଦୁର୍ଗାପୂଜା ସମାରୋହ ଦିନକୁ ଦିନ ଅଧିକ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେଉଛି।

୨୦୦୬ ମସିହା ଠାରୁ ଅନୁଗୋଳ ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା ପାଳିତ ହୋଇଆସୁଛି। ଚୈତ୍ର ଷଷ୍ଠୀ ଠାରୁ ଦଶମୀ ଯାଏଁ ମହା ଆଡମ୍ବରରେ ୪ ଦିନ ପୂଜା



ଆରାଧନାରେ ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏ ଅବସରରେ ପ୍ରତିଦିନ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକେ ଆନନ୍ଦ ନେଉଥିଲେ। ପୂର୍ବଦିନ ରାତିରେ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଚରୁ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ସୁସଜ୍ଜିତ ଦେବୀଙ୍କ ମେଢ଼ ପାରମ୍ପରିକ ଢୋଲ ବାଦ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଶଙ୍ଖ, ଘଣ୍ଟା, ଘଣ୍ଟ, ସଂକୀର୍ତ୍ତନ, ବାଜା ବାଣ ରୋଷଣି ଏବଂ



ବିଭିନ୍ନ ଲୋକ ବାଦ୍ୟ ଓ ଲୋକ ନୃତ୍ୟର ତାଳେ ତାଳେ ଭକ୍ତମାନେ ଯାଇ ସ୍ଥାନୀୟ ଜଳାଶୟରେ ମୂର୍ତ୍ତି ବିସର୍ଜନ କରିଥିଲେ। ପୂଜା କମିଟି ସଭାପତି ଶକ୍ତି ପଟ୍ଟନାୟକ, ଉପ ସଭାପତି ଯତୀନ ସେଠୀ, ସମ୍ପାଦକ ଅନୁପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରଶ୍ମୀରଞ୍ଜନ ପ୍ରଧାନ ଓ ତାପସ ରଞ୍ଜନ ରାୟ, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଚିତ୍ତ ପ୍ରଧାନ, ବାପି ଦାସ, ମନୁ ପ୍ରଧାନ, ପ୍ରତାପ ମାଝୀ, ଶଶାଙ୍କ ପ୍ରଧାନ, ରିତେଶ ଦଳବେହେରା, ଗୁରୁଦେବ ସାହୁ, ବିଜୁ ରାଉତ, ଗୁଲୁ ମହାନ୍ତି, ସୌମ୍ୟ ଦାଶ, ଜଗଦୀଶ ସିଂହ, ବାପୁ ଭଞ୍ଜ, ଦୀପକ ତିବ୍ରିୱାଲ, ଶ୍ୟାମସୁନ୍ଦର ସାସମଲ, ଟଙ୍କଧର ମାଝୀ, ଶିବରାଜ ପ୍ରଧାନ, ବୁନା ପଟ୍ଟନାୟକ, ସୁରେଶ ବେହେରା, ତ୍ରିନାଥ ସାହୁ, ଆଶୁତୋଷ ରାଉତ, ଆଦିତ୍ୟ ସିଂହ, ମନିଷ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

## ମାର୍ଶାଘାଇ କୃଷି ସମବାୟ ସମିତିର ସାଧାରଣ ବୈଠକ

ମାର୍ଶାଘାଇ,୨୯।୩(ସମିସ): ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ପ୍ରଦୀପ୍ତ ଗାହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉପାଧ୍ୟକ୍ଷା ନମିତା ଚଇନି, ସମବାୟ ନିର୍ଦ୍ଦେଶକ ମଧୁସୂଦନ ବେହେରା, ମନୋରଞ୍ଜନ ସାମଲ, ଉପେନ୍ଦ୍ର ବେହେରା, ବିଜ୍ଞାନ ଦାସ, ଗୁରୁଚରଣ ସ୍ୱାଇଁ, ବିଚିତ୍ରନନ୍ଦ ବେହେରା, ନର୍ମଳ ଦଳାଇ, ରମାକାନ୍ତ ମଲ୍ଲିକ୍, ମାନସ ସାହୁ, ଗୀତାଞ୍ଜଳି ସାହୁ ଯୋଗ ଦେଇଥିଲେ। ସମ୍ପାଦକ ଗୋବର୍ଦ୍ଧନ ସାହୁ ପୂର୍ବ ବିବରଣୀ ପାଠ କରିଥିଲେ। ଏହାକୁ ସର୍ବସମ୍ମତିକ୍ରମେ ଦୃଢୀକରଣ କରାଯାଇଥିଲା। ଚଳିତ ବର୍ଷ ୪୪୪ ଜଣ ଚାଷୀଙ୍କଠାରୁ ୧୬୦୬୪.୭୧ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ସମ୍ପାଦକ ଗୃହରେ ଅବଗତ କରାଇଥିଲେ। ମଣ୍ଡିରେ ଧାନବିକ୍ରିରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା ଓ ସମ୍ପାଦକ ସହଯୋଗ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ। ବୈଠକ ପାଇଁ ଏକ ସ୍ଥାୟୀ ସଭାଗୃହ ନିର୍ମାଣ କରିବାକୁ ଚାଷୀ ରମେଶ ପରିଡ଼ା ଦାବି କରିଥିଲେ। ଚାଷୀ ମନୋରଞ୍ଜନ ବସନ୍ତିଆ, ଶୁଭ୍ରାଂଶୁ ଦାସ, ଶେତ ବେଉରା, ଆଦିକନ୍ଦ ପତି, ସୁରେନ୍ଦ୍ର ଜେନା, ଅଭିରା ଜେନା, ପ୍ରମୋଦ ବେହେରା, ତ୍ରିଲୋଚନ ରାଉତ, ରଞ୍ଜନ ବେହେରା, ଡିଇଓ ଜ୍ଞାନରଞ୍ଜନ ସାହୁ, ସଂଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସହସମ୍ପାଦକ ପ୍ରଦ୍ୟୁମ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ସର୍ବେଶ୍ୱର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୨୯।୩(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅର୍ନ୍ତଗତ ଚନ୍ଦନପୁର ପଞ୍ଚାୟତର ଯୁବ ପ୍ରତିଭା ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସାନଭାଇ ସର୍ବେଶ୍ୱର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତମାଳ ଶାସନ ଚଉଦକୁଲାଟ ଆରାଧ୍ୟ ଦେବତା ଦଧିବାମନଜୀଉଙ୍କ ରଥଦାଣ୍ଡରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଶିବପ୍ରସାଦ ବଳଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନେତା, ସହପାଠୀ ଓ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ସର୍ବେଶ୍ୱରଙ୍କ ପ୍ରତିଭା ଓ ତାଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠାପରତା ଉପରେ ଆଲୋକପାତ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ କଟକ ମହାନଗର ନିଗମ ଅଧକ୍ଷ ସୁବାସ ସିଂ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ବିଜୁ ଜନତା ଦଳ ବ୍ଲକ ସଭାପତି ଆଲୋକ ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ପ୍ରଦୀପ୍ତ ମହାନ୍ତି, ରଶ୍ମିରଞ୍ଜନ ରାଉତ, ପ୍ରିୟଦର୍ଶିନୀ ତରାଇ, ଶତ୍ରୁଘ୍ନ ଦାସ, ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ, ଜେନାମଣି ସାମଲ, ରାଜକିଶୋର ମିଶ୍ର, ମାନସ ପରିଡା, ପରେଶ ଦାସ, ରାଜେଶ ମହାନ୍ତି, ଦେବାଶିଷ ମହାନ୍ତି, ବିରଜାନନ୍ଦ ମହାନ୍ତି, ସୁଧାଂଶୁ ଦାସ, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ବିଶ୍ୱାଳ, ସମିତି ସଭ୍ୟ ଅଭୟ ସ୍ୱାଇଁ, ନିରଞ୍ଜନ ବାରିକ, ସମ୍ବିଦ ଶ୍ରୀଚନ୍ଦନ, ସାମ୍ବାଦିକ ନରେନ୍ଦ୍ର ଧଳ, ଲକ୍ଷ୍ମୀଧର ବାରିକ, ଜ୍ୟୋତି ରଞ୍ଜନ ପ୍ରଧାନ୍, ମହମ୍ମଦ ଇସାକ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ନାରିକେଳ ଚାଷୀଙ୍କ ପ୍ରଶିକ୍ଷଣ ଶିବିର

ଡେରାବିଶ,୨୯।୩(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥ ଆଖଣ୍ଡଳମଣି ନାରିକେଳ ସୋସାଇଟି ପରିସରରେ ନାରୀକେଳ ଚାଷୀଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନାରିକେଳ ଉନ୍ନୟନ ବିକାଶ ବୋର୍ଡର କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ସନାତନ କରଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଖୋର୍ଦ୍ଧା ଜିଲ୍ଲା ପିତାପଲ୍ଲୀସ୍ଥ ନାରିକେଳ ବିକାଶ ବୋର୍ଡର ମୁଖ୍ୟ ଶଶୀକୁମାର ସି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀ ଅନଙ୍ଗ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ସି ଉପସ୍ଥିତ ଚାଷୀଙ୍କୁ ନାରିକେଳ ଚାଷ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବା ସହିତ କୀଟନାଶକ ଓ ଜୈବିକ ସାର ବ୍ୟବହାର ସମ୍ପର୍କର ପ୍ରଶିକ୍ଷିତ କରାଇଥିଲେ। ଏଥିସହିତ ନାରିକେଳ ଚାଷର ଉନ୍ନତି ହେବା ସହିତ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବା ସମ୍ପର୍କରେ ମତ ରଖିଥିଲେ। ପରେ ଶିବିରରେ ଉପସ୍ଥିତ ଚାଷୀ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥିଙ୍କୁ ଅବଗତ କରାଇଥିଲେ। ଏ ଅବସରରେ ଚାଷୀଙ୍କୁ ଲିମ୍ବ ପିଡ଼ିଆ ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା। ପ୍ରମୋଦ ମହାନ୍ତି, ଅଭାପ୍ରକାଶ ରଥ, ପ୍ରଶାନ୍ତ ରାଉତ, କୁଳମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ। ଚାଷୀ କେଦାର ମହାନ୍ତି ଜିଲ୍ଲା ସଂଯୋଜକ ଶ୍ରୀ କରଙ୍କ ନିସ୍ୱାର୍ଥପର ସେବା ପାଇଁ ଧନ୍ୟବାଦ ପ୍ରଦନ କରିବା ସହିତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।



## ବାଲିଆରେ ଇଦ୍ ମିଳନ ଉତ୍ସବ

ଡେରାବିଶ, ୨୯।୩(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆ ମୁସଲମାନ ସାହିରେ ଗତକାଲି ସନ୍ଧ୍ୟାରେ ଭାଇଚାରାର ପର୍ବ ଇଦ୍ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲିଆ ନୌ ଯବାନ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଇଦ୍ ମିଳନ ଉତ୍ସବରେ ମୌଲନା କୁଦ୍ଦୁସ ସାହେବ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବାବେଳେ ମୁସଲମାନ ସଂପ୍ରଦାୟର ବରିଷ୍ଠ ପ୍ରବଚକ ତଥା ଧର୍ମ ପ୍ରଚାରକ ମୌଲାନା ନକିବୁଲ ଅମୀନ ବରକୀ ମୁଖ୍ୟବକ୍ତା ଯୋଗଦେଇଥିଲେ। ଏ ଅବସରରେ ଆୟୋଜକ ନୌ ଯବାନ କମିଟି ପକ୍ଷରୁ ଧାର୍ମିକ ସଦଭାବ ରକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ପ୍ରସନ୍ନ ସିଂହ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଶିକ୍ଷାବିତ ଜାବିର ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପରିଚାଳନାରେ ଆୟୋଜକ କମିଟି କର୍ମକର୍ତ୍ତା ରହିମ ଖାନ୍, ସେକ ସାବିର, ସେକ ୱାହିଦ୍, ସଫିକ ଖାନ୍, ଖାଲିକ ଖାନ୍ ଓ ମହମ୍ମଦ ଅୟୁବ୍‌ଙ୍କ ସମେତ କମିଟିର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଡ୍ରେନ୍ ଖୋଲା ନାଁରେ ଘୋଟାଲା

# ଜେସିବିରେ ରାମ୍ପି ଦେଇ ଡ୍ରେନ୍ ଖୋଲା ଶେଷ

ରାଜନଗର, ୨୯।୩(ସମିସ)



ପୋତି ହୋଇଯାଇଥିବା ଡ୍ରେନ୍ ଖୋଳି ଚାଷୀଙ୍କୁ ପାଣି ଯୋଗାଇବା ପାଇଁ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ମାତ୍ର ନାଁକୁ ମାତ୍ର ଜେସିବି ଶୁଣ୍ଢରେ ରାମ୍ପି ଦେଇ କେନାଲ ଖୋଲା ସାରି ଦିଆଯାଉଛି। କେବଳ ନାଁକୁ ମାତ୍ର କେନାଲ ଖୋଳି ସରକାରୀ ଟଙ୍କା ଲୁଟି ନେବାକୁ ମସୁଧା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହଂସୁଆ ନଦୀକୁ ସଂଯୋଗ କରୁଥିବା କୋଇଲିପୁର ପଞ୍ଚାୟତରେ କେନାଲ ଖୋଳା ନାଁରେ ଏହି ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି।

ରାଜନଗର ବ୍ଲକ୍‌ର ୮୦ ଭାଗ ଲୋକେ ଚାଷ ଉପରେ ନିର୍ଭରଶୀଳ। ରାଜନଗରରେ କେନାଲ ବ୍ୟବସ୍ଥା ନ ଥିବାରୁ ଲୋକେ କେବଳ ଖରିଫ ଧାନ ଚାଷ କରିଥା'ନ୍ତି। ଲୋକେ କିଭଳି ବର୍ଷକ ବାରମାସ ଚାଷ କରିବେ ଓ ସ୍ୱାବଲମ୍ବୀ ହେବେ ସେଥିପାଇଁ କେନାଲ ଖନନ ଓ ପୁନରୁଦ୍ଧାର ପାଇଁ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ରାଜନଗର ବ୍ଲକର କୋଇଲିପୁର ପଞ୍ଚାୟତର ବଡମର୍ଚାପଲ୍ଲୀ ମୁଖ୍ୟ ଡ୍ରେନ, ତାରାଦେଇପୁର ମୁଖ୍ୟ ଡ୍ରେନ, ବାରହାପୁର ମେନ ଡ୍ରେନ, ବଡ଼କୋଟ ମେନ ଡ୍ରେନ , ଗର୍ଜନପୁର ମେନ ଡ୍ରେନ, ତେତେଲେଙ୍ଗା ମେନ ଡ୍ରେନ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ତେରେହି ମେନ ଡ୍ରେନ, ଠାକୁରପାଟଣା ମେନ ଡ୍ରେନ, ଜୁନୁପଙ୍ଗା ମେନ ଡ୍ରେନ ପୁନରୁଦ୍ଧାର ପାଇଁ ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତ କରାଯାଇଛି। ୫୦ କିଲୋମିଟର ୧୨୨ ମିଟର ଡ୍ରେନ ପୁନରୁଦ୍ଧାର ସହିତ ୭ଟି ଫୁଟ ବ୍ରିଜ ନିର୍ମାଣ ପାଇଁ ୩ କୋଟି ୮୨ ଲକ୍ଷ ୭୧ ହଜାର ୧୫୨ ଟଙ୍କା ଦିଆଯାଇଛି। ଡ୍ରେନଗୁଡିକରେ ଥିବା ପଙ୍କ ଉଦ୍ଧାର କରିବା ସହିତ ୮ ମିଟର ଚଉଡା କରିବା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ମାତ୍ର ଡ୍ରେନଗୁଡିକ ୮ ମିଟର ଦୂରର କଥା, କେଉଁଠି ଡ୍ରେନର ଚଉଡା ୧/୨ ମିଟରରେ ବି ସୀମିତ ରହିଛି। କେବଳ ଜେସିବି ଶୁଣ୍ଢରେ ରାମ୍ପି ଦେଇ ଡ୍ରେନ ଖନନ କାମ ସାରି ଦିଆଯାଇଛି। ଜେସିବି ଶୁଣ୍ଢ ଯେତିକି ବାଟ ପାଇଛି ସେତିକି ରାମ୍ପି ଦେଇ ଅବଶିଷ୍ଟ ଭାଗକୁ ସେମିତି ଛାଡି ଦିଆଯାଇଛି। ଏପରିକି ଅଧିକାଂଶ ସ୍ଥାନରେ ପଙ୍କ ଓ ଘାସ ପୂର୍ବପରି ରହିଛି। ଏହି ନିମ୍ନମାନର ଲୋକ ଦେଖାଣିଆ କେନାଲ ଖନନକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ରାଉତରାୟଙ୍କୁ ପଚାରିବାରୁ ଏଷ୍ଟିମେଣ୍ଟ ଅନୁଯାୟୀ ଯେଉଁ ସ୍ଥାନରେ ଡ୍ରେନ ଖୋଳାଯାଇ ନ ଥିବ, ସେଠାରେ ଆଉଥରେ ଡ୍ରେନ ଖୋଳାହେବ ବୋଲି କହିଛନ୍ତି।

### ● ଚାରିବର୍ଷ ପୂର୍ବେ ଖୋଳାଯାଇଥିବା ନଳକୂଅ ଅଚଳ

## କଇଥାପାଳ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ

ରାଜକନିକା,୨୯।୩(ସମିସ): ରାଜକନିକା ବ୍ଲକ୍ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ଗାଁ ଅଣ୍ଟା ପଡିଆରେ ବସବାସ କରୁଥିବା ପ୍ରାୟ ୩୦ ପରିବାର ପିଇବା ପାଣି ପାଇଁ ବାରଘର ଶୁଙ୍ଘିପିଣ୍ଡା ହେଉଛନ୍ତି। ବିଭାଗୀୟ ଅବହେଳା ଯୋଗୁଁ ଏଭଳି ଅବସ୍ଥା ଭୋଗୁଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଚାରିବର୍ଷ ପୂର୍ବେ ଖୋଳାଯାଇଥିବା ନଳକୂପ ଏବେ ଅକାମି ହୋଇପଡ଼ିଥିବାରୁ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ପାଣି ସମସ୍ୟାର ପ୍ରତିକାର କରାଯିବାକୁ ଦାବି ହେଉଛି। ସୂଚନା ମୁତାବକ, କଇଥାପାଳ ଗ୍ରାମର ଅଣ୍ଟା ପଡ଼ିଆରେ ୨୦୦ ଲୋକ ବାସ କରନ୍ତି। ଏଠାରେ ୨ଟି ନଳକୂଅ ରହିଛି। ଏଥିମଧ୍ୟରୁ ଗୋଟିଏ ନଳକୂଅ ପାଣି ଆଂଶିକ ପିଇବା ଯୋଗ୍ୟ ହୋଇଥିବାବେଳେ ଅନ୍ୟଟି ଭଲ ଅଛି। ତେବେ ଭଲ ନଳକୂଅ ଅଣ୍ଟା ପଡିଆଠାରୁ ଦୂରତାରେ ରହିଥିବାରୁ ପାଣି ଆଣିବା କଷ୍ଟକର ହୋଇପଡୁଛି। ତେଣୁ ଉପାୟଶୂନ୍ୟ ହୋଇ ଲୋକେ ସାଇକଲ, କାନ୍ଧଭାର ସହ ବୋତଲ ଯୋଗେ ଗାଁ ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି। ତେବେ ଚକିତ କଲା ଭଳି କଥା ହେଉଛି ଚାରିବର୍ଷ ତଳେ ଅଣ୍ଟା ପଡିଆରେ ରାସ୍ତା କଡ଼ରେ ନଳକୂଅ ଖୋଳାଯାଇଥିଲା। ଲକ୍ଷ୍ୟ ଥିଲା ଏହି ନଳକୂଅ ଦ୍ୱାରା ଅଣ୍ଟା ପଡିଆର ସମସ୍ତ ଲୋକେ ଉପକୃତ ହେବେ। ତାହା ସ୍ୱପ୍ନରେ ରହିଗଲା। ନଳକୂଅ ସିନା ଖୋଳା ହେଲା, କିନ୍ତୁ ଶେଷରେ ପାଣି ଉଠିଲାନି। ସମସ୍ତ ଚେଷ୍ଟା ସତ୍ତ୍ୱେ ନଳକୂଅ ଖୋଳିବା ବ୍ୟର୍ଥ ହୋଇ ସରକାରଙ୍କ ଅର୍ଥ ପାଣିରେ ପଡିଲା। ଯଦି ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଦ୍ୱାରା ତଦାରଖ ହୋଇଥା'ନ୍ତା, ତେବେ ଏଭଳ ଅବସ୍ଥା ଉପୁଜି ନଥା'ନ୍ତା ବୋଲି ଅଭିଯୋଗ ହେଉଛି। ଅପରପକ୍ଷେ ଏଠାକୁ ପାଇପ୍ ପାଣିର ବଞ୍ଚିତ ଥିବା ଲୋକେ ଚାତକ ଭଳି ଅନାଇ ରହିଛନ୍ତି। ଖରାର ପ୍ରକୋପ ବଢିବା ସହିତ ଜଳକଷ୍ଟ ଭୋଗୁଥିବା ଲୋକଙ୍କ ପାଇଁ ଏହି ନଳକୂପ ମରାମତ କିମ୍ବା ଆଉଏକ ନଳକୂପର ଆବଶ୍ୟକତା ଥିବାବେଳେ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଗାଁ ଲୋକେ ଦାବି କରିଛନ୍ତି।



## ସୁଭଦ୍ରା ଶକ୍ତି ମେଳା ଷଷ୍ଠ ସନ୍ଧ୍ୟା



କେନ୍ଦ୍ରାପଡ଼ା,୨୯।୩(ସମିସ): କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତ୍ୟନ୍ତ ଆକର୍ଷଣୀୟ ଓ ମନମୁଗ୍ଧମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଓ କମେଡିର ଚମତ୍କାର ପ୍ରଦର୍ଶନ ଦ୍ୱାରା ସମଗ୍ର ମଞ୍ଚ ଉତ୍ସବମୁଖର ହୋଇଉଠିଥିଲା। ପ୍ରସିଦ୍ଧ ଗାୟିକା ଅନ୍ୟନ୍ୟା ଶ୍ରୀତମ ନନ୍ଦଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନକୁ ମୋହିତ କରିଥିବାବେଳେ କମେଡିଆନ ଜ୍ଞାନ ବାରିକଙ୍କ ହାସ୍ୟରସାତ୍ମକ ପରିବେଷଣ ମଞ୍ଚକୁ ଆହୁରି ସଜୀବ ଓ ଆକର୍ଷକ କରିଥିଲା। ଏହି ସନ୍ଧ୍ୟାରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର ଓ ଉପନିର୍ଦ୍ଦେଶକ (ହସ୍ତଶିଳ୍ପ) ସନ୍ତୋଷ କୁମାର ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରତା ଓ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହିତ ଲକ୍ଷପତି ଦିଦି ପ୍ରୟାସ ଅଧୀନରେ ସଫଳତା କାହାଣୀ ଉପସ୍ଥାପିତ ହୋଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକର ସୁଶ୍ରୀ ସଂଗୀତା ପ୍ରଧାନ (ଶ୍ରଦ୍ଧା ସୁମନ ଉତ୍ପାଦକ ଗୋଷ୍ଠୀ ଅଗରବତୀ ପ୍ରସ୍ତୁତି), କେନ୍ଦ୍ରାପଡ଼ା ବ୍ଲକର ପାର୍ବତୀ ସ୍ୱାଇଁ (ମାରୁତି ସ୍ୱୟଂସହାୟକ ଗୋଷ୍ଠୀ କାଇଁଚ ସାମଗ୍ରୀ ତିଆରି) ଓ ରାଜନଗର ବ୍ଲକର ସଂଯୁକ୍ତା ମାନା (ମା' ତାରା ସ୍ୱୟଂସହାୟକ ଗୋଷ୍ଠୀ ସମନ୍ୱିତ କୃଷି) ତାଙ୍କ ଅନୁଭବ ଓ ସଫଳତାର କାହାଣୀ ଅଂଶୀଦାର କରିଥିଲେ। ଯାହା ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା।

## ଅସହାୟ ପରିବାରକୁ ସହାୟତା



ଡେରାବିଶ, ୨୯।୩(ସମିସ): ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବରାଙ୍ଗ ଗ୍ରାମର ଅସହାୟ ଆଲୋକ ଜେନାଙ୍କ ପରିବାରକୁ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ପ୍ରକୃତି ମିତ୍ର ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ ତରଫରୁ ସହାୟତା ପ୍ରଦାନ କରାଯାଇଛି। ବରାଙ୍ଗ ଗ୍ରାମର ଆଲୋକ ଜେନା କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କ ପରିବାରର ବୃଦ୍ଧା ମାଆ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିବା ସହିତ ବୃଦ୍ଧ ବାପା ଏବେ ଶଯ୍ୟାଶାୟୀ। ଏଥିସହିତ ତିନୋଟି ନାବାଳିକା ଝିଅ ଓ ପତ୍ନୀ ଆଲୋକ ଉପରେ ନିର୍ଭର କରନ୍ତି। ଏଭଳି ଦୁଃସ୍ଥିତି ସମୟରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ସହିତ ସଦସ୍ୟ ଛାତ୍ର ଲଛମନ ସାହୁ, ହିମାଂଶୁ ସାହୁ, ପ୍ରଶାନ୍ତ ପାଢ଼ୀ, କାଙ୍ଗାଳି ବାରିକ, ରବୀନ୍ଦ୍ର ବେହେରା ବରାଙ୍ଗ ଗ୍ରାମରେ ପହଞ୍ଚି ଅଲୋକଙ୍କ ପରିବାରକୁ ଏକମାସ ପାଇଁ ରାସନ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନ ପରିବେଶର ସମୃଦ୍ଧି, ସ୍ୱଚ୍ଛତା, ସୁରକ୍ଷା ଓ ନିଃଶୁଳ୍କ ସେବା ପ୍ରଦାନ କରି ସଶକ୍ତ ରାଷ୍ଟ୍ର ଗଠନରେ ପ୍ରୟାସ ଜାରି ରଖିଛି।

## ସିଦ୍ଧ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଗୋବିନ୍ଦପୁର ୨୯।୩(ସମିସ): ଆଳି ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ପୁରାତନ ଅନୁଷ୍ଠାନ ଜୁଆଣିଆ-ବାରମାଣିଆ ଗ୍ରାମ ମଧ୍ୟସ୍ଥଳରେ ଅବସ୍ଥିତ ସିଦ୍ଧ ମଠ ଶ୍ରୀରାମ ମନ୍ଦିର ପୀଠରେ ରାମନବମୀ ଅବସରରେ ବିଶ୍ୱ କଲ୍ୟାଣ ନିମନ୍ତେ ୭୯ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ରାମନବମୀରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨ ତାରିଖରେ ଉଦଯାପିତ ହେବ। ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଯଜ୍ଞରେ ଯଜ୍ଞାବାସ, ଅଙ୍କୁରାରୋପଣ, କଳସ ଯାତ୍ରା, ସୋମବାର ବିଶିଷ୍ଟ ଗାୟକଙ୍କ ଦ୍ୱାରା ଭଜନ ସମାରୋହ, ମଙ୍ଗଳବାର ଭଜନ ସମାରୋହ, ବୁଧବାର ଆହୁତି ପ୍ରଦାନ, ଦୁଇ ତାରିଖ ଗୁରୁବାର ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। କଳସ ଯାତ୍ରାରେ ୨ ଶହରୁ ଊର୍ଦ୍ଧ୍ୱ ମହିଳା ଖରସ୍ରୋତା ନଦୀର ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିର ନିକଟ ନଦୀ ଛନ୍ଦାରୁ ଜଳ ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ପରିଷଦର ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

## କୁମ୍ଭୀର ଆକ୍ରମଣର ଶିକାର ମହିଳାଙ୍କ ମୃତଦେହ ଉଦ୍ଧାର



ମହାକାଳପଡା,୨୯।୩(ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାହାର ଶୋବଲା ଗ୍ରାମରେ ଘଟିଥିବା କୁମ୍ଭୀର ଆକ୍ରମଣ ଘଟଣାର ଦୁଃଖଦ ପରିଣତି ଦେଖିବାକୁ ମିଳିଛି। ଦୁଇଦିନ ଧରି ନିଖୋଜ ଥିବା ମହିଳାଙ୍କ ମୃତଦେହ ଗୋବରୀ ନଦୀରୁ ଉଦ୍ଧାର କରାଯାଇଛି। ମୃତ ମହିଳା ଅକ୍ଷୟ ରାଉତଙ୍କ ସ୍ତ୍ରୀ ମଥୁରି ରାଉତ (୫୦)। ସେ ୨୮ ତାରିଖ ଅପରାହ୍ନରେ ଘର ପଛପଟରେ ଥିବା ଗୋବରୀ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ କୁମ୍ଭୀର ଟାଣି ନେଇଥିବା ଆଶଙ୍କା କରାଯାଇଥିଲା। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନଥିଲା। ପରଦିନ ନଦୀର ତଳ ମୁଣ୍ଡରେ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଖବର ପାଇ ମହାକାଳପଡା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣା ପରେ ଗ୍ରାମ ଓ ପାଖାପାଖି ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ନଦୀକୂଳକୁ ନ ଯିବାକୁ ସାବଧାନତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ସଚେତନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା




କେନ୍ଦ୍ରାପଡ଼ା,୨୯।୩(ସମିସ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ୩୮ତମ ଶ୍ରାଦ୍ଧଦିବସ ଅବସରରେ ମାଧପୁରସ୍ଥ ଅମରଉଦ୍ୟାନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଡ. ସର୍ବେଶ୍ୱର ସେଣ, ଶିକ୍ଷାବିତ ଶୈଳବାଳା ସାମଲ ଓ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ସ୍ୱର୍ଗତ ଭୂୟାଁଙ୍କ ଗୁଣାବଳୀ ଆଲୋକପାତ କରି ସ୍ୱର୍ଗତ ଭୂୟାଁ କର୍ମୀଙ୍କ କଥାକୁ ପ୍ରାଧାନ୍ୟ ଦେଉଥିବା ଜଣେ ବିଚକ୍ଷଣ ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଆଦର୍ଶ ଚାଷୀ ତଥା ସମବାୟବିତ ପରମାନନ୍ଦ ବିଶ୍ୱାଳ ଓ ଆଇନଜୀବୀ ଭଗବାନ ମିଶ୍ରଙ୍କୁ ଗୟାଚାନ୍ଦ ଭୂୟାଁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ନବନିର୍ବାଚିତ ଜିଲ୍ଲା ଓକିଲ ସଙ୍ଘ ଉପସଭାପତି ନୃସିଂହ ରାଉତ ଓ କାକଟର ସମାଜସେବୀ ଗଣେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସୁଶୀଲ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଦାସ, ନଳିନୀବିହାରୀ ମହାନ୍ତି, ଶରତ ବେହୁରା, ନିରଞ୍ଜନ ମେକାପ, ଡ. ଚୈତନ୍ୟ ପରିଡା, ନୃସିଂହ ରାଉତ, ବଟକୃଷ୍ଣ ପାଢୀ, ଗୟାଧର ଧଳ, ସୁବାସ ପାତ୍ର, ଶ୍ରୀଧର ମହାନ୍ତି, ନିରଞ୍ଜନ ଦାସ, ମନୋରଞ୍ଜନ ତ୍ରିପାଠୀ, ଦେବେନ୍ଦ୍ର ଦାସ, ପ୍ରମୋଦ ମହାପାତ୍ର, କମଳାକାନ୍ତ ବେହେରା, ମିନତୀ ମହାରଣା, ଅଶୋକ ସାହୁ, କେଦାରନାଥ ସାମନ୍ତରାୟ, ମୁକ୍ତାର ଆବାସ, ନୃସିଂହ ତ୍ରିପାଠୀ, ଦେବେନ୍ଦ୍ର ସାହୁ, ପାଲାଗାୟକ ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ସାହୁ, ହିମାଂଶୁ ଦାସ, ପ୍ରତୀମା ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପଣ୍ଡିତ ପ୍ରତାପ ପତି ଗୀତା ପାଠ କରିଥିଲେ। ମୁକ୍ତାର ଖାଁ ଅତିଥି ପରିଚୟ, ଭାଗୀରଥି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବୈଷ୍ଣବ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗ ଯୁବକ ଚନ୍ଦନଙ୍କୁ ସହାୟତା

ମହାକାଳପଡ଼ା,୨୯।୩(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳ ଅର୍ଥ ଅଭାବରୁ ଘର ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଏ ଖବର ଜାଣିବା ପରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବନେତା ତଥା ସମାଜସେବୀ ଡଃ ପ୍ରତାପ ଚନ୍ଦ୍ର ଦାସ ଚନ୍ଦନଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ପରବର୍ତ୍ତୀ ସମୟରେ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତାପଙ୍କ ସହିତ ସଂଗ୍ରାମ ସେଠୀ ଓ ବିଘ୍ନେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



### ୧୦୧ ବର୍ଷରେ ଡାମରପୁରର ନିଆରା ବାସନ୍ତୀ ଦୁର୍ଗାପୂଜା

# ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ବାଣ୍ଟି ଚାଲିଛି


ପଟ୍ଟାମୁଣ୍ଡାଇ,୨୯।୩(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକର ପ୍ରକୃତିପଲ୍ଲୀ ଡାମରପୁର ଗ୍ରାମରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଛି ବାସନ୍ତୀ ଦୁର୍ଗାପୂଜା। ଏଠାରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ନିଆରା ଢଙ୍ଗରେ ପାଳନ କରାଯାଉଥିବା ବାସନ୍ତୀ ଦୁର୍ଗାପୂଜା। ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ବାଣ୍ଟି ଚାଲିଛି। ବନ୍ୟା ପ୍ରଭାବିତ ଡାମରପୁର ଗାଁରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକ ବାସ କରୁଥିଲେ ମଧ୍ୟ ବାସନ୍ତୀ ଦୁର୍ଗାପୂଜା ଆସିଲେ ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇ ଗୋଟିଏ ଛତା ତଳେ ନିଆରା ଢଙ୍ଗରେ ବାସନ୍ତୀ ଦୁର୍ଗାପୂଜା ପାଳନ କରନ୍ତି। ଯାହାକି ଗ୍ରାମର ଏକତା, ଭାଇଚାରା ଓ ସାମ୍ପ୍ରଦାୟିକ ସଦଭାବକୁ ପ୍ରତିଫଳିତ କରିବା ସହିତ ଏକ ଭିନ୍ନ ସାମାଜିକ ବାର୍ତ୍ତା ପ୍ରଦାନ କରିଛି।

କିମ୍ବଦନ୍ତୀ କହେ ପ୍ରାକ୍ ସ୍ୱାଧୀନତା କାଳରେ ଅପୁତ୍ରିକ ଥିବା ତତ୍କାଳୀନ ଜମିଦାର ସ୍ୱର୍ଗତ ହରେକୃଷ୍ଣ ସାମନ୍ତରାୟ ପୁତ୍ର ସନ୍ତାନ ଆଶାରେ ମା' ବାସନ୍ତୀ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରାଇ ପ୍ରକୃତିପଲ୍ଲୀ ଡାମରପୁର ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ କରିଥିଲେ। ମହାମାୟୀ ମହିଷାମର୍ଦ୍ଦିନୀ ଦଶଭୁଜା ମା' ବାସନ୍ତୀ ଦେବୀଙ୍କ ପ୍ରଥମ ପୂଜାର ବର୍ଷକ ପରେ ଜମିଦାରଙ୍କ ପୁତ୍ର ସନ୍ତାନ ଜାତ ହୋଇଥିଲା। ଜମିଦାରୀ ଉଚ୍ଛେଦ ଓ ତତ୍କାଳୀନ ଜମିଦାର ସ୍ୱର୍ଗତ ସାମନ୍ତରାୟଙ୍କ ମୃତ୍ୟୁ ପରେ ଡାମରପୁର ଗ୍ରାମବାସୀ ସ୍ଥାୟୀ କମିଟି ଗଠନ କରି ଏହି ନିଆରା ବାସନ୍ତୀ ଦୁର୍ଗାପୂଜା ଉତ୍ସବ ପାଳନ କରିଆସୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷିଆନ ସମାଜସେବୀ ଶିକ୍ଷାବିତ ନୃସିଂହ ଚରଣ ଆଚାର୍ଯ୍ୟ ନିଜ ଜନ୍ମମାଟି ଡାମରପୁରରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ନିଆରା ବାସନ୍ତୀ ଦୁର୍ଗାପୂଜା ଉତ୍ସବ ଆୟୋଜନ କରିଆସୁଛନ୍ତି। ଏହି ପୂଜା ୧୦୧ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଡାମରପୁର ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ନୃସିଂହ ଚରଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବାସନ୍ତୀ ଦୁର୍ଗାପୂଜା ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ୨୪ ତାରିଖ ବିଲ୍ୱବରଣ ସହିତ ଆରମ୍ଭ ହୋଇଥିବା ବାସନ୍ତୀ ଦୁର୍ଗାପୂଜା ୨୮ ତାରିଖ ଦଶହରା ଉତ୍ସବ ସହିତ ସମାପ୍ତ ହୋଇଛି। ଦୁର୍ଗାପୂଜା ପାଇଁ ସମଗ୍ର ଡାମରପୁର ଉତ୍ସବମୁଖର ହୋଇଥିଲା। ଡାମରପୁର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଡାମରପୁର ସରପଞ୍ଚ ଅନୁସୂୟା ନାଥ, ସମିତି ସଭ୍ୟ ନିରୁପମା ସାହୁ, ପୂର୍ବତନ ସରପଞ୍ଚ ସୁବାସ ଦାସ, ନୃସିଂହ ସାହୁ ଓ ବୈକୁଣ୍ଠ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମକୁ ବାସନ୍ତୀ ଦୁର୍ଗାପୂଜା କମିଟି ସମ୍ପାଦକ ହେମନ୍ତ ସେନ, ସଦସ୍ୟ ନୃସିଂହ ସାହୁ, ପର୍ଶୁରାମ ସାହୁ, ମୁରଲୀ ସେଠୀ, ଶିକ୍ଷାବିତ କିଶୋର ସେନ, ରତ୍ନାକର ନାଥ, ସମାଜସେବୀ ବସନ୍ତ ନାଥ, ଗୟାଧର ବେହେରା, ବନ୍ଧୁଚରଣ ମାଝୀ ପ୍ରମୁଖ ପରିଚାଳନା କରିଥିଲେ।



# ସମ୍ପାଦକୀୟ



ଫୁଲର ସୁବାସ ପବନର ଅନୁକୂଳ ଦିଗକୁ ପ୍ରବାହିତ ହୋଇଥାଏ।
କିନ୍ତୁ ବ୍ୟକ୍ତିର ଉତ୍ତମ ଗୁଣର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଯାଏ।
-ଚାଣକ୍ୟ ନୀତି

ସକାଳ THE SAKALA

## ଐତିହାସିକ ଦୁର୍ବଳତା

ଆଶଙ୍କା ଅନୁରୂପ ବିଶ୍ୱ ପାଇଁ ଅର୍ଥନୈତିକ ମହାସଙ୍କଟ ଘନେଇ ଆସୁଛି। ବିଶେଷକରି ଇନ୍ଧନ ଚାହିଦାର ୮୦% ଆମଦାନୀ ଉପରେ ନିର୍ଭରଶୀଳ ଭାରତ ଭଳି ରାଷ୍ଟ୍ର ପାଇଁ ସ୍ଥିତି ଆହୁରି ଉତ୍କଟ ହେବାକୁ ଯାଉଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଐତିହାସିକ ସ୍ତର ପାଖାପାଖି ୯୫ କୁ ଖସିବା ପରେ ଭାରତୀୟ ଅର୍ଥନୀତି ଆଗକୁ ଦୀର୍ଘସମୟ ଧରି ସଙ୍କଟରେ ଘାରି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଶେଷଅସ୍ତ୍ର ରୂପେ ବୈଦେଶିକ ମୁଦ୍ରାଭଣ୍ଡାର ଖୋଲିବାକୁ ଯୋଜନା କରୁଥିଲେ ମଧ୍ୟ ସଙ୍କଟ ନିୟନ୍ତ୍ରଣକୁ ଆସିବାର ସମ୍ଭାବନା ଦେଖାଯାଉନାହିଁ। ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ବୈଦେଶିକ ମୁଦ୍ରାଭଣ୍ଡାର ଆଶ୍ୱସ୍ତିଜନକ ଏବଂ ବୈଶ୍ୱିକ ସଙ୍କଟକୁ ମୁକାବିଲା କରିବା ଲାଗି ସକ୍ଷମ ଥିବା ଆରବିଆଇ କହିଥିବା ବେଳେ ଇତିମଧ୍ୟରେ ସ୍ଥିତି ଓଲଟପାଲଟ ହୋଇଯାଇଛି। ବିଶ୍ୱ ବଜାରରେ କ୍ରମାଗତ ଇନ୍ଧନ ମୂଲ୍ୟ ବୃଦ୍ଧି ସହିତ ଗତ ସପ୍ତାହରେ ବିଦେଶୀ ନିବେଶକମାନେ ୧୨୧୦ କୋଟି ଡଲାର ମୂଲ୍ୟର ଅଂଶଧନ ବିକ୍ରି କରିଦେଇଥିବାରୁ ଟଙ୍କା ମୂଲ୍ୟ ଐତିହାସିକ ନିମ୍ନସ୍ତରକୁ ଖସି ଆସିଛି।



ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ବୈଦେଶିକ ମୁଦ୍ରା, ସୁନା, ଏସ୍‌ଡିଆର(ସ୍ୱତନ୍ତ୍ର ଉଠାଣ ଅଧିକାର) ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରେ ସ୍ୱତନ୍ତ୍ର ଜମା ଆକାରରେ ସମୃଦ୍ଧ। ସ୍ୱଳ୍ପମିଆଦୀ ଜରୁରୀକାଳୀନ ପରିସ୍ଥିତିରେ ଏସ୍‌ଡିଆର ଅଧିକାର ପ୍ରୟୋଗ କରି ବୈଦେଶିକ ବିନିମୟ ମୁଦ୍ରା ସଂଗ୍ରହ କରିବାର ଅଧିକାର ଆଇଏମ୍‌ଏଫ୍ ତାହାର ସଦସ୍ୟ ରାଷ୍ଟ୍ରଙ୍କୁ ଦେଇଛି। ଭାରତର ଏସ୍‌ଡିଆର ଆମେରିକୀୟ ଡଲାର, ୟୁରୋ, ୟୁଆନ୍(ଚୀନ୍ ମୁଦ୍ରା) ଓ ପାଉଣ୍ଡ ବିନିମୟ କରିପାରିବ। ମାର୍ଚ୍ଚ ୧୫ ସୁଦ୍ଧା ଭାରତର ଏସ୍‌ଡିଆର ମୂଲ୍ୟ ଏବଂ ଆଇଏମ୍‌ଏଫ୍‌ରେ ଜମା ପରିମାଣ ଥିଲା ଯଥାକ୍ରମେ ୧୮୭୦ କୋଟି ଓ ୪୮୦ କୋଟି ଡଲାର। ସେହିପରି ଆରବିଆଇର ବୈଦେଶିକ ମୁଦ୍ରାଭଣ୍ଡାରରେ ୫୫, ୬୦୦ କୋଟି ଡଲାର ଓ ୧୩, ୧୦୦ କୋଟି ଡଲାର ମୂଲ୍ୟର ସୁନା ଗଚ୍ଛିତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଦ୍ରୁତ ହ୍ରାସ ଘଟୁଥିବାରୁ ବିଦେଶୀ ନିବେଶକମାନେ ବିପୁଳ ପରିମାଣରେ ଭାରତୀୟ ପୁଞ୍ଜି ବଜାରରୁ ଅଂଶଧନ ପ୍ରତ୍ୟାହାର କରିନେଉଛନ୍ତି। ଏହି ଧାରା ଜାରି ରହିଲେ ସ୍ଥିତି ସମ୍ଭାଳିବାରେ ଆରବିଆଇର ମୁଦ୍ରାଭଣ୍ଡାରର ବୈଦେଶିକ ମୁଦ୍ରାର ବର୍ତ୍ତମାନ ସ୍ତର ସକ୍ଷମ ହେବ ନାହିଁ। ୨୦୨୪ ଅକ୍ଟୋବରରୁ ଅଦ୍ୟାବଧି ଆରବିଆଇ ୯୪୦୦ କୋଟି ଡଲାର ଖୋଲା ବଜାରରେ ବିକ୍ରି କରିସାରିଥିଲେ ମଧ୍ୟ ସ୍ଥିତି ସୁଧୁରିବା ବଦଳରେ ବିଗିଡ଼ି ଚାଲିଛି। ଏସ୍‌ଡିଆର ଓ ସ୍ୱତନ୍ତ୍ର ଜମା ମଧ୍ୟ ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ସ୍ଥିତି ସମ୍ଭାଳିବାକୁ ଯଥେଷ୍ଟ ନୁହେଁ। କେବଳ ଶେଷଅସ୍ତ୍ର ରୂପେ ଆରବିଆଇ ସୁନା ବିକ୍ରୟ କିମ୍ବା ବନ୍ଧା ପକାଇପାରେ। ଏହି ପୃଷ୍ଠଭୂମିରେ କେବଳ ଗୋଟିଏ ମାତ୍ର ବିକଳ୍ପ ରହିଛି, ଯେଉଁଥିରେ ସରକାର ଇନ୍ଧନ ମୂଲ୍ୟ ବୃଦ୍ଧି କରିବେ। ଏହାଦ୍ୱାରା ଘରୋଇ ବଜାରରେ ଇନ୍ଧନର ବ୍ୟବହାର କମିବ, ଆମଦାନୀ ଚାପ ହ୍ରାସ ପାଇବ ଏବଂ କରେଣ୍ଟ ଆକାଉଣ୍ଟ ନିଅଣ୍ଟ କିଛିମାତ୍ରାରେ ନିୟନ୍ତ୍ରଣକୁ ଆସି ଟଙ୍କାକୁ ଆହୁରି ଦୁର୍ବଳ ହେବାରୁ କିଛିଟା ସୁରକ୍ଷା ଦେଇପାରିବ। କିନ୍ତୁ ଏହାଦ୍ୱାରା ଦରଦାମ ଆହୁରି ବଢ଼ିବ। ତେଣୁ ଶେଷରେ ଟଙ୍କା ମୂଲ୍ୟର ଏହି ଐତିହାସିକ ବୋଝ ଧନୀଗରିବ ନିର୍ବିଶେଷରେ ଦେଶର ଜନସାଧାରଣଙ୍କୁ ହିଁ ମୁଣ୍ଡାଇବାକୁ ପଡ଼ିବ।

ଇତିମଧ୍ୟରେ ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦନ ଶୁଳ୍କ(ଏସ୍‌ଏଇଡି)ରେ ଲିଟର ପିଛା ୧୦ ଟଙ୍କା ହ୍ରାସ କରିଛନ୍ତି। ଅପରପକ୍ଷରେ ବିଶୋଧିତ ଡିଜେଲ୍ ଓ ଏଟିଏଫ୍ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି କରିଛନ୍ତି। ଏସ୍‌ଏଇଡି ହ୍ରାସ ଜରିଆରେ ସରକାର ମାସକୁ ୧୫ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ଥିବା ବେଳେ ରପ୍ତାନୀ ଶୁଳ୍କ ବୃଦ୍ଧି ଜରିଆରେ ମାସିକ ୩୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ। କିନ୍ତୁ ଏହା ବଜାର ଚାହିଦା ସ୍ଥିତି ସମ୍ଭାଳିବା କିମ୍ବା ଟଙ୍କାର ବିନିମୟ ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ଯଥେଷ୍ଟ ହେବ ନାହିଁ। ତୈଳ ବିତରକମାନେ ସାମଗ୍ରିକ ଭାବେ ଦୈନିକ ୨, ୪୦୦ କୋଟି ଟଙ୍କାର କ୍ଷତି ସହୁଥିବା ଦର୍ଶାଇଛନ୍ତି। ଅଧିକ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିକୁ ଅଣଦେଖା କରାଯାଇପାରିବ ନାହିଁ କି ରାଜକୋଷ ଉପରେ ଅଧିକ ଚାପ ଦେଇହେବ ନାହିଁ। ତେଣୁ ପରୋକ୍ଷ ଭାବେ ଦେଶର ପ୍ରାୟ ୧୪୦ କୋଟି ଉପଭୋକ୍ତା ହିଁ ଦେଶର ଅର୍ଥନୈତିକ ମହାସଙ୍କଟକୁ ଟାଳିବାର ମୂଲ୍ୟ ଦେବାକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ।

ଭାରତୀୟ ଟଙ୍କାରର ଏହି ଐତିହାସିକ ଦୁର୍ବଳ ସ୍ଥିତି ମଧ୍ୟପ୍ରାଚ୍ୟ ଯୁଦ୍ଧ ସହିତ ରାତାରାତି ଆସିନାହିଁ। ୨୦୨୪ରୁ ପ୍ରାରମ୍ଭରୁ ବୈଦେଶିକ ପୁଞ୍ଜି ନିବେଶ ହ୍ରାସ ପାଇଚାଲିଥିବା ବେଳେ ବିଦେଶୀ ନିବେଶକମାନଙ୍କର ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରହିଛି। ଅପରପକ୍ଷରେ ବିଭିନ୍ନ ଦେଶ ସହିତ ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇଚାଲିଛି। ସେହି ସମୟରୁ ଯଦି ସରକାର ସମସ୍ୟା ସୁଧାରିବାରେ ନିଷ୍ଠାବାନ୍ ହୋଇଥା'ନ୍ତେ ଏବଂ ନୀତିଗତ ସଂସ୍କାର ପ୍ରତି ଆଗ୍ରହ ପ୍ରକାଶ କରିଥା'ନ୍ତେ ତେବେ ଆଜି ପରିସ୍ଥିତି ଏତେ ଉତ୍କଟ ହୋଇ ନ ଥା'ନ୍ତା। କିନ୍ତୁ ନିର୍ବାଚନମନସ୍କ କେନ୍ଦ୍ର ସରକାର ଦେଶର ଅର୍ଥନୀତି ପ୍ରତି ଘନେଇ ଆସୁଥିବା ବିପଦକୁ ଦେଖିପାରିଲେ ନାହିଁ କିମ୍ବା ଗୁରୁତ୍ୱ ଦେଲେ ନାହିଁ। ବର୍ତ୍ତମାନ ଶାସନ କ୍ଷମତାରେ ଥିବା ଦଳ ବିଗତ ଦଶନ୍ଧିର ପ୍ରାରମ୍ଭରେ ବିରୋଧୀ ଦଳର ଭୂମିକା ନିର୍ବାହ କରୁଥିଲା। ସେତେବେଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପରିପ୍ରେକ୍ଷୀରେ ତତ୍କାଳୀନ ବିରୋଧୀ ଦଳର ମନ୍ତବ୍ୟ ଥିଲା ଯେ 'ଟଙ୍କା କେବଳ ଏକ କାଗଜ ଟୁକୁଡ଼ା ନୁହେଁ, ଏହା ସହିତ ଦେଶର ପ୍ରତିଷ୍ଠା ଜଡ଼ିତ ଅଛି। ଟଙ୍କା ଦୁର୍ବଳ ହେବା ସହିତ ଦେଶର ପ୍ରତିଷ୍ଠା ମଧ୍ୟ ନିମ୍ନଗାମୀ ହେଉଛି...। ...ଡଲାର ତୁଳନାରେ ଅନ୍ୟ ଦେଶର ମୁଦ୍ରା ଏତେ ଦୁର୍ବଳ ହେଉନାହିଁ; କିନ୍ତୁ ଏଭଳି କ'ଣ କାରଣ ରହିଛି ଯାହା ଫଳରେ ଟଙ୍କା ଦୁର୍ବଳ ହୋଇଚାଲିଛି?' ଏବେ ସେହି ପ୍ରଶ୍ନ ଦେଶବାସୀ ସରକାରଙ୍କୁ ପଚାରିବାକୁ ଚାହାନ୍ତି। ଟଙ୍କାର ଏହି ଐତିହାସିକ ଦୁର୍ବଳତା ପାଇଁ ସରକାର ନିଜର ଉତ୍ତରଦାୟିତ୍ୱରୁ ଓହରି ପାରିବେ ନାହିଁ।

# ଜାତିବିହୀନ ଧର୍ମ ଓ ସଂରକ୍ଷଣହୀନ ଅଧିକାର

**ଡକ୍ଟର ଅବଶ ପରିଡ଼ା**

କିଛିଦିନ ତଳେ ପ୍ରକାଶିତ ଏକ ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୁ, ଶିଖ ଓ ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମାବଲମ୍ବୀ ତୁରନ୍ତ ନିଜର ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ହରାଇବେ। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତି ଉପରୋକ୍ତ ତିନି ଧର୍ମର ନୁହନ୍ତି ତାଙ୍କୁ ଅନୁସୂଚିତ ଜାତି ଭାବରେ ଆଇନଗତ ମାନ୍ୟତା ମିଳିବ ନାହିଁ। ଚିନ୍ତାଦା ଆନନ୍ଦ ବନାମ ଆନ୍ଧ୍ର ପ୍ରଦେଶ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହା ସ୍ପଷ୍ଟ କରିଛନ୍ତି।

ଆଲୋଚନାକୁ ଆଗକୁ ନେବା ପୂର୍ବରୁ ଏହି ଘଟଣାର ପୃଷ୍ଠଭୂମି ବିଷୟରେ ଚୁମ୍ବକରେ ଜାଣିବା। ଆବେଦନକାରୀ ଚିନ୍ତାଦା ଆନନ୍ଦ ଥିଲେ ମାଡିଗା ସମ୍ପ୍ରଦାୟର ଦଳିତ। ଧର୍ମାନ୍ତରୀକରଣ ପରେ ଏକ ଦଶନ୍ଧି ଧରି ସେ ଜଣେ ଖ୍ରୀଷ୍ଟିଆନ ପାଦ୍ରୀ ଭାବରେ କାର୍ଯ୍ୟ କରୁଥିଲେ। 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଆଇନ' ଅନୁଯାୟୀ ୨୦୨୧ ମସିହାରେ ଆନନ୍ଦ ଏକ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଜଣେ ପାଦ୍ରୀ ଭାବରେ ସେବା କରୁଥିବାରୁ ସେ ହିନ୍ଦୁ ଧର୍ମର ଢାଞ୍ଚା ଅନୁଯାୟୀ ହୋଇଥିବା ଅନୁସୂଚିତ ଜାତି ମାନ୍ୟତାର ବିପରୀତ ବୋଲି ଅଦାଲତ ବିଶ୍ୱାସ କଲେ। ଯାହା ଦ୍ୱାରା ଆନନ୍ଦଙ୍କ ଉଭୟ ଆବେଦନ ଓ ଜାତି ମାନ୍ୟତା ଖାରଜ ହୋଇଗଲା। ଏହାର କାରଣରେ ଅଦାଲତ କହିଲେ ଯେ ଧର୍ମଶାସ୍ତ୍ର ଦୃଷ୍ଟିରୁ ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମ ହେଉଛନ୍ତି 'ଜାତିହୀନ'। ତେଣୁ ଧର୍ମାନ୍ତରୀକରଣ କରିଥିବା ବ୍ୟକ୍ତିମାନେ ଆଇନ ଅନୁଯାୟୀ ସଂରକ୍ଷଣ ଲାଭ କିମ୍ବା ସୁରକ୍ଷା ଦାବି କରିପାରିବେ ନାହିଁ। ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ୧୯୮୫ ମସିହାର ସୁସାଇ ବନାମ ଭାରତ ସଂଘର ରାୟରେ ଭେଦଭାବର ତଥ୍ୟଭିତ୍ତିକ ପ୍ରମାଣ ଅଭାବରୁ ସର୍ବୋଚ୍ଚ ନ୍ୟାୟାଳୟ ଦଳିତ ଖ୍ରୀଷ୍ଟିଆନଙ୍କର ଏସସି ମାନ୍ୟତା ପ୍ରତ୍ୟାଖ୍ୟାନ କରିଥିଲେ।

ସମାଜଶାସ୍ତ୍ର ଅନୁସାରେ, ଜାତି ହେଉଛି ଜନ୍ମ ଆଧାରିତ, ବଂଶାନୁକ୍ରମିକ, ପଦାନୁକ୍ରମ ଏବଂ ଦୈନନ୍ଦିନ ଜୀବନ ଯେପରିକି ବିବାହ, ବୃତ୍ତି, ସାମାଜିକ ବିଭେଦରେ ନିହିତ ଏକ ସାମାଜିକ ବ୍ୟବସ୍ଥା। ଅଦାଲତ କିନ୍ତୁ ଜାତିକୁ ଧର୍ମ-ଆବଦ୍ଧ କରି ଏକ ଆଇନଗତ ପରିଚୟ ଦେଇଛନ୍ତି। ପାରମ୍ପରିକ ସମାଜଶାସ୍ତ୍ରୀୟ ବାସ୍ତବତା କୁହେ ଯେ ଧର୍ମ ପରିବର୍ତ୍ତନ ପରେ ମଧ୍ୟ ଜାତି ବଜାୟ ରହେ। ଅନ୍ୟପଟେ ଆଇନଗତ ବ୍ୟାଖ୍ୟା କୁହେ ଯେ ଧର୍ମାନ୍ତରୀକରଣ ପରେ ଜାତି ଆଇନଗତ ଭାବରେ ଶେଷ ହୁଏ। ଏହା ଏକ ବିରୋଧାଭାସ ସୃଷ୍ଟି କରୁନି କି? ଜାତିର ସାମାଜିକ ବାସ୍ତବତା ଓ ଆଇନଗତ ବର୍ଗୀକରଣ ମଧ୍ୟରେ ଉପୁଜୁଥିବା ଏହି ଦ୍ୱନ୍ଦ୍ୱ ହେଉଛି ଭାରତରେ ହେଉଥିବା ବିତର୍କର ମୁଖ୍ୟ କାରଣ।

ଯେହେତୁ ଇସଲାମ ଓ ଖ୍ରୀଷ୍ଟିଆନରେ କୌଣସି ଜାତି ନାହିଁ, ତେଣୁ ଅନୁସୂଚିତ ଜାତି ସୁରକ୍ଷାର ଆବଶ୍ୟକତା ନାହିଁ। କିନ୍ତୁ 'ଜାତିହୀନ ଧର୍ମ' ଧାରଣାରେ ସେମିତି କୌଣସି ସ୍ପଷ୍ଟତା ମିଳେନି। ଅନେକ ସମାଜଶାସ୍ତ୍ରୀୟ ଅଧ୍ୟୟନ ଦର୍ଶାଉଛି ଯେ 'ଦଳିତ ଖ୍ରୀଷ୍ଟିଆନ' ଏବଂ 'ପାସମାଣ୍ଡା ମୁସଲମାନ' ଭଳି ବର୍ଗ ଏବେ ବି ଭେଦଭାବର ସମ୍ମୁଖୀନ ହେଉଛନ୍ତି। 'ପାସମାଣ୍ଡା ମୁସଲମାନ'ମାନେ ହେଉଛନ୍ତି ଐତିହାସିକ ଭାବରେ ଭାରତର ଉପେକ୍ଷିତ ନିମ୍ନଜାତିର ମୁସଲମାନ। ସେମାନେ ଭାରତୀୟ ମୁସଲମାନ ଜନସଂଖ୍ୟାର ପ୍ରାୟ ୮୫ ପ୍ରତିଶତ। ଦୁଇଟି ମୁଖ୍ୟବର୍ଗରେ 'ପାସମାଣ୍ଡା'ଙ୍କୁ ବର୍ଗୀକୃତ କରାଯାଇଛି। ଯଥା - 'ଆଜଲାଫ', ଯାହା ମୁସଲିମ ପଛୁଆ ଜାତି ଏବଂ 'ଆର୍ଜଲ', ଯାହା ଦଳିତ ମୁସଲମାନ ଭାବରେ ଭାବେ ପରିଚିତ। ସେହିପରି ଦଳିତ ଖ୍ରୀଷ୍ଟିଆନ ମଧ୍ୟ ଅନେକ ସାମାଜିକ ସ୍ତରରେ ଉପେକ୍ଷିତ। ଭାରତୀୟ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କର ୭୦ ପ୍ରତିଶତରୁ ଅଧିକ ଥିବା ଦଳିତ ଖ୍ରୀଷ୍ଟିଆନମାନେ ଭାରତୀୟ ଉପମହାଦେଶର ସେହି ଗୋଷ୍ଠୀ, ଯେଉଁମାନେ 'ଅସ୍ପୃଶ୍ୟ' ହିନ୍ଦୁ ଜାତିରୁ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି। 'ଏସ୍‌ସି' ସଂରକ୍ଷଣରୁ ବାଦ ପଡ଼ିଥିବା ଦଳିତ ଖ୍ରୀଷ୍ଟିଆନମାନେ ନିରନ୍ତର ସାମାଜିକ ବୈଷମ୍ୟ ଏବଂ ଆର୍ଥିକ କଷ୍ଟର ସମ୍ମୁଖୀନ ହେଉଛନ୍ତି।

ସମାଧିସ୍ଥଳରେ ପୃଥକୀକରଣ, ନିଜ ଜାତି ମଧ୍ୟରେ ବିବାହ ଓ ବୃତ୍ତିଗତ କଳଙ୍କ ଭଳି ସମସ୍ୟାରେ 'ଜାତିହୀନ ଧର୍ମ' ମଧ୍ୟ ପୀଡ଼ିତ। ପାଠରେ କହୁଥିବା 'ଆଦର୍ଶ ଧର୍ମ' ଓ ସମାଜ ଅଭ୍ୟାସ କରୁଥିବା 'ଜୀବିତ ଧର୍ମ' ମଧ୍ୟରେ ଅନେକ ପାର୍ଥକ୍ୟ ଅଛି। ୨୦୦୭ ମସିହାରେ ଜଷ୍ଟିସ ରଙ୍ଗନାଥ ମିଶ୍ର ଆୟୋଗଙ୍କ ରିପୋର୍ଟ କୁହେ ଯେ ଦଳିତ ଧର୍ମାନ୍ତରିତଙ୍କ ମଧ୍ୟରେ ଗମ୍ଭୀର ସାମାଜିକ ଭେଦଭାବ ଅଛି। ଏଥିରେ ସୁପାରିସ କରାଯାଇଛି ଯେ ଧର୍ମରୁ 'ଏସ୍‌ସି' ମାନ୍ୟତାକୁ ଅଲଗା କରାଯିବା ଆବଶ୍ୟକ। ଏହାର ପ୍ରତିକ୍ରିୟାରେ କିଛିଗୋଷ୍ଠୀ ମତ ରଖନ୍ତି ଯେ ଏସ୍‌ସି ବର୍ଗ ସ୍ୱତନ୍ତ୍ର ଭାବରେ 'ଅସ୍ପୃଶ୍ୟତା'କୁ ସମାଧାନ କରିବା ପାଇଁ ସୃଷ୍ଟି କରାଯାଇଥିଲା, ଯାହା ହିନ୍ଦୁ 'ବର୍ଣ୍ଣ ବ୍ୟବସ୍ଥା'ର ଏକ ଅଭ୍ୟାସ। ତେଣୁ ଅଣଭାରତୀୟ ମୂଳର ଧର୍ମଗୁଡ଼ିକ ଏହି ପ୍ରାଚୀନ ଅଭ୍ୟାସର ଅଂଶୀଦାର ନୁହନ୍ତି। ଏଠାରେ ଆଉ ଏକ ତଥ୍ୟ ଉଲ୍ଲେଖ କରିବାକୁ ଚାହୁଁଛି ଯେ କରମଚେଡୁ ଗଣହତ୍ୟା ଭଳି ଗୁରୁତର ଘଟଣା ପରେ 'ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ-୧୯୮୯' ପ୍ରଣୟନ କରାଯାଇଥିଲା। ଯେଉଁଠାରେ ଅଧିକାଂଶ ପୀଡ଼ିତ ଖ୍ରୀଷ୍ଟିଆନ ଥିଲେ। ତେଣୁ ଧାର୍ମିକ ସମ୍ପର୍କ ନିର୍ବିଶେଷରେ ଜାତିଭିତ୍ତିକ ଭେଦଭାବ ଓ ହିଂସା ସର୍ବଦା ଜାରି ରହିଥିଲା ଏବଂ ରହିଛି ମଧ୍ୟ।

କିଛି ବୁଦ୍ଧିଜୀବୀ ମହଲ ଏହି ବର୍ଗୀକରଣରେ ଅସଙ୍ଗତି କଥା କୁହନ୍ତି। ଯଦି ଅନୁସୂଚିତ ଜନଜାତି(ଏସ୍‌ଟି) ଓ 'ଓବିସି'ମାନଙ୍କୁ ସେମାନଙ୍କ ଧର୍ମ ନିର୍ବିଶେଷରେ ଚିହ୍ନଟ କରାଯାଇଛି, ତେବେ କେବଳ 'ଏସ୍‌ସି' ବର୍ଗ ପାଇଁ ଧର୍ମ-ନିରପେକ୍ଷ ଆଭିମୁଖ୍ୟକୁ ଅସ୍ୱୀକାର କରିବା ଏକ ମନମୁଖି କାର୍ଯ୍ୟ ନୁହେଁ କି? ଏହାର ଉତ୍ତରରେ ଦୁଇଟି ଯୁକ୍ତି ଆସେ। ପ୍ରଥମ, 'ଏସ୍‌ସି' ସଂରକ୍ଷଣ ପାଇଁ ଏହି ଅନ୍ତର୍ଭୁକ୍ତୀକରଣ ହେଉଛି ଏକ ଅତ୍ୟଧିକ ବୋଝ। ଯଦି ଲକ୍ଷ ଲକ୍ଷ ଦଳିତ ଖ୍ରୀଷ୍ଟିଆନ ଏବଂ ମୁସଲମାନଙ୍କୁ 'ଏସ୍‌ସି' ତାଲିକାରେ ଯୋଡ଼ିବା ତେବେ ସାମ୍ବିଧାନିକ ଭାବରେ ସ୍ଥିର 'ଏସ୍‌ସି' ସଂରକ୍ଷଣ କୋଟା ଉପରେ ଭାରି ବୋଝ ପଡ଼ିବ। ଏହାଦ୍ୱାରା ବ୍ୟବସ୍ଥାଗତ ସମସ୍ୟାର ସମ୍ମୁଖୀନ ହୋଇଥିବା ହିତାଧିକାରୀଙ୍କ ପାଇଁ କୋଟା ବା ସଂରକ୍ଷଣ ଗୁରୁତର ଭାବରେ ସଙ୍କୁଚିତ ହେବ। ଦ୍ୱିତୀୟଟି ହେଉଛି, 'ଏସ୍‌ସି'ର ପରିଚୟ କେବଳ ହିନ୍ଦୁ ଜାତି ପ୍ରଥା ସହିତ ଜଡ଼ିତ ଏବଂ 'ଏସ୍‌ଟି'ର ପରିଚୟ ଜନଜାତି ସଂସ୍କୃତି ସହିତ ଜଡ଼ିତ। କିନ୍ତୁ ରାଷ୍ଟ୍ରର ସକାରାତ୍ମକ କାର୍ଯ୍ୟ ମଧ୍ୟରେ ନାଗରିକତା ପାର୍ଥକ୍ୟ କେତେ ଯୁକ୍ତିଯୁକ୍ତ ତାହା ବିତର୍କର ବିଷୟ।

ଭାରତ ସମ୍ବିଧାନର ଅନୁସୂଚିତ ଜାତି ଆଦେଶ, ୧୯୫୦ରେ ଅନୁସୂଚିତ ଜାତି ଯୋଗ୍ୟତା କଥା ଉଲ୍ଲେଖ ଅଛି। ଏହା ସମ୍ବିଧାନ (ଅନୁସୂଚିତ ଜାତି) ଆଦେଶ, ୧୯୫୦ର ଧାରା ୩ ଦ୍ୱାରା କଠୋର ଭାବରେ ନିୟନ୍ତ୍ରିତ। ଏହି ଧାରା ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ 'ଏସ୍‌ସି'ର ସଦସ୍ୟ ଭାବରେ ଆଇନଗତ ସ୍ୱୀକୃତି ପାଇବା ପାଇଁ ସାର୍ବଜନୀନ ଭାବରେ ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମକୁ ସ୍ୱୀକାର ବା ଅଭ୍ୟାସ କରିବାକୁ ପଡ଼ିବ। ମୂଳ ୧୯୫୦ ଆଦେଶରେ ହିନ୍ଦୁ ଧର୍ମ ଏକମାତ୍ର ଧର୍ମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ପରେ ୧୯୫୬ ମସିହାରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଶିଖ ଧର୍ମ ଏବଂ ୧୯୯୦ ମସିହାରେ ବୌଦ୍ଧ ଧର୍ମ ଯୋଡ଼ା ଯାଇଥିଲା।

ସେ ଯାହା ବି ହେଉ ରାୟ ଆସିଲା ପରେ ଏକ ନୂତନ ସଂଶୟ ଜନ୍ମ ନେଇଛି। ତାହା ହେଉଛି, ଅସ୍ପୃଶ୍ୟତାରୁ ରକ୍ଷା ଓ ପ୍ରତୀକାତ୍ମକ ମର୍ଯ୍ୟାଦା ପାଇଁ କରିଥିବା ଧର୍ମାନ୍ତରୀକରଣ ଯେ ସଂରକ୍ଷଣ ଓ ଆଇନଗତ ସୁରକ୍ଷାରୁ ବଞ୍ଚିତ କରିବ ସେ ଆଶଙ୍କା କୌଣସି ଅନୁସୂଚିତ ଜାତିର ବ୍ୟକ୍ତି କରି ନ ଥିବେ। ଧାର୍ମିକ ସ୍ୱାଧୀନତା ମିଳିଗଲା; କିନ୍ତୁ ରାଷ୍ଟ୍ରର ସମର୍ଥନ ହରାଇବାର ଚିନ୍ତା ଏବେ ଅନେକଙ୍କୁ ଘାରିଛି। କିନ୍ତୁ ଅନ୍ୟପଟେ ଏହି ଦ୍ୱିଧା କାହିଁକି ଆସୁଛି ବୋଲି ଅନେକ ପ୍ରଶ୍ନ କରୁଛନ୍ତି। କାରଣ ସଂଖ୍ୟାଲଘୁ ଭାବରେ ସମସ୍ତ ସାମ୍ବିଧାନିକ ସମର୍ଥନ ପାଇବାର ଅଧିକାରକୁ ଉପଯୋଗ କରିବାରେ କୌଣସି ବାରଣ ନାହିଁ। ତେଣୁ ଏସବୁ କୁଆଡ଼େ ଭିତ୍ତିହୀନ ଯୁକ୍ତି। ତେବେ ଯଦି ଜଣେ ଧର୍ମାନ୍ତରିତ ବ୍ୟକ୍ତି ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମକୁ ପୁନଃପରିବର୍ତ୍ତନ କରି ସେମାନଙ୍କର 'ଏସ୍‌ସି' ମାନ୍ୟତା ପୁନଃପ୍ରାପ୍ତ କରିବାକୁ ଚାହାନ୍ତି, ତେବେ ସେମାନଙ୍କୁ କ'ଣ କରିବାକୁ ପଡ଼ିବ? ଉଭୟ କେ.ପି. ମନୁ ବନାମ ଅଧକ୍ଷ, ଯାଞ୍ଚ କମିଟି ଓ ସି.ଏମ୍. ଅରୁମୁଗମ ବନାମ ଏସ. ରାଜଗୋପାଳ ରାୟ କୁହେ ଯେ ଜାତିକୁ ସାମାଜିକ ଭାବରେ ମାନ୍ୟତା ମିଳିବା ଉଚିତ। କିନ୍ତୁ ଧର୍ମାନ୍ତରୀକରଣ ପରେ 'ଏସ୍‌ସି' ମାନ୍ୟତା ବଜାୟ ରଖିବା ପାଇଁ ନିରନ୍ତର ଭେଦଭାବ ଏବଂ ସମ୍ପ୍ରଦାୟ ଗ୍ରହଣର ପ୍ରମାଣ ମଧ୍ୟ ଆବଶ୍ୟକ। ମୋଟ ଉପରେ ଧର୍ମାନ୍ତରିତ ଧର୍ମର ପ୍ରକୃତ ପରିତ୍ୟାଗ, ମୂଳ ଜାତି ପ୍ରଥା ଏବଂ ମୂଳ ଜାତି ସମ୍ପ୍ରଦାୟରେ ସ୍ପଷ୍ଟ ଗ୍ରହଣୀୟତା ଉପରେ 'ଏସ୍‌ସି' ମାନ୍ୟତା ପୁନଃପ୍ରାପ୍ତ ନିର୍ଭରଶୀଳ।

ତେଣୁ ଏହି ଜଟିଳ ସମସ୍ୟାର ସମାଧାନ ଆଦର୍ଶଗତ ଦୃଷ୍ଟିକୋଣ ଅପେକ୍ଷା ବସ୍ତୁନିଷ୍ଠ, ସମସାମୟିକ ତଥ୍ୟ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ। ଦଳିତମାନେ ଖ୍ରୀଷ୍ଟିଆନ ଏବଂ ଇସଲାମ ଧର୍ମକୁ ଧର୍ମାନ୍ତରିତ ହେବା ପରେ ଅସ୍ପୃଶ୍ୟତାର ଶିକାର ହେଉଛନ୍ତି କି ନାହିଁ ସେ ତଥ୍ୟ ବେଶ ଜରୁରୀ। ପରିଶେଷରେ ଧର୍ମ-ନିରପେକ୍ଷ ପଛୁଆ ବର୍ଗ ଢାଞ୍ଚାର ପୁନଃମୂଲ୍ୟାୟନ ସହିତ ସାର୍ବଜନୀନ ବୈଷମ୍ୟ ବିରୋଧୀ ଆଇନକୁ ସୁଦୃଢ଼ କରିବା ପାଇଁ ଏକ ଶକ୍ତ ନିୟମ ଆବଶ୍ୟକ। ଏସବୁ ବ୍ୟତୀତ, ଭେଦଭାବକୁ ସ୍ୱୀକୃତି ନ ଦେଇ ସମାଜରେ ସମାନତା ଆସିପାରିବ କି? ଏହି ମୂଳ ପ୍ରଶ୍ନର ଉତ୍ତର ହିଁ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ନୂଆ ନେପାଳ, ନୂଆ ନେତୃତ୍ୱ

**ଡ ସୁଶାନ୍ତ କୁମାର ପରିଡ଼ା**

ଆଜିର ବିଶ୍ୱ ରାଜନୀତିରେ ପାରମ୍ପରିକ ରାଜନୀତିଜ୍ଞମାନଙ୍କ ସହିତ ଅଭିନେତା, କ୍ରୀଡ଼ାବିତ୍, ସାମାଜିକ କର୍ମୀମାନେ ଆଗକୁ ଆସୁଥିବା ଦେଖାଯାଉଛି। ଏହି ପରିବର୍ତ୍ତନକୁ ଏବେ ଆଉ ଗୋଟିଏ ନୂଆ ମୁହଁ ମିଳିଛି 'ରାପର୍'। ପଡ଼ୋଶୀ ଦେଶ ନେପାଳରେ ଏହା ଏକ ଐତିହାସିକ ଘଟଣାର ରୂପ ନେଇଛି, ଯେଉଁଠାରେ ରାପର୍‌ଠାରୁ ରାଜନୀତିଜ୍ଞ ହୋଇଥିବା ବଳେନ୍ଦ୍ର ଶାହ(ବାଲେନ୍) ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୩୫ ବର୍ଷ ବୟସରେ ବାଲେନଙ୍କ ଏହି ଉଦୟ କେବଳ ବ୍ୟକ୍ତିଗତ ସଫଳତା ନୁହେଁ; ଏହା ଏକ ପିଢ଼ିଗତ ପରିବର୍ତ୍ତନର ପ୍ରତୀକ। ତାଙ୍କ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି(ଆରଏସ୍‌ପି) ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲିଙ୍କ ଦଳକୁ ପଛକୁ ପକାଇଛି। ନେପାଳ ସଂସଦର ମୋଟ୍ ୨୭୫ ଆସନରୁ ୧୮୨ଟିରେ ବିଜୟ ହାସଲ କରିଛି ଆରଏସ୍‌ପି ଦଳ। ନେପାଳର ଚାରି ଥରର ପ୍ରଧାନମନ୍ତ୍ରୀ ଥିବା କେପି ଶର୍ମା ଓଲିଙ୍କୁ ୧୮ ହଜାରରୁ ଅଧିକ ଭୋଟ୍‌ରେ ପଛରେ ପକାଇ ବିଜୟ ହାସଲ କରିଛନ୍ତି ବଲେନ୍। ଗତବର୍ଷ ନେପାଳରେ 'ଜେନ୍ ଜେଡ୍'ଙ୍କ ବିକ୍ଷୋଭ ପରେ ଗାଦିଚ୍ୟୁତ ହୋଇଥିଲେ କେପି ଶର୍ମା। କୁହାଯାଉଥିଲା କି, ବଲେନଙ୍କ ନେତୃତ୍ୱରେ ହିଁ ଯୁବ ପିଢ଼ି ରାସ୍ତାକୁ ଓହ୍ଲାଇଥିଲେ।

ନେପାଳର ରାଜନୀତି ଦୀର୍ଘଦିନ ଧରି ପାରମ୍ପରିକ ଦଳ, ନେତୃତ୍ୱ ସଂଘର୍ଷ ଓ ଆଦର୍ଶବାଦୀ ରାଜନୀତିରେ ଆବୃତ ଥିଲା। ଶେଷ କିଛିବର୍ଷରେ ଯୁବପିଢ଼ିର ଅସନ୍ତୋଷ, ଦୁର୍ନୀତି ପ୍ରତି ଅସହିଷ୍ଣୁତା ଏବଂ ନୂଆ ନେତୃତ୍ୱର ଆକାଂକ୍ଷା ରାଜନୀତିକ ପରିବେଶକୁ ପରିବର୍ତ୍ତନ କରୁଛି। ଏହି ପରିପ୍ରେକ୍ଷୀରେ ବଲେନଙ୍କ ଉଦୟ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ନେପାଳର ସମାଜ ଓ ରାଜନୀତିର ଏକ ବଡ଼ ପରିବର୍ତ୍ତନର ପ୍ରତୀକ। ନେପାଳ ଏକ ଦୀର୍ଘ ରାଜନୈତିକ ରୂପାନ୍ତରଣର ମାଧ୍ୟମରେ ଗତି କରିଛି। ୨୦୦୬ ମସିହାର ଲୋକତାନ୍ତ୍ରିକ ଆନ୍ଦୋଳନ ପରେ ରାଜତନ୍ତ୍ରର ଶେଷ ଓ ଗଣତନ୍ତ୍ରର ଆରମ୍ଭ ହୋଇଥିଲା। ୨୦୧୫ ମସିହାରେ ନୂତନ ସମ୍ବିଧାନ ପ୍ରବର୍ତ୍ତନ ହେବା ସହିତ ନେପାଳ ଏକ ସଂଘୀୟ ଗଣତନ୍ତ୍ର ଭାବେ ପରିଚିତ ହେଲା। ଦୁର୍ନୀତି, ବେରୋଜଗାରି ଓ ଅସମାନତା ଯୁବପିଢ଼ିକୁ ବିରକ୍ତ କରିଥିଲା। ଏହି ପରିସ୍ଥିତିରେ ଜେନ୍ ଜେଡ୍ ଆନ୍ଦୋଳନ ଜନ୍ମ ନେଲା, ଯାହା ପୁରୁଣା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କଲା।

ନେପାଳରେ ରାପର୍ ସଙ୍ଗୀତ ଯୁବପିଢ଼ିର ଅଭିବ୍ୟକ୍ତିର ଏକ ଶକ୍ତିଶାଳୀ ମାଧ୍ୟମ। ସମାଜିକ ଅନ୍ୟାୟ, ଦୁର୍ନୀତି ଓ ସାମାଜିକ ଅସମତା ଉପରେ ରାପର୍‌ମାନେ ନିଜ ସଙ୍ଗୀତରେ ସ୍ୱର ଉଠାଇଥା'ନ୍ତି। ବାଲେନ୍‌ଙ୍କ ରାପର୍ ଗୀତଗୁଡ଼ିକରେ ସମାଜିକ ଅନ୍ୟାୟ, ଶାସନର ଅସଫଳତା ଓ ଯୁବମାନଙ୍କ ସମସ୍ୟା ଉପରେ ତୀବ୍ର ଆଲୋଚନା ଥାଏ। ଏହି କାରଣରୁ ସେ ଯୁବପିଢ଼ିଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇଥିଲେ। ଏହା ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରିତ କଲା। ନେପାଳର ଶେଷକିଛି ନିର୍ବାଚନରେ ପାରମ୍ପରିକ ଦଳମାନଙ୍କ ବିପରୀତରେ ସ୍ୱାଧୀନ ପ୍ରାର୍ଥୀ ଓ ନୂଆ ଦଳମାନେ ଭଲ ଫଳାଫଳ ପାଇଛନ୍ତି। ବାଲେନ୍ ଯେତେବେଳେ କାଠମାଣ୍ଡୁର ମେୟର ପଦବୀ ପାଇଁ ପ୍ରାର୍ଥୀ ହେଲେ, ଅନେକେ ଏହାକୁ ଗମ୍ଭୀରତାର ସହିତ ନେଇ ନ ଥିଲେ। କିନ୍ତୁ ନିର୍ବାଚନରେ ସେ ଦୁଇଟି ବଡ଼ ଦଳ ନେପାଳୀ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିଙ୍କ ପ୍ରାର୍ଥୀଙ୍କୁ ପରାଜିତ କରି ଜିତିଲେ। ଏହି ବିଜୟ କେବଳ ଏକ ନିର୍ବାଚନୀ ଫଳାଫଳ ନୁହେଁ; ଏହା ନେପାଳର ରାଜନୀତିରେ ଯୁବଶକ୍ତିର ଉଦୟର ପ୍ରତୀକ।

ବାଲେନ୍‌ଙ୍କ ସଫଳତାର ପଛରେ ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ଡିଜିଟାଲ୍ ଯୁଗରେ ଯୁବକମାନେ ରାଜନୀତିକ ସୂଚନା ପାଇଁ ମୁଖ୍ୟତଃ ଏହି ମାଧ୍ୟମ ଉପରେ ଭରସା କରୁଛନ୍ତି। ପାରମ୍ପରିକ ଦଳମାନଙ୍କ ତୁଳନାରେ ବାଲେନ୍ ଯୁବକମାନଙ୍କ ସହିତ ସିଧାସଳଖ ଯୋଗାଯୋଗ ସୃଷ୍ଟି କରିଥିଲେ। ତାଙ୍କର ଅଭିଯାନ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ସମର୍ଥନ ପାଇଥିଲା। ନେପାଳର ଏହି ପରିବର୍ତ୍ତନ କେବଳ ଏକ ଦେଶର ଘଟଣା ନୁହେଁ; ଏହା ଦକ୍ଷିଣ ଏସିଆର ରାଜନୀତି ପାଇଁ ମଧ୍ୟ ଏକ ସଙ୍କେତ। ଭାରତ, ପାକିସ୍ତାନ, ବାଂଲାଦେଶ ସହିତ ଅନେକ ଦେଶରେ ଯୁବପିଢ଼ି ପାରମ୍ପରିକ ରାଜନୀତି ପ୍ରତି ଅସନ୍ତୋଷ ପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ନେପାଳର ଅଭିଜ୍ଞତା ଦେଖାଏ ଯେ ସମାଜର ନୂଆ ଶକ୍ତିମାନେ ରାଜନୀତିରେ ପ୍ରବେଶ କରିପାରନ୍ତି ଓ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଏହି ପରିବର୍ତ୍ତନ ଆଶାଜନକ, ତଥାପି ଏହା ସହିତ ଅନେକ ଆହ୍ୱାନ ମଧ୍ୟ ରହିଛି। ରାଜନୀତି କେବଳ ଲୋକପ୍ରିୟତାର ମାଧ୍ୟମ ନୁହେଁ; ଏହା ନୀତି, ପରିଚାଳନା ଓ ପ୍ରଶାସନିକ କ୍ଷମତାର ମାଧ୍ୟମ। ନୂଆ ନେତାମାନଙ୍କ ପାଇଁ ଏହା ପ୍ରମାଣ କରିବା ଦରକାର ଯେ ସେମାନେ କେବଳ ଆନ୍ଦୋଳନର ନେତା ନୁହେଁ, ଶାସନରେ ମଧ୍ୟ ସଫଳ ହୋଇପାରନ୍ତି। ଯଦି ସେମାନେ ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ ଶାସନ ଦେଇପାରନ୍ତି, ତେବେ ଏହା ନେପାଳର ଲୋକତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିପାରିବ। ଲୋକତନ୍ତ୍ରର ସବୁଠୁ ବଡ଼ ଶକ୍ତି ହେଉଛି ସାଧାରଣ ଲୋକଙ୍କ ଭରସା ଓ ଭାଗୀଦାରି - ଏହା ପୁଣି ଥରେ ନେପାଳରେ ପ୍ରମାଣିତ ହେଲା। ଯେତେବେଳେ ନୂଆ ପିଢ଼ି ରାଜନୀତିରେ ଆଗକୁ ଆସେ, ସେତେବେଳେ ଲୋକତନ୍ତ୍ର ଅଧିକ ସଜୀବ ଓ ସକ୍ରିୟ ହୁଏ। ନେପାଳର ଏହି ଅଭିଜ୍ଞତା ଦକ୍ଷିଣ ଏସିଆର ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ଏକ ପାଠ ଯେ ରାଜନୀତି କେବଳ ପାରମ୍ପରିକ ନେତାମାନଙ୍କ ସୀମାରେ ନୁହେଁ; ଏହା ସମାଜର ସମସ୍ତ ଶକ୍ତିଙ୍କ ମିଳିତ ପ୍ରୟାସର ଫଳ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

# ଆମ ବୃକ୍ଷଲତା ଆମ ଜୀବନ

## ଭେରୁ
(East Indian Satinwood-Chloroxylon swietenia)

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ଭେରୁ ଏକ ଉଷ୍ଣମଣ୍ଡଳୀୟ ଛୋଟ ବୃକ୍ଷ, ଯାହା ଦକ୍ଷିଣ ଭାରତ, ଶ୍ରୀଲଙ୍କା ଓ ମାଡାଗାସ୍କରର ମୂଳଜାତ ଉଦ୍ଭିଦ। ଏହା ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ପ୍ରାୟ ୪୫୦ ମିଟରରୁ କମ ଉଚ୍ଚତା ବିଶିଷ୍ଟ ଶୁଷ୍କ ଜଙ୍ଗଲରେ ଦେଖାଯାଏ। ଏହା ଏକ ମଧ୍ୟମଆକାରର ବହୁଶାଖାଯୁକ୍ତ ପର୍ଣ୍ଣମୋଚୀ ଗଛ, ଯାହାର ଉଚ୍ଚତା ପ୍ରାୟ ୧୫-୨୦ ମିଟର। ଏହାର କାଣ୍ଡଟି ଘନ, ଛାଲି ବା ବଲ୍କଳ ସୋଲପରି ହାଲୁକା ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ଅସମପକ୍ଷଳ ଯୌଗିକ, ୧୨ ରୁ ୧୨ ଟି ପତ୍ରକ ଧାରଣ କରିଥାଏ। ପତ୍ରକ ଆୟତାକାର, ୧୫-୨୨ ସେମି ଲମ୍ବା, ବିପରୀତ। ପତ୍ରଗୁଡ଼ିକ ଚୂର୍ଣ୍ଣ ହେଲେ ଏକ ତୀକ୍ଷ୍ଣ ଖଟା ସୁଗନ୍ଧ ନିର୍ଗତ କରେ। ଫୁଲଗୁଡ଼ିକ ଛୋଟ, ସର୍ବଦା ସତେଜ, କ୍ରିମି-ଧଳା, ୧୦-୨୦ ସେମି ଲମ୍ବା। ଫଳଟି ଏକ ଆୟତାକାର ତିନିଖଣ୍ଡିଆ କ୍ୟାପସୁଲ୍, ଯାହାର ପ୍ରତ୍ୟେକ ଖଣ୍ଡରେ ୧-୪ ଟି ବିହନ ଥାଏ। ଏହା ୨.୫- ୪.୫ ସେମି ଲମ୍ବା, ଟାଣ ଚମଡ଼ା ସଦୃଶ। ବିହନଗୁଡ଼ିକ ଡେଣାଯୁକ୍ତ।

ଭେରୁ ପାରମ୍ପରିକ ଔଷଧରେ ବ୍ୟବହୃତ ହୁଏ। ଏହାର ପତ୍ର ଚୂର୍ଣ୍ଣକୁ ବାହ୍ୟ ଭାବରେ କ୍ଷତ, ଆଘାତ, ଯନ୍ତ୍ରଣାଦାୟକ ସନ୍ଧିବାତ ଓ ସର୍ପ କାମୁଡ଼ାର ଚିକିତ୍ସା ପାଇଁ ପ୍ରୟୋଗ କରାଯାଏ। ଏଥିସହିତ ମୁଣ୍ଡବିନ୍ଧା ଚିକିତ୍ସା ପାଇଁ ପତ୍ର ଓ ମୂଳକୁ ଦଳି ଚକଟି ଏକ ପେଷ୍ଟ ଭାବରେ କପାଳରେ ଲଗାଯାଏ। ଏହାର ଛାଲିକୁ ରକ୍ତସ୍ରାବ ରୋଧୀ। ଏଥିସହିତ ଏହା ଜ୍ୱର, ଛାତି ଯନ୍ତ୍ରଣା, ଶ୍ୱାସ ରୋଗ ଆଦିର ଚିକିତ୍ସା ପାଇଁ ଉପଯୋଗ କରାଯାଏ। ଶୁଖିଲା ପତ୍ରରୁ ମିଥାନଲ୍ ନିର୍ଗତ ତରଳ ପାନୀୟ ଉପାଦାନ ଭଲ ପୀଡ଼ା ଉପଶମ କାର୍ଯ୍ୟକଳାପ ପ୍ରଦର୍ଶନ କରେ। ନପୁଂସକତାର ଚିକିତ୍ସା ପାଇଁ କ୍ଷୀର ସହିତ ଏହାର ମୂଳର ଛାଲିକୁ ସେବନ କରାଯାଏ। ପତ୍ର ଓ କାଣ୍ଡର ତେଲ ଉଭୟ ଜୀବାଣୁ ଓ କବକକୁ ଶକ୍ତିଶାଳୀ ଭାବରେ ନିୟନ୍ତ୍ରଣ କରେ। ପତ୍ର ଓ କାଣ୍ଡରୁ ପ୍ରାପ୍ତ ଅତ୍ୟାବଶ୍ୟକ ତେଲ, ଏଡିସ୍ ଏଜିପ୍ଟି, ଆନୋଫେଲିସ୍, କ୍ୟୁଲେକ୍ସ ମଶା ଓ ତମାଖୁ ପତ୍ର ବା ଧୂଆଁ ପତ୍ର ଖାଉଥିବା ପୋକ ପାଇଁ ଘାତକ ଅଟେ। ଏହାର କାଠ ଚର୍ମଜ୍ୱଳନ ସୃଷ୍ଟି କରିପାରେ।

ଭେରୁ କାଣ୍ଡ, ଛାଲି ଓ ହାର୍ଟଉଡ୍ ବା ମଞ୍ଜ କାଠରେ କୁମାରିନ୍ ଓ କ୍ୱିନୋଲିନୋନ୍ ଆଲକାଲଏଡ୍ ପରି ଫାଇଟୋକେମିକାଲ୍ ବା ଜୈବ ରସାୟନ ଏବଂ ୨, ୪-ଡାଇହାଡ୍ରୋକ୍ସି-୫-ପ୍ରେନିସିନାମିକ୍ ଏସିଡ୍ ବା ଅମ୍ଳ ଥାଏ। ପତ୍ରରେ ଥିବା ଏକ ଅତ୍ୟାବଶ୍ୟକ ତେଲରେ ଟେର୍ପେନ୍ସ ଲିମୋନିନ୍, ଜର୍ମାକ୍ରେନ୍ ଡି, ଗେଜେରିନ୍, ପ୍ରିଗେଜେରିନ୍, ଟ୍ରାନ୍ସ-ବିଟା-ଓସିମିନ୍ ଏବଂ ମିଥାଇଲ୍ ୟୁଜେନୋଲ୍ ଥାଏ। ବିହନରେ ୧୬ % ଅଣ-ଶୁଷ୍କ ତେଲ ଥାଏ। ଭେରୁ କାଠ ଓଜନିଆ, ଶକ୍ତ, ପ୍ରାୟତଃ ଧାରୁଆ, ସୁଗନ୍ଧ ଯୁକ୍ତ ଏବଂ ଉଲ୍ଲେଖନୀୟ ଭାବରେ ଚମକଦାର। ହାର୍ଟଉଡ୍ ବା ମଞ୍ଜ କାଠ କ୍ରିମ୍ ରଙ୍ଗରୁ ସ୍ୱର୍ଣ୍ଣ ହଳଦିଆ, ପରିପକ୍ୱ ହେବା ସହିତ ଗାଢ଼ରୁ ମାଟିଆ ହୁଏ। ଭେରୁ ନିଜର ଅତ୍ୟନ୍ତ ଚମକଦାର ସୁବର୍ଣ୍ଣ ରଙ୍ଗ ପାଇଁ ପ୍ରସିଦ୍ଧ ଏବଂ ସର୍ବୋତ୍ତମ ସାଟିନକାଠ ମଧ୍ୟରୁ ଗୋଟିଏ। ଏହାର କାଠ ସୂକ୍ଷ୍ମ ଫର୍ଣ୍ଣିଚର ପାଇଁ ମୂଲ୍ୟବାନ। ଏହାର ଦୀପ୍ତିମାନ ବା ଚକଚକିଆ ମଞ୍ଜକାଠକୁ ଅନ୍ୟ ବସ୍ତୁ ପୃଷ୍ଠରେ ଖଞ୍ଜି ଅଳଙ୍କୃତ କରିବା ପାଇଁ ବ୍ୟବହାର କରାଯାଏ। ଭେରୁ ବିଳାସପୂର୍ଣ୍ଣ ଫର୍ଣ୍ଣିଚର, ସାଜସଜ୍ଜା କାଠ, ପ୍ୟାନେଲିଂ, ପ୍ୟାଟର୍ନ ତିଆରି, ଭିତର ଟ୍ରିମ୍, କ୍ୟାବିନେଟ୍ କାମ, ଫ୍ଲୋରିଂ, ବାକ୍ସ, କ୍ରେଟ୍, ଭିତର ଯୋଇ, କାରୁକାର୍ଯ୍ୟ, ଖେଳଣା, ବାଦ୍ୟଯନ୍ତ୍ର ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ବ୍ୟବହାର କରାଯାଏ, ଯାହା ଶତାବ୍ଦୀ ଧରି ରାଜପ୍ରାସାଦରେ ସଜାଯାଇଥାଏ। ଏହାଛଡ଼ା ରେଳ ସ୍ଲିପର, ଡଙ୍ଗା ଓ କୃଷି ଉପକରଣ ଏବଂ ଜାଳେଣୀ କାଠ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହାର ମଞ୍ଜିକାଠକୁ ସମସ୍ତ ପ୍ରକାରର କବକ ଦ୍ୱାରା ଆକ୍ରମଣ ପ୍ରତି ଅତ୍ୟନ୍ତ ପ୍ରତିରୋଧୀ ଭାବରେ ମୂଲ୍ୟାଙ୍କିତ କରାଯାଇଛି, କିନ୍ତୁ ଭାରତରେ ଏହା ଉଇ ଦ୍ୱାରା ଆକ୍ରମଣ ପ୍ରତି କମ୍ ପ୍ରତିରୋଧୀ ଥିବା ଜଣାଯାଏ। ଭାରତରେ କମଳା ଜାତୀୟ ଫଳର କୀଟ ପୋକ ଶୂକ, ଭଅଁର କୀଟ ପୋକ ପାଇଁ ଏହି ଗଛର ପତ୍ର ଏକ ବିକଳ୍ପ ଉଦ୍ଭିଦ ଖାଦ୍ୟ ଅଟେ। ଜଙ୍ଗଲଗୁଡ଼ିକରେ ଅତ୍ୟଧିକ ଉତ୍ପାଟନ ହେତୁ ଅନେକ ଅଞ୍ଚଳରେ ଏହା ଦୁର୍ଲଭ ହୋଇପଡ଼ିଛି, ଯାହା ଫଳରେ ଭେରୁକୁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ 'ଲାଲ ତାଲିକା'ରେ ବିପଦପୂର୍ଣ୍ଣ ବର୍ଗରେ ତାଲିକାଭୁକ୍ତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସମ୍ପର୍କୀୟ ଭାଇକୁ ମାରିଦେଲେ ଭାଇ, ଭାଉଜ

ଭୁବନ, ୨୯ ।୩ (ସମିସ): ଗୁଣିଗାରେଡ଼ି ପାଇଁ ସଂପର୍କୀୟ ଭାଇକୁ ମାରିଦେଲେ ଭାଇ-ଭାଉଜ ଓ ନାବାଳକ ପୁତୁରା। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରୁଆଁ ପଞ୍ଚାୟତସ୍ଥିତ କୃଷ୍ଣପୁର ଗ୍ରାମରେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ମଣ୍ଟୁ ମହାନ୍ତ। ମଣ୍ଟୁକୁ ସେମାନେ

**■ ଗୁଣିଗାରେଡ଼ି ପାଇଁ ହତ୍ୟା ସନ୍ଦେହ**
**■ ଶବ ପୋଡ଼ିବା ବେଳେ ଧରିଲେ ଗ୍ରାମବାସୀ**



ହତ୍ୟା କରିବା ପରେ ଶବକୁ ଘୋଷାରି ଘୋଷାରି ଘରଠାରୁ ଶହେ ମିଟର ଦୂରରେ ଜାଳିବା ବେଳେ ଗ୍ରାମବାସୀ ଧରି ପକାଇଥିଲେ। ପୁଲିସ ମଣ୍ଟୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ତ୍ରିଲୋଚନ, ତାଙ୍କ ସ୍ତ୍ରୀ ଓ ପୁଅକୁ ଅଟକ ରଖିଛି।

ତ୍ରିଲୋଚନ ଓ ମଣ୍ଟୁ ପେସାରେ ଡ୍ରାଇଭର୍। ମଣ୍ଟୁ ଅବିବାହିତ ଥିବା ବେଳେ ତ୍ରିଲୋଚନଙ୍କ ଦୁଇ ସ୍ତ୍ରୀ ଓ ଗୋଟିଏ ୧୨ବର୍ଷର ପୁଅ। ଗତକାଲି ଅପରାହ୍ଣରେ ଫୋନ୍ କରି ମଣ୍ଟୁକୁ ଘରକୁ ଡାକିଥିଲେ ତ୍ରିଲୋଚନ। ତ୍ରିଲୋଚନ ଘରେ ମଣ୍ଟୁ ପହଞ୍ଚିବାର ଦୁଇ ଘଣ୍ଟା ପରେ ମଣ୍ଟୁର ମୃତଦେହକୁ ତ୍ରିଲୋଚନ, ତା'ର ସ୍ତ୍ରୀ ଓ ପୁଅ ଘୋଷାରି ଘୋଷାରି ଘରଠାରୁ ଶହେ ମିଟର ଦୂରରେ ପକାଇଥିଲେ। ପରେ ମଣ୍ଟୁର ମୃତଦେହକୁ ପାଳକୁଟା ପକାଇ ଜାଳିବା ସମୟରେ ଗ୍ରାମବାସୀ ନିଆଁ ଲିଭାଇ ତ୍ରିଲୋଚନକୁ ମାଡ଼ ମାରି ଗଛରେ ବାନ୍ଧି ପୁଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ତଦନ୍ତ କରିଛି। ତ୍ରିଲୋଚନ ଘର ଅଗଣାରେ ରକ୍ତଛିଟା, ମୟୂର ପକ୍ଷୀ ଓ ଏପ୍ରିଲ ୧ ତାରିଖରେ ସମ୍ପର୍କୀୟ ଅବିବାହିତ ଭଣଜା ମିହିର ମହାନ୍ତକୁ ହତ୍ୟା କରିବ ବୋଲି ଚଟାଣରେ ଲେଖିଥିବା ସାଇଣ୍ଟିଫିକ୍ ଟିମ୍ ଦେଖିଥିବା ଜଣାଯାଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଅଭିଯୁକ୍ତ ତ୍ରିଲୋଚନକୁ ପୁଲିସ ହେପାଜତରେ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ମଣ୍ଟୁର ବାପା ତରୁଣ ମହାନ୍ତ କହିଛନ୍ତି, ମୁଁ ଘରେ ନଥିଲି। ସେମାନେ ବଂଶ କୁଟୁମ୍ବ ମିଶି ହତ୍ୟା କରି ପାଳରେ ପୋଡ଼ିବାକୁ ଚେଷ୍ଟା କରୁଥିଲେ। କିଛି ଦିନ ପୂର୍ବରୁ କିଛି ଗୁଣିଆ କେନ୍ଦୁଝର ଅଞ୍ଚଳରୁ ଆସିଥିଲେ। ତ୍ରିଲୋଚନର ମା' ହିଁ ଅସଲ ଗୁଣିଆ। ତା'ର ଯୋଜନାକ୍ରମେ ଘରେ ପୂଜା ପାଠ କରାଯାଇ ମଣ୍ଟୁକୁ ଡକାଇ ହତ୍ୟା କରାଯାଇଛି ବୋଲି ପୁଲିସ ଆଗରେ କହିଛନ୍ତି ତରୁଣ।

# ସମ୍ପତ୍ତି ପାଇଁ ବଡ଼ଭାଇକୁ ହତ୍ୟା

ନାରାୟଣପାଟଣା, ୨୯।୩ (ସମିସ): ଜମି ସମ୍ପତ୍ତିର ଭାଗ ନ ଦେବାରୁ ଦୁଇ ସାନଭାଇ ମିଶି ବଡ଼ ଭାଇକୁ ହତ୍ୟା କରିଛନ୍ତି। ନାରାୟଣପାଟଣା ପୁଲିସ ହତ୍ୟାକାରୀ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁସାରେ, କେନ୍ଦୁମୁଣ୍ଡା ଗାଁ ବିକୁନୁ ହୁଇକାଙ୍କର ଚାରିପୁଅ। ପରିବାରର ସମସ୍ତ ଜମିବାଡ଼ି ବଡ଼ ପୁଅ ପାଲସୁ ହୁଇକା (୪୦) ନାମରେ ଥିଲା। ସାନ ଦୁଇ ଭାଇ କାର୍ଲା ହୁଇକା ଓ ଲିଙ୍ଗୁ ହୁଇକା ଅନ୍ୟତ୍ର ରହୁଥିଲେ। ମଝିରେ ମଝିରେ ଜମି ଭାଗବଣ୍ଟାକୁ ନେଇ ଭାଇଭାଇ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ସପ୍ତାହରେ ଲିଙ୍ଗୁ ଓ କାର୍ଲା ଦୁଇଶହ ଟଙ୍କା ବଡ଼ଭାଇ ପାଲସୁ ଠାରୁ ମାଗି ନେଇଥିଲେ। ୨୭ ତାରିଖ ସନ୍ଧ୍ୟାରେ ସାନ ଭାଇକୁ ଧାର ଟଙ୍କା ମାଗିବାକୁ ପାଲସୁ ହୁଇକା ଯାଇଥିଲା କାର୍ଲା ଓ ଲିଙ୍ଗୁ ରହୁଥିବା ଘରକୁ। ସେଠି ଘରେ ଭାଇ ଭାଇ ମଧ୍ୟରେ ଝଗଡ଼ା ହୋଇଥିଲା। ରାଗରେ ପାଲସୁକୁ ଗାମୁଛାରେ ବାନ୍ଧି ଘର ଆଗ କୋଠାରେ ନିସ୍ତୁକ ମାଡ଼ ମାରିଥିଲେ ସାନ ଦୁଇ ଭାଇ। କାର୍ଲା ଧରିଥିବା ଟାଙ୍ଗିଆରେ ପାଲସୁରଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଏହା ଦେଖି ସ୍ତ୍ରୀ ତୁଳସୀ ହୁଇକା ସ୍ୱାମୀକୁ ବଞ୍ଚାଇବାକୁ ଯାଇ ଦୁଇ ଦିଅରଙ୍କ ଗୋଡ଼ହାତ ଧରି କାକୁତି ମିନତି ହୋଇଥିଲେ। ରାଗ ଏତେ ଚଢ଼ିଥିଲା ଯେ ଦୁଇ ଭାଇ ଭାଉଜକୁ ବି ଛାଡ଼ିନଥିଲେ। ତୁରନ୍ତ ଜାଗା ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ଭୟରେ ଭାଉଜ ତୁଳସୀ ରକ୍ତାକ୍ତ ଅବସ୍ଥାରେ ସ୍ୱାମୀକୁ ଛାଡ଼ି ଚାଲିଯାଇଥିଲେ। ରକ୍ତମୁଖା ଦୁଇ ସାନ ଭାଇ ବଡ଼କୁ ହତ୍ୟା କରି ସେଠାରେ ପକାଇ ଚାଲି ଯାଇଥିଲେ।



## ୨ ସାନଭାଇ ଗିରଫ

ତୁଳସୀ ୨୮ ତାରିଖ ଦିନ ନାରାୟଣପାଟଣା ଥାନାରେ ଏ ସଂପର୍କରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଗାଁରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆଜି ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, ଥାନା ଅଧିକାରୀ ମମତା ପଣ୍ଡା ଗଣମାଧ୍ୟମକୁ ଏନେଇ ସୂଚନା ଦେଇଥିଲେ। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ୩ଜଣଙ୍କୁ ବିଦାରି ପକାଇଲା ଭାଲୁ

ବାରିପଦା/କପ୍ତିପଦା, ୨୯ ।୩ (ସମିସ): କପ୍ତିପଦା ବନାଞ୍ଚଳ ତାଳଗଡ଼ି ଗ୍ରାମରେ ଭାଲୁ ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ବୃନ୍ଦା ରାନୀ ନାଏକ, ସୁମତ ଖଣ୍ଡେଇ ଓ କମଳାକାନ୍ତ ନାଏକ। ଏମାନେ ଆଜି ସକାଳୁ ଶୌଚ ନିମନ୍ତେ ଯାଇଥିବା ବେଳେ ଗୋଟିଏ ଭାଲୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ରାନୀଙ୍କ ମୁହଁକୁ ବିଦାରି ପକାଇଥିବା ବେଳେ ସୁମତଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଛି। ସୂଚନାନୁଯାୟୀ, ମହୁଲ ଫୁଲ ବାସ୍ନାରେ ଏକ ବିରାଟକାୟ ଭାଲୁ ରବିବାର ସକାଳେ ତାଳଗଡ଼ି ଗ୍ରାମକୁ ପଶି ଆସିଥିଲା। ଏହି ସମୟରେ ଶୌଚ ନିମନ୍ତେ ଯାଇଥିବା ରାନୀ ଏବଂ ସୁମତଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସେହିପରି, କମଳାକାନ୍ତଙ୍କୁ ମଧ୍ୟ ନଦୀ ନିକଟରେ ଆକ୍ରମଣ କରି ଗୁରୁତର ଆହତ କରିଥିଲା। ଏମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ନିକଟସ୍ଥ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ। ଗ୍ରାମବାସୀମାନେ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

## ଫୁଲବାଣୀରେ ଡିଜିପି ଖୁରାନିଆଙ୍କ ମାଓ ସମୀକ୍ଷା

# ୩୧ ସୁଦ୍ଧା ଆତ୍ମସମର୍ପଣ ନ କଲେ ନିପାତ ନିଶ୍ଚିତ

ଫୁଲବାଣୀ, ୨୯।୩(ସମିସ): ଓଡ଼ିଶା ମାଟିରୁ ମାଓବାଦର ସମ୍ପୂର୍ଣ୍ଣ ବିନାଶ ପାଇଁ ରାଜ୍ୟ ପୁଲିସ୍ ଏବେ ଶେଷ ପର୍ଯ୍ୟାୟ ରଣନୀତି ପ୍ରସ୍ତୁତ କରିଛି। ରବିବାର ଫୁଲବାଣୀ ପୁଲିସ୍ ରିଜର୍ଭ ପଡ଼ିଆରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ୱାଇ.ବି ଖୁରାନିଆ ଯୋଗଦେଇ ମାଓବାଦୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।




ସେ କହିଛନ୍ତି ଯେ ରାଜ୍ୟରେ ଏବେ ମାଓବାଦୀଙ୍କ ସଂଖ୍ୟା ମୁଷ୍ଟିମେୟ ଏବଂ ସେମାନେ ଯଦି ଆସନ୍ତା ୩୧ ମାର୍ଚ୍ଚ ପୂର୍ବରୁ ଆତ୍ମସମର୍ପଣ ନକରନ୍ତି, ତେବେ ସୁରକ୍ଷାକର୍ମୀଙ୍କ ଗୁଳିର ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ। ଫୁଲବାଣୀ ଗସ୍ତ ସମୟରେ ଡିଜିପି ଶ୍ରୀ ଖୁରାନିଆ ମାଓଦମନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଥିବା ବିଭିନ୍ନ ବାହିନୀ ଏସ୍‌ଓଜି, ଡିଭିଏଫ୍, ଏସଆଇଡବ୍ଲୁ, ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍‌ର ଯବାନ ଓ ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ। ଦୁର୍ଗମ ଅଞ୍ଚଳରେ ନିଜ ଜୀବନକୁ ବାଜି ଲଗାଇ ଦେଶ ଓ ରାଜ୍ୟର ସୁରକ୍ଷା କରୁଥିବା ଏହି ଯବାନଙ୍କୁ ସେ ସମ୍ମାନିତ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ପୁଲିସ ଏବେ ଦେଶରେ ମାଓ ଦମନ କ୍ଷେତ୍ରରେ ଏକ ଆଦର୍ଶ ସାଜିଛି ଏବଂ ଏହାର ସମସ୍ତ ଶ୍ରେୟ ଆମର ସାହସୀ ଯବାନଙ୍କୁ ଯାଉଛି।

ଏହି ସମୀକ୍ଷା ବୈଠକରେ ଏଡିଜି ସଂଜୀବ ପଣ୍ଡା, ଆଇଜି ଅପରେସନ ଡ଼.ଦୀପକ କୁମାର, ଏସଆଇଡବ୍ଲୁ ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଓ ଏସପି ହରିଶ ବିସି ଉପସ୍ଥିତ ଥିଲେ। ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ଆଗାମୀ ଦିନରେ ଅଭିଯାନକୁ ଆହୁରି ଶାଣିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ମାଓପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

# ରାଜପଥରେ ଜଳିଗଲା ଚଳନ୍ତା କଣ୍ଟେନର୍



ବେତନଟୀ, ୨୯ ।୩ (ସମିସ): ଚାଲୁଚାଲୁ ଜଳିଗଲା ଜଳନ୍ତା କଣ୍ଟେନର୍। ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ତୁଳସୀଚଉରା ନିକଟରେ ଏହି ଅଘଟଣ ଘଟିଛି। ତେବେ ଚାଳକ ଓ ହେଲପର୍ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ କଣ୍ଟେନର୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। କୌଣସି କାରଣରୁ ତା' ଇଞ୍ଜିନ୍‌ରେ ନିଆଁ ଲାଗି ଯାଇଥିଲା। ଚାଳକ ଏହା ଜାଣିପାରି ରାସ୍ତା କଡ଼ରେ ଗାଡ଼ିଟିକୁ ଠିଆ କରାଇ ହେଲପର୍ ସମେତ ଓହ୍ଲାଇ ଆସିଥିଲେ। ଚାହୁଁଚାହୁଁ କଣ୍ଟେନର୍‌ଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ଖବର ପାଇ ବେତନଟୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

**ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ ଘଟଣା**

# ମୁଖ୍ୟ ଅଭିଯୁକ୍ତ ସମେତ ୩ ଅଟକ

ବ୍ରହ୍ମବରଦା, ୨୯।୩(ସମିସ): ବ୍ରହ୍ମବରଦା ଥାନା ହାଜତରୁ ଅଭିଯୁକ୍ତ ଫେରାର୍ ଘଟଣାରେ ଆଜି ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ୨୦୨୫ ନଭେମ୍ବରରେ କୁଣ୍ଡପାଟଣା ମେଡିକାଲରୁ ଏକ ଚୋରି ମାମଲାରେ ଗତ ଶୁକ୍ରବାର ରାତିରେ ବ୍ରହ୍ମବରଦା ପୁଲିସ ଜଣେ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ଥାନା ହାଜତରେ ରଖିଥିଲା। ହେଲେ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କ ଅବହେଳା ଯୋଗୁଁ ଅଭିଯୁକ୍ତଜଣକ ଥାନାରୁ ମୋବାଇଲ, ଟାବଲେଟ୍ ସହ ବ୍ରହ୍ମବରଦା ବରଦାସାହି ଗ୍ରାମରୁ ଏକ ମଟର ସାଇକଲ ଲୁଟ୍ କରି ଫେରାର ହୋଇଯାଇଥିଲା। ଘଟଣାକୁ ନେଇ ଯାଜପୁର ଏସ୍‌ପି ୩ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ପରେ ବ୍ରହ୍ମବରଦା ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଗତକାଲିଠୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲେ। ପୁଲିସ ମୁଖ୍ୟ ଅଭିଯୁକ୍ତ ଆଶିଷ ବେହେରାକୁ ତାଙ୍କ ଗ୍ରାମ ନିକଟସ୍ଥ ଏକ କାଜୁବାଡ଼ିରୁ ଉଠାଇ ଆଣିଥିବା ବେଳେ ତାଙ୍କୁ ସହଯୋଗ କରୁଥିବା ସଂପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ବେଳେ ଆସନ୍ତାକାଲି ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

**AFFIDAVIT**

By virtue of an affidavit no. 1072/dtd. 26.03.2026 sworn before the Executive Magistrate Rairangpur, Mayurbhanj. I Tapan Das, S/o. Late Raghunath Das, At/Po- Halada, Ps- Rairangpur, Dist- Mayurbhanj, Odisha, Pin - 757045 declared that I have changed my daughter's name from Khusi Das to KASTURI DAS, Adhar no. 951169841814 have for the she shall be known as **KASTURI DAS** for all future purposes.

**AFFIDAVIT**

I, Mahammad Manir S/o- Late Sagir Mahammad resident of Paikerapur, Post- Chhatia, P.s- Byree, Dist- Jajpur, pin- 754023, State- Odisha, declare by this affidavit no 98, dated-28.03.2026 that now onwards I shall be known as **MANIR MOHAMMAD** for all future purposes.

**AFFIDAVIT**

By virtue of an affidavit No- 02/2026 sworn before the Executive Magistrate, Pattamundai on dated- 02/03/2026. I, **Abhipsa Dash,** D/o- Kshirod Kumar Dash, resident of Village: Bandhapada, Po: Beltal, PS: Pattamundai, Dist: Kendrapada, Odisha. My father Name has been mentioned **Khirod Kumar Dash** instead of **Kshirod Kumar Dash** in my certificate. I declare that my father name is **Kshirod Kumar Dash** and **Khirod Kumar Dash** is one and same person for all purposes.

**(ABHIPSA DASH)**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜୁଙ୍କୁ ବିଜେପି...

ସ୍ୱାଧୀନତା ସଂଗ୍ରାମୀ, ଅସାଧାରଣ ବିମାନ ଚାଳକ, ଦୂରଦର୍ଶୀ ରାଜନୀତିଜ୍ଞ ଏବଂ ଭାରତର ସାହସ ଓ ଗରିମାର ବିଶ୍ୱସ୍ତରୀୟ ଦୂତ ଥିଲେ। ଜଣେ ସାଂସଦ ଏବଂ ଜନପ୍ରତିନିଧି ଭାବରେ ମୁଁ ଏହିପରି ମନ୍ତବ୍ୟର ତୀବ୍ର ପ୍ରତିବାଦ କରୁଛି। ସାଂସଦ ମୁଜିବୁଲ୍ଲା ଖାନ କହିଛନ୍ତି ଯେ ଶାସକ ଦଳର ସାଂସଦଙ୍କ ଏପରି ମିଥ୍ୟା, ଭିତ୍ତିହୀନ ଏବଂ ଦାୟିତ୍ୱହୀନ ବିବୃତ୍ତି ମୋତେ ଗଭୀର ଆଘାତ ଦେଇଛି। ଏପରି ହ୍ୱାଟ୍ସଆପ୍ ଗ୍ରାଜୁଏଟ୍ ଆମର ଗର୍ବ ଏବଂ ଓଡ଼ିଆ ଲିଗାସୀକୁ ଅପମାନିତ କରିଛନ୍ତି। ଏହା ୪.୫ କୋଟି ଓଡ଼ିଆ ଏବଂ ରାଜ୍ୟବାସୀଙ୍କ ପ୍ରତି ଅପମାନ ଅଟେ। ରାଜ୍ୟବାସୀ ଏହାର ନିଶ୍ଚୟ ଯଥୋଚିତ ଜବାବ୍ ଦେବେ ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ ବିଜୁ ବାବୁ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଗର୍ବ ଅଟନ୍ତି। ଆମେ ଆମର ଗର୍ବ ପାଇଁ ଲଢ଼ିବୁ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ସିପିଆଇ(ଏମଏଲ) ନିଶିକାନ୍ତ ଦୁବେଙ୍କ ଉକ୍ତିକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି। ଶ୍ରୀ ଦୁବେଙ୍କ ବୟାନ ମିଥ୍ୟା ଓ ନିଚସ୍ତରର ଓ ଏଥିପାଇଁ ଓଡ଼ିଶାବାସୀଙ୍କୁ ଏଥିପାଇଁ ବିଜେପି ଦଳ କ୍ଷମା ମାଗୁ ବୋଲି ଦଳ ଦାବି କରିଛି।

ସୂଚନାଯୋଗ୍ୟ ଯେ ଶ୍ରୀ ଦୁବେ ୧୯୬୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାର ଲାଲ୍ ନେହେରୁ ଚୀନ୍ ସହିତ ହୋଇଥିବା ଯୁଦ୍ଧ ଆମେରିକାର ଆର୍ଥିକ ସହାୟତା ଏବଂ ସିଆଇଏ ସହାୟତାରେ ଲଢ଼ାଯାଇଥିଲା ବୋଲି କହିଥିଲେ। ଏହା ସହିତ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଆମେରିକା ସରକାର, ସିଆଇଏ ଏବଂ ନେହେରୁଙ୍କ ମଧ୍ୟରେ ଯୋଗସୂତ୍ର ଥିଲେ ବୋଲି ଅଭିଯୋଗ କରିଥିଲେ।

### ଟ୍ରମ୍ପଙ୍କ ବିରୋଧରେ...

କେବଳ ବାମପନ୍ଥୀ ପାର୍ଟି ଦ୍ୱାରା ପରିଚାଳିତ ଏବଂ ଏଥିରେ ସାଧାରଣ ଜନତାଙ୍କ ସମର୍ଥନ ନାହିଁ। ଆନ୍ଦୋଳନକାରୀମାନେ ଇରାନ ସହ ଯୁଦ୍ଧ ସହ ଅନୁପ୍ରବେଶକାରୀଙ୍କ ଉପରେ କଠୋରତା ଓ ଟ୍ରମ୍ପ ପ୍ରଶାସନର ସ୍ୱେଚ୍ଛାଚାରୀ ଶାସନକୁ ବିରୋଧ କରିଛନ୍ତି। ନୋ କିଙ୍ଗସ ଅର୍ଥାତ ରାଜା ନୁହେଁ, ସ୍ଲୋଗାନ ଦେଇ ପ୍ରଦର୍ଶନକାରୀମାନେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଦାବି କରିଛନ୍ତି। ଦେଶରେ ବଢୁଥିବା ମୁଦ୍ରାସ୍ଫୀତିକୁ ନେଇ ଆନ୍ଦୋଳନକାରୀମାନେ କ୍ରୋଧ ପ୍ରକାଶ କରିଛନ୍ତି।

### ଥରହର-ହାହାକାର...

ଉପସାଗରୀୟ ଦେଶ ଗୁଡ଼ିକ ଗମ୍ଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଆଜି ଇରାନର ରାଜଧାନୀ ତେହରାନ ସ୍ଥିତ ପ୍ରମୁଖ କ୍ଷେପଣାସ୍ତ୍ର କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଅନ୍ୟ ସହରରେ ମଧ୍ୟ ବଡ଼ଧରଣର ବିସ୍ଫୋରଣ ହୋଇଛି। ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଇସ୍ରାଏଲର ଶକ୍ତି କେନ୍ଦ୍ର, ୟୁଏଇ, କୁଏତ, ବାହାରିନ, ସାଉଦି ଆରବ ଆଦି ଦେଶରେ ଥିବା ଆମେରିକା ସାମରିକ ଘାଟୀକୁ ନିଶାଣ କରିଛି। ବାହାରିନ ଓ ୟୁଏଇର ଆଲୁମିନିୟମ ପ୍ଲାଣ୍ଟ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରାଯାଇଛି। ଏଥିରେ ବିପୁଳ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସାଉଦି ଆରବର ପ୍ରିନ୍ସ ସୁଲତାନ ଏୟାର ବେସରେ ଥିବା ଆମେରିକା ଯୁଦ୍ଧ ବିମାନ ୟୁଏସ ଏଡବ୍ଲ୍ୟୁଏସିଏସକୁ ମଧ୍ୟ ଇରାନ ଧ୍ୱଂସ କରିଦେଇଛି। ଏହାର ଫଟୋ ଇରାନ ସେନା ଜାରି କରିଛି। ଇରାନ ସେନା ଆଜି ଇରାକରେ ମଧ୍ୟ ଅନୁପ୍ରବେଶ କରି ଶତ୍ରୁ ଉପରେ ଆକ୍ରମଣ କରିଛି। ଏହାରି ମଧ୍ୟରେ ପାକିସ୍ତାନରେ ଚାଲିଥିବା ଶାନ୍ତି ଆଲୋଚନା ଶେଷ ହୋଇଛି। ଏଠାରେ ଇଜିପ୍ଟ, ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଅଞ୍ଚଳରେ ଉତ୍ତେଜନା ହ୍ରାସ ଏବଂ ଆଞ୍ଚଳିକ ସ୍ଥିତି ଉପରେ ଆଲୋଚନା କରାଯାଇଛି।

ଇରାନ ଶକ୍ତି କେନ୍ଦ୍ର ଉପରେ ୧୦ ଦିନ ପର୍ଯ୍ୟନ୍ତ ଆକ୍ରମଣ ନ କରିବାକୁ କହି ଆମେରିକା କୁଟୀଳ ଖେଳ ଖେଳୁଛି। ଏହି ଆଳରେ ସ୍ଥଳ ଅଭିଯାନ ପାଇଁ ଆମେରିକା ଏବଂ ଇସ୍ରାଏଲ ପ୍ରସ୍ତୁତି କରୁଛନ୍ତି ବୋଲି ଇରାନର ବାଚସ୍ପତି ଅଭିଯୋଗ କରିଛନ୍ତି। ଆମେରିକାର ୩୫୦୦ ଯବାନ ମଧ୍ୟ ମଧ୍ୟପ୍ରାଚ୍ୟରେ ପହଞ୍ଚି ସାରିଛନ୍ତି। ତେଣୁ ସ୍ଥଳ ଅଭିଯାନ ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ଏହି ଅଭିଯାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ମଞ୍ଜୁରୀ ଦେଇଥିବା ଜଣାପଡ଼ିଛି। ଏହି ଯୋଜନାଗୁଡ଼ିକରେ ସୀମିତ ସମୟର ଅଭିଯାନ ରହିଛି। ଏଥିରେ ପୂର୍ଣ୍ଣକାଳୀନ ଆକ୍ରମଣ ପରିବର୍ତ୍ତେ ସ୍ପେଶାଲ ଅପରେସନ୍ ଫୋର୍ସ ଏବଂ ସେନା ଦ୍ୱାରା ଚଢ଼ାଉ କରାଯିବାର ବ୍ୟବସ୍ଥା ରହିଛି। ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ ରପ୍ତାନୀ କେନ୍ଦ୍ର ଖାର୍ଗ ଦ୍ୱୀପ ଏବଂ ବିଶ୍ୱର ପ୍ରମୁଖ ଜଳପଥ ହର୍ମୁଜ ପ୍ରଣାଳୀ ନିକଟବର୍ତ୍ତୀ ଉପକୂଳ ଅଞ୍ଚଳକୁ ଆମେରିକା କବ୍‌ଜା କରିବାକୁ ଚାହୁଁଛି। ଏପରି ସମୟରେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ସ୍ଥଳ ଅଭିଯାନ ବିନା ଆମେ ସମସ୍ତ ଲକ୍ଷ୍ୟ ହାସଲ କରିପାରିବୁ। ତେବେ ଆମେରିକା ସୈନ୍ୟ ଦେଶକୁ ଆସିଲେ ଜଳାଇ ଦେବୁ ବୋଲି ଇରାନ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ଦୁଇଟି ଶିକ୍ଷାନୁଷ୍ଠାନ ଧ୍ୱଂସ ହେବା ପରେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ସହ ଜଡ଼ିତ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ଆକ୍ରମଣ ପାଇଁ ଚେତାବନୀ ଦେଇଛି। ଏହି ଚରମ ବାଣୀରେ ୱାଶିଂଟନ ନିକଟରୁ ଆନୁଷ୍ଠାନିକ ନିନ୍ଦା ଦାବି କରାଯାଇଛି। ଏହା ସ୍ଥିତିକୁ ଅଧିକ ଜଟିଳ କରିବ ବୋଲି କୁହାଯାଉଛି। ସେହିପରି ଦୁଇ ସ୍କୁଲ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିବା ଆମେରିକାର ଦୁଇ ଅଧିକାରୀଙ୍କ ଫଟୋ ଇରାନ ଜାରି କରିଛି। ଏହି ଅପରାଧିଙ୍କୁ ଛଡ଼ାଯିବନି ବୋଲି କୁହାଯାଇଛି।

### ପାକିସ୍ତାନରେ ସପ୍ତାହକୁ...

ଏହି ଲକ୍‌ଡାଉନ ବଳବତ୍ତର ରହିବ। ଲକ୍ ଡାଉନ୍ ବେଳେ ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, କାରଖାନା ଏବଂ ସର୍ଭିସ ସେକ୍ଟର ବନ୍ଦ ରହିବ। ଏହି ଦିନଗୁଡ଼ିକରେ କୌଣସି ବିବାହ କିମ୍ବା ସର୍ବସାଧାରଣ କାର୍ଯ୍ୟକ୍ରମ ପାଇଁ ଅନୁମତି ମିଳିବ ନାହିଁ। ମୋଟରୱେ ଓ ହାଇୱେ ସାଧାରଣ ଗାଡ଼ି ପାଇଁ ବନ୍ଦ ରହିଲେ ମଧ୍ୟ ସାଧାରଣ ପରିବହନ ବସ୍‌କୁ ଏଥିରୁ ଛାଡ଼ କରାଯାଇଛି। ତେବେ ଡାକ୍ତରଖାନା, ଔଷଧ ଦୋକାନ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଚାଲୁ ରହିବ। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧ରୁ ଏପର୍ଯ୍ୟନ୍ତ ଜେଟ୍ ଇନ୍ଧନର ଦର ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ପାଇଛି। ମାର୍ଚ୍ଚ ୨୧ରେ ଏହାର ଲିଟର ପିଛା ୩୮୮ ଟଙ୍କା ଥିବା ବେଳେ ଏବେ ତାହା ୪୭୨ ଟଙ୍କାରେ ପହଞ୍ଚିଛି। ଏହି କାରଣରୁ ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ (ପିଆଇଏ) ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା କରାଯାଉଛି। ଦେଶରେ ଥିବା ସୀମିତ ତୈଳ ସମ୍ପଦକୁ ସଞ୍ଚୟ କରିବା ଏବଂ ଗରିବ ଲୋକଙ୍କୁ ସିଧାସଳଖ ସବ୍‌ସିଡ୍ ପ୍ରଦାନ କରିବା ପାଇଁ ସରକାର ଏହି ଚରମ ପଦକ୍ଷେପ ନେଇଛନ୍ତି।

### ନର୍ଲା ବିଜେଡି...

ଯାଇଥାଏ। ମାତ୍ର ଏହି ମାମଲାରେ ପୁଲିସ ସୁପର ରିଚାର୍ଜ ହୋଇ ଯାଇଥିବା ଦେଖାଯାଇଛି। ମହିଳା ପୁଲିସଙ୍କ ବିନା ମହିଳା ବିଧାୟିକାଙ୍କ ଘରେ ଧସେଇ ପଶିବାକୁ କିଏ କେସିଙ୍ଗା ପୁଲିସକୁ ଅଧିକାର ଦେଲା ବୋଲି ପ୍ରଶ୍ନ ଉଠିଛି।

### ପୁରୀ ଜେଲରେ...

ଖଣ୍ଡନ କରାଯାଇ ପାଲଟା ଅଭିଯୋଗ ହୋଇଛି। ଉଭୟ ଅଭିଯୋଗକୁ ଭିତ୍ତି କରି ରାମଚଣ୍ଡୀ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଜେଲ୍ ଭିତରେ ଥିବା ସିସିଟିଭି ଯାଞ୍ଚ କରିଛି। ତଦନ୍ତ ସରିବା ପରେ ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ, ସିଲୁ ଆଜି ସକାଳେ ବଡ଼ ଭଉଣୀଙ୍କ ସହ କଥା ହେଇଥିଲେ। ପରେ ସେ ପାଇଖାନାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ନ ଫେରିବାରୁ ଜେଲ୍ କର୍ମଚାରୀ ତାଙ୍କୁ ଖୋଜାଖୋଜି କରି ପାଇଖାନା ଭିତରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କ ବେକରେ ଏକ ଗାମୁଛା ବନ୍ଧା ହୋଇଥିଲା। ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାମଚଣ୍ଡୀ ଥାନାରେ ୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

### ୪୦ ଟପିଲା...

କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆହୁରି ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ। ଦିନ ବେଳା ତାତି ଓ ଗୁଳିଗୁଳି ସହ ଅପରାହ୍ଣ ପରେ କାଳବୈଶାଖୀ ପାଇଁ ପାଗ ଅନୁକୂଳ ରହିବ ଓ ଏହି ସିୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ। କେତେକ ସ୍ଥାନରେ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୋମବାରଠାରୁ ପୂର୍ବାପେକ୍ଷା ବର୍ଷା ସ୍ଥିତିରେ ସାମାନ୍ୟ ହ୍ରାସ ଘଟିବ। ତେଣୁ ଏପ୍ରିଲ ପ୍ରଥମ ସପ୍ତାହରେ ବିଶେଷ ବର୍ଷାର ସମ୍ଭାବନା କ୍ଷୀଣ ରହିଛି। ତେବେ ୩-୪ ରୁ ପୁଣି ହାଲୁକାରୁ ମଧ୍ୟମ ଧରଣ ବର୍ଷା ଆରମ୍ଭ ହେବା ସହ ୬-୭ରୁ ବର୍ଷାରେ ମାତ୍ରାଧିକ ବୃଦ୍ଧି ହେବ। ଏହି ସମୟରେ ପବନ ସାଙ୍ଗକୁ କୁଆପଥର ମଧ୍ୟ ମାଡ଼ ହେବାର ଆଶଙ୍କା ରହିଛି। ବର୍ଷା ସ୍ଥିତି କମିବା ହେତୁ ଆସନ୍ତା ୨ ଦିନ ପରେ ତାପମାତ୍ରାରେ ୨-୪ ଡିଗ୍ରୀ ବୃଦ୍ଧି ନେଇ ଆଶଙ୍କା କରାଯାଉଛି।

**ସାକ୍ଷାତକାର ବିଜ୍ଞପ୍ତି**

ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ, ଡୁବୁମୁଣ୍ଡା, କେନ୍ଦୁଝର ଜଣେ ପୁରୁଷ ଚପରାଶୀ (ପିଅନ) ଓ ଜଣେ ମହିଳା ସହାୟିକା ନିମନ୍ତେ ପ୍ରାର୍ଥୀପତ୍ର ଆହ୍ୱାନ କରାଯାଉଛି। ଏହି ସାକ୍ଷାତକାରଟି ମହାବିଦ୍ୟାଳୟର ଅଧକ୍ଷଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. ୦୫.୦୪.୨୦୨୬ରିଖ (ରବିବାର) ଦିନ ଘ.୧୧ଟିକା ସମୟରେ ଅନୁଷ୍ଠିତ ହେବ। ଉକ୍ତ ପଦବୀ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ ହୋଇଥିବା ଆବଶ୍ୟକ। ଆଶାୟୀ ପ୍ରାର୍ଥୀ / ପ୍ରାର୍ଥୀନୀ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ପ୍ରମାଣପତ୍ର ଓ ଫଟୋକପି ସହିତ ସିଧାସଳଖ ସାକ୍ଷାତକାରରେ ଅଂଶଗ୍ରହଣ କରିପାରିବେ।

**ଅଧକ୍ଷ**
**ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଡୁବୁମୁଣ୍ଡା**
**ସା/ପୋ/ଥା - ଡୁବୁମୁଣ୍ଡା, ଜିଲ୍ଲା - କେନ୍ଦୁଝର**

25001/367/2526
E-Mail – rw_rourkela@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
**TENDER CALL NOTICE**
BID IDENTIFICATION NO. ONLINE-EERKL-38 of 2025-26

1. **Name of the Work** : Building Works
2. **Total No. of works** : 02 (Two) Nos.
3. **Estimated cost** : Rs. 7.64 & 38.45 Lakhs
4. **Class of contractor** : "D", "C" & "B" Class
5. **Period of completion** : 03 (Three) & 08 (Eight) Calendar months
6. **Type of Tender** : Single Cover
7. **Other details**


| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online-EERKL-38 of 2025-26 | 02.04.2026 (10:00 AM) | 07.04.2026 (05:00 PM) | 06.04.2026 up to 5:00 PM | 08.04.2026 at 11:00 AM |

Further details can be seen from the website: www.tendersorissa.gov.in

Executive Engineer
RW Division-II, Sundargarh

OIPR-25001/25193/1/25-26/0042

# ଝଙ୍କଡ଼ରେ ସାରଳା ପଞ୍ଜିକା ଲୋକାର୍ପିତ



ତିର୍ତ୍ତୋଲ,୨୯।୩(ସମିସ): ଭୁବନେଶ୍ୱର ସ୍ଥିତ ସାରଳାଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରକାଶିତ ହୋଇ ଆସୁଥିବା ସାରଳା ପଞ୍ଜିକାର ୨୦୨୬-୨୭ ନୂତନ ବର୍ଷର ପଞ୍ଜିକା ଝଙ୍କଡ଼ ସାରଳା ପୀଠରେ ଆଜି ଲୋକାର୍ପିତ ହୋଇଯାଇଛି। ମା' ସାରଳାଙ୍କ ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା, ନୂତନ ପଞ୍ଜିକାକୁ ପୂଜାକରି ମା'ଙ୍କୁ ସମର୍ପଣ କରିଥିଲେ। ପରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଲୋକାର୍ପିତ କାର୍ଯ୍ୟକ୍ରମରେ ସାରଳା ଦାସ ସ୍ମୃତି ସଂସଦର ସଭାପତି ତଥା ପ୍ରାକ୍ତନ ଉନ୍ନୟନ କମିଶନର ରବିନାରାୟଣ ସେନାପତି, ମୁଖ୍ୟ ଉପଦେଷ୍ଟା ରାମନାରାୟଣ ମିଶ୍ର, ଉପସଭାପତି ବିକାଶ ଚନ୍ଦ୍ର ପରିଜା, ସମ୍ପାଦକ ତଥା ପଞ୍ଜିକା ଗଣନକାର ଜ୍ୟୋତିର୍ବିଦ୍ୟା ବାରିଧି ପ୍ରଦୀପ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ସମୀର ରଞ୍ଜନ ଗୋଚ୍ଛାୟତ, ସହଯୋଗୀ ଗଣନାକାର ଜ୍ୟୋତିଷ୍ୟାଚାର୍ଯ୍ୟ ସଞ୍ଜୟ ମହାରଣା, ସମାଜସେବୀ ଡ. ସୁନାକର ବେହେରା, ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ, ରାମାୟଣୀ ପଣ୍ଡିତ ଅଭୟ ଦାଶ, ମା'ଙ୍କ ପୂର୍ବତନ ପରିଚ୍ଛା ରଘୁନାଥ ପଣ୍ଡା, ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର, ବିଦ୍ୟୁତପ୍ରଭା ପରିଜା, ବାଣୀଶ୍ରୀ ଗଡ଼ନାୟକ, ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ସୁଖେନ୍ଦୁ ଦାଶ, ବିପିନ ବରାଳ, ବିଶ୍ୱଭାତୃତ୍ୱ ଆନ୍ତର୍ଜାତୀୟ ପ୍ରଚାରକ ସତ୍ୟଗୋପାଳ ପରିଜା, ଭାଗିରଥି ମହାନ୍ତି, କବି ପ୍ରଭାତ ପରିଜା ଓ ସ୍ୱୟଂପ୍ରସାଦ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ନୂତନ ସାରଳା ପଞ୍ଜିକାର ଉପାଦେୟତା ସଂପର୍କରେ ଆଲୋଚନା କରିବା ସହ ଲୋକାର୍ପିତ କରିଥିଲେ।

# ବଦଳିବ ନେହେରୁ ବଙ୍ଗଳାର ରୂପରେଖ

ପାରାଦୀପ,୨୯।୩(ସମିସ)



ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ନିକଟରେ ପର୍ଯ୍ୟଟନ ସ୍ଥଳୀର ହେବ ବିକାଶ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନେହେରୁ ବଙ୍ଗଳା ପରିଦର୍ଶନ କରିବା ସହିତ ଏହାର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ ନିମନ୍ତେ ଡିଏଫଓ, ଜିଲ୍ଲା ପ୍ରାଶାସନିକ ଅଧିକାରୀ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କିଭଳି ଏହି ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୂମିର ବିକାଶ ହେବ ଏ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପାରାଦୀପ ବନ୍ଦର ନିର୍ମାଣର ଶିଳାନ୍ୟାସ ହୋଇଥିଲା ନେହେରୁବଙ୍ଗଳା ଠାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଓଡିଶାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ନେହେରୁ ବଙ୍ଗଳା ଠାରେ ପାରାଦୀପ ବନ୍ଦରର ଶୁଭ ଦିଆଯାଇଥିଲା। ଯାହାକୁ ନେଇ ନେହେରୁବଙ୍ଗଳା ଠାରେ ରହିଥିବା ପାରାଦୀପ ବନ୍ଦରର ଅତିଥି ଭବନକୁ ଜବାହର ଗେଷ୍ଟ ହାଉସ ଭାବରେ ନାମିତ କରାଯାଇଛି। ଏହା ସହିତ ନେହେରୁବଙ୍ଗଳାରେ ରହିଥିବା ୭ ମହଲା କୋଠା ସେ ସମୟର ଇତିହାସକୁ ମନେ ପକାଉଛି। ଏହି ଐତିହାସିକ ଗୁରୁତ୍ୱକୁ ବଜାୟ ରଖି ନେହେରୁବଙ୍ଗଳା ପରିସରରେ ଶିଶୁ ଉଦ୍ୟାନ ନିର୍ମାଣ ସହିତ ଚତୁଃପାର୍ଶ୍ୱରେ ପର୍ଯ୍ୟଟକ ମାନଙ୍କ ପାଇଁ ବସିବା ସ୍ଥାନ, ଆମୋଦପ୍ରମୋଦର ସୁବିଧା ଏବଂ ପାନୀୟ ଜଳ, ଶୌଚାଳୟ, ଅତ୍ୟାଧୁନିକ ଆଲୋକୀକରଣ ଓ ସୁରକ୍ଷା ଭଳି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯିବା ସହିତ ପର୍ଯ୍ୟଟକ ମାନଙ୍କୁ କିପରି ନେହେରୁବଙ୍ଗଳା ଆକୃଷ୍ଟ କରିପାରିବ ଏ ନେଇ ମଧ୍ୟ ସମସ୍ତ ବିଷୟରେ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଯେଉଁଭଳି ଭାବରେ ନେହେରୁ ବଙ୍ଗଳା ପାରାଦୀପ ବନ୍ଦରର ଗୌରବମୟ ଇତିହାସର ମୂକ ସାକ୍ଷୀ ପାଲଟିଛି, ପାରାଦୀପକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ନେହେରୁବଙ୍ଗଳାର ପଥରବନ୍ଧ, ମହାନଦୀ ବଙ୍ଗୋପସାଗରେ ମିଳନସ୍ଥଳ, ମାଛଧରା ବନ୍ଦର, ଜବାହର ଗେଷ୍ଟ ହାଉସ। ଏହାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

# ନୋଟିସ୍ ନ ଦେଇ ଲାଇନ୍ କାଟୁଛି ଟାଟାପାୱାର

ପାରାଦୀପ,୨୯।୩(ସମିସ): ଟାଟା ପାୱାର କମ୍ପାନୀର ମନମାନି ଏବେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାହକଙ୍କୁ ବିନା ନୋଟିସ୍‌ରେ ତାଙ୍କର ଲାଇନକୁ କାଟି ଦିଆଯାଉଛି। ଏପରିକି ଗ୍ରାହକ ଘରେ ଅନୁପସ୍ଥିତ ଥିଲେ ମଧ୍ୟ କିଛି ଜଣାଯାଉ ନାହିଁ। ଗ୍ରାହକ ଆସି ଘରେ ପହଞ୍ଚି ଲାଇନ୍ କଟା ଯାଇଥିବା ଦେଖିବାକୁ ମିଳୁଛି। ଅଭିଯୋଗ ଅନୁସାରେ, ପାରାଦୀପ ଗଡ଼ ଗ୍ରାମର ଗ୍ରାହକ ଦୀପକ ବାରିକ ଘରେ ନଥିବା ବେଳେ ତାଙ୍କୁ କୌଣସି ଲାଇନ କଟାଯିବା ସମ୍ପର୍କରେ ଆଗୁଆ ସୂଚନା ନ ଦିଆଯାଇ ତାଙ୍କ ଲାଇନ୍ କାଟି ଦିଆଯାଇଛି। ତେବେ ଏଭଳି ଘଟଣା ପାଇଁ ଗ୍ରାମର ଅନ୍ୟ ଲୋକମାନେ ଟାଟାପାୱାରର କର୍ମଚାରୀଙ୍କୁ ଘେରିବା ସହିତ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଦୀପକ ବାରିକଙ୍କ କହିବା କଥା ଯଦି ଲାଇନ୍ ବିଲ ବାକି ରହିଛି ତେବେ ଆମକୁ ପୂର୍ବରୁ ସୂଚନା ଦେବା ପରେ ଆମେ ବିଲ୍ ପୈଠ ନ କଲେ ଲାଇନ କଟିଲେ ଆମର ଆପତ୍ତି ନାହିଁ। ଯେହେତୁ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଗଲାଣି, ବିନା ଲାଇନ୍ ରେ ଘରେ ରହିବା ସମ୍ଭବ ହେଉନାହିଁ, ତେଣୁ ଆମକୁ ନ ଜଣାଇ ଲାଇନ୍ କାଟିବା କେତେଦୂର ଯଥାର୍ଥ, ତାକୁ ନେଇ କଥା ଉଠିଥିବା କୁହାଯାଉଛି।

# ଜିଲ୍ଲାପାଳଙ୍କୁ ସମସ୍ୟା ଜଣାଇଲେ ବରିଷ୍ଠ ନାଗରିକ

ଜଗତସିଂହପୁର,୨୮।୩(ସମିସ): ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ମାନେ ଆବାହକ ନିର୍ମଳ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ରହୁଥିବା ବରିଷ୍ଠ ନାଗରିକ ମାନେ ସାମାଜିକ ଜୀବନରେ ଭିନ୍ନ ଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁର କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ ବରିଷ୍ଠ ନାଗରିକମାନେ ବିସ୍ତୃତ ଭାବେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ମଧ୍ୟ ସାଧ୍ୟମତେ ପ୍ରଶାସନ ପକ୍ଷରୁ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିବାରୁ ମଞ୍ଚ କର୍ମକର୍ତ୍ତା ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଉପ ସଭାପତି ପ୍ରେମାନନ୍ଦ ପଡ଼ିଆରୀ, ସମ୍ପାଦକ ଅତୁଲ ପ୍ରଧାନ, ଉପଦେଷ୍ଟା ରବୀନ୍ଦ୍ର କୁମାର ସାହୁ, ନାରାୟଣ ପ୍ରସାଦ ନାୟକ ଏବଂ ବିଜୟ କୁମାର ରଥ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଉତ୍କଳ ସେବାନିବୃତ୍ତ ସେନାନି ସଂଘର ପ୍ରତିଷ୍ଠା ଦିବସ




ଜଗତସିଂହପୁର,୨୯।୩(ସମିସ): ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ, ଜଗତସିଂହପୁରର ୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସାରଦା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯକ୍ରମରେ ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ମ୍ୟୁନିସିପାଲଟି ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, କର୍ଣ୍ଣେଲ ଦେବରାଜ ମଲ୍ଲିକ୍ (ଅବସରପ୍ରାପ୍ତ) ଏବଂ ମୁଖ୍ୟବକ୍ତା ଭାବେ ଉଷା ଓଡ଼ିଶାର ସଭାପତି କରୁଣାକର ନାଥ ପ୍ରମୁଖ ଯୋଗଦେଇଥିଲେ। ସଂଘର ସମ୍ପାଦକ ସୁଧାଂଶୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ସଭାପତି ସୋମନାଥ ମହାରଣାଙ୍କ ଆବାହକତ୍ୱରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସୈନିକ ସଂଗଠନ ଯଥା ଅନୁଗୁଳ, କଟକ, ନିଆଳି, ପୁରୀ, ଅସ୍ତରଙ୍ଗ, ଯାଜପୁର, ସାଲେପୁର ପ୍ରମୁଖ ଉପସ୍ଥିତ ରହି ସଂଘକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାର ସହିଦମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଏବଂ ବିବିଧ ସାମାଜିକ କାର୍ଯ୍ୟରେ ସାମିଲ ଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସୋହମ୍ ଜେନା (ଡାକ୍ତରୀ ଛାତ୍ର), ସଂଘର ସଦସ୍ୟ ବସନ୍ତ କୁମାର ବସ୍ତିଆ, ଜ୍ୟୋତିରଞ୍ଜନ ସାମନ୍ତରାୟ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବଛେଟି, ଆଇଟିଆଇ ତରଡାପଡାର ଅଧ୍ୟକ୍ଷ ରଶ୍ମିରଞ୍ଜନ ମିଶ୍ର, ନିସ୍ୱାର୍ଥ ସେବା ସଂଗଠନ, ଅଳକା ଆଶ୍ରମ, ଜଗନ୍ନାଥପୁରର ପୂର୍ବତନ କର୍ମଚାରୀ ସଂଘ, ଏବଂ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ। ଶେଷରେ ସଂଘର ଚେୟାରମ୍ୟାନ ପ୍ରଦୀପ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# କାନମାସ୍‌ର ନାଟ୍ୟ ଦିବସ

ପାରାଦୀପ,୨୯।୩(ସମିସ): ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କାନ୍‌ମାସ୍ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଭୂତି ଭୂଷଣ ଦାସ ଓ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଡ. ଦାସଙ୍କୁ ଜଣେ ଉତ୍କୃଷ୍ଟ କଳାକାର ଭାବରେ କାନମାସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ସୁକାନ୍ତି ମିର୍ଦ୍ଧା କଳାକାର ଉଇଲିଅମ ଡାଫଙ୍କ ବାର୍ତ୍ତାକୁ ପଢ଼ିଥିଲେ। କାନମାସରେ ଶିକ୍ଷା ଗ୍ରହଣ କରିଥିବା କିଛି ଶିଶୁ କଳାକାର ମାନେ ସେମାନଙ୍କର କଳାକୁ ପ୍ରଦର୍ଶନ କରିଥିଲେ। ସଦ୍ୟ ଦିଲ୍ଲୀ ଠାରେ ସମାପ୍ତ ହୋଇଥିବା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଭାରତ ରଙ୍ଗ ମହୋତ୍ସବରେ ଭାଗ ନେଇଥିବା କାନମାସର କଳାକାରଙ୍କର ପ୍ରମାଣପତ୍ରକୁ ଅତିଥି ମାନେ ସେମାନଙ୍କୁ ପ୍ରଦାନ କରିଥିଲେ। କାନମାସର ଅନ୍ୟତମ ସଦସ୍ୟା ନୀଳିମା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# କଇଁଛ ଚୋରା ଚାଲାଣ, ଜଣେ ଗିରଫ


କୁଜଙ୍ଗ,୨୯।୩(ସମିସ): ଜଣେ ଚୋରା କଇଁଛ ଚାଲାଣକାରୀକୁ ଗିରଫ କରାଯାଇଛି। ଏଥିସହିତ ସହିତ ତା'ଠାରୁ ୧୯ଟି କଇଁଛ ଓ ବ୍ୟବହୃତ ମୋଟର ସାଇକଲକୁ ଜବତ କରାଯାଇଛି। ପ୍ରକାଶଯେ କୁଜଙ୍ଗ ଥାନା ଅନ୍ତର୍ଗତ ଆରଖିଆ ଗ୍ରାମର ଚଗଲା ଦାସଙ୍କ ପୁଅ ବିଜୟ ଦାସ (୩୨) ଏକ ପ୍ଲାଷ୍ଟିକ ବ୍ୟାଗରେ ଲିସିମିସ ପଙ୍କଟାଟା ପଙ୍କଟାଟା ପ୍ରଜାତିର ୧୯ଟି କଇଁଛ ଭର୍ତ୍ତି କରି ଓଡି୨୧ଏମ୭୮୩୦ ନମ୍ବର ଯୁକ୍ତ ବାଇକ୍ ଯୋଗେ ବାଲିତୁଠରୁ ବାଲିଆ ଗ୍ରାମକୁ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ କୁଜଙ୍ଗ ବନଖଣ୍ଡ ଅନ୍ତର୍ଗତ ନୂଆଗାଁ ସେକ୍ସନ ଫରେଷ୍ଟର ପଦ୍ମନାଭ ରାଉତ ଓ ଅନ୍ୟ ବନ କର୍ମଚାରୀ ଚଟୁଆ ଛକରେ ତାଙ୍କୁ ମାଡ଼ି ବସିଥିଲେ। ପରେ କଇଁଛ ସମେତ ଚୋରାଚାଲାଣକାରୀକୁ କୁଜଙ୍ଗ ବନ ଖଣ୍ଡ ଅଧିକାରୀ ସଞ୍ଜୟ ପ୍ରଧାନଙ୍କ ନିକଟରେ ହାଜର କରିଥିଲେ। କେସ ନମ୍ବର ୫୭ କେଜେ୨୫-୨୬ରେ ମକଦ୍ଦମା ରୁଜୁ କରି ଗିରଫ କରିଥିଲେ। ଆଜି ଜଗତସିଂହପୁର ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ତାର ଜାମିନ ନାମଞ୍ଜୁର ହେବାରୁ ସମାଗୋଳ ସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ଏକାଠି ହେଲେ ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ



ପାରାଦୀପ,୨୯।୩(ସମିସ): କମ୍ପାନୀ ବିରୋଧରେ ଆଜି ତ୍ରିଲୋଚନପୁର ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ ରଣହୁଙ୍କାର ଦେଇଛି। ଗ୍ରାମର ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଗ୍ରାମର ତ୍ରିଲୋକେଶ୍ୱର ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସବ୍‌ଷ୍ଟେସନ ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଯଦି କମ୍ପାନୀ ଗ୍ରାମବାସୀଙ୍କ ଦାବି ପୂରଣ ନ କରନ୍ତି ତେବେ ପ୍ରଥମେ ଅସହଯୋଗ ଆନ୍ଦୋଳନ କରାଯିବ। ଯଦି ଏଥିରେ ଦାବି ପୂରଣ ନ ହୁଏ, ତେବେ କମ୍ପାନୀରେ ତାଲା ଝୁଲାଇବାକୁ ପ୍ରତିବାଦ ସଭାରେ ଚେତାବନୀ ଦେଇଛନ୍ତି ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚର ତ୍ରିଲୋଚନପୁର ଗ୍ରାମବାସୀ। ଏହି ପ୍ରତିବାଦ ସଭାରେ ଧୀରେନ୍ଦ୍ର ବେହେରା, ବାବୁଲାଲ ମହାପତ୍ର, ସୁରେନ୍ଦ୍ର ରାଉତ, ସୁଧୀର ମହାପାତ୍ର, ଧନଞ୍ଜୟ ବେହେରା, ଭଜନାନନ୍ଦ ଦାସ, ମୁରଲୀ ପଳାଇ, ଗଣେଶ୍ୱର ମହାରଣା, ପିତାମ୍ବର ଗୋଚ୍ଛାୟତ, ସୁରେଶ ସାହୁ, ରମେଶ ପ୍ରଧାନ, ପ୍ରମୋଦ ଘଡେଇ, ଦୁଃଖୀ ଲେଙ୍କା, ଅରକ୍ଷିତ ଗୋଚ୍ଛାୟତ, ବିଶ୍ୱ ପ୍ରିୟଦର୍ଶିନୀ ପଣ୍ଡାଙ୍କ ସମେତ ଗ୍ରାମର ଶତାଧିକ ସଂଖ୍ୟାରେ ପୁରୁଷ, ମହିଳା ସାମିଲ ହୋଇଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବି ଗୁଡିକୁ ନ ମାନିଲେ କମ୍ପାନୀ ଫାଟକରେ ତାଲା ଝୁଲାଇବା ସହିତ ଧାରଣାରେ ବସି ରହିବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ପଲ୍ଲୀବନ୍ଧୁ ସମ୍ପାଦକ ଶଶିଭୂଷଣ ଷଡ଼ଙ୍ଗୀଙ୍କ ପରଲୋକ



କୁଜଙ୍ଗ,୨୯।୩(ସମିସ): ଏରସମା ବ୍ଲକ୍ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର (ପାରପରା) ଗ୍ରାମର ବର୍ଷିୟାନ ସାମ୍ବାଦିକ ତଥା ପଲ୍ଲୀବନ୍ଧୁ ଖବରକାଗଜର ସମ୍ପାଦକ ଶଶିଭୂଷଣ ଷଡ଼ଙ୍ଗୀଙ୍କର ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ଷଡ଼ଙ୍ଗୀ ଏକାଧାରରେ ଜଣେ ସାମ୍ବାଦିକ, ରାଜନେତା ଓ ହୋମିଓପାଥିକ ଚିକିତ୍ସକ ଭାବେ ସୁନାମ ଅର୍ଜନ କରିଥିଲେ। ସେ' ବିଭିନ୍ନ ସମୟରେ ସମାଜ ଓ ପ୍ରଜାତନ୍ତ୍ରର ପ୍ରତିନିଧି ଭାବେ ଭବାନୀପାଟଣାରେ କାର୍ଯ୍ୟ କରୁଥିଲେ। ଭବାନୀପାଟଣାରୁ ନିଜ ସମ୍ପାଦନାରେ ୧୯୬୨ ମସିହାରେ ପାକ୍ଷିକ ପତ୍ରିକା "ପଲ୍ଲୀବନ୍ଧୁ' ଓ ୧୯୮୧ ମସିହାରେ ମାସିକ ପତ୍ରିକା "ଯାଯାବର' ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତା ଭୂପେନ ବସୁଙ୍କ ସଂସ୍ପର୍ଶରେ ଆସି ୧୯୬୭ ମସିହାରେ ଜନସଂଘ ଦଳରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ୧୯୭୪ ମସିହାରେ ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳୀରୁ ଜନ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପାରପରା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ କରାଯାଇଛି। ଜ୍ୟେଷ୍ଠପୁତ୍ର ସଂଗ୍ରାମ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଶେଷ ଶଯ୍ୟାରେ ପୁତ୍ର ସଞ୍ଜୟ, ସୁଧୀର, ଶୁଶିଲ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ଡ. ରଘୁନାଥ ସାହୁ, ସମ୍ପାଦକ ଦୁଷ୍ମନ୍ତ ମାଝୀ ଓ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ପିତାମ୍ବର ତରାଇ ଓ ବହୁ ସାମ୍ବାଦିକ ଶୋକ ପ୍ରକାଶ କରିଛନ୍ତି।

# ୩ ବଖରା ଜଳିଗଲା

ବାଲିକୁଦା,୨୯।୩(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ଅଳାଭର ପଞ୍ଚାୟତ ରଣପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୀତାଞ୍ଜଳି ମହାନ୍ତିଙ୍କ ୩ ବଖରା ଚାଳ ଛପର ଘରେ ଆଜି ସନ୍ଧ୍ୟା ସମୟରେ ନିଆଁ ଲାଗି ସମସ୍ତ ଆସବାପତ୍ର ସହ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ସୂଚନା ପାଇ ବାଲିକୁଦା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଆସବାବପତ୍ର ଉଦ୍ଧାର କରିବାରେ ସଫଳ ହୋଇ ନଥିଲେ।

# କୃଷକ ଅଧିକାର ପଦଯାତ୍ରାରେ ସାମିଲ ହେବେ ଚାଷୀ

ଜଗତସିଂହପୁର/କୁଜଙ୍ଗ,୨୯।୩(ସମିସ)



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କୃଷକ ଅଧିକାର ପଦଯାତ୍ରାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଏଥିରେ ଉପସ୍ଥିତ ରହି କୃଷକ ଅଧିକାର ପଦଯାତ୍ରା ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

ଗତ ୨୨ ତାରିଖଠାରୁ କେନ୍ଦୁଝର ଜିଲ୍ଲାର ଘଟଗାଁ ତାରେଣୀ ପୀଠରୁ ନବ ନିର୍ମାଣ କୃଷକ ସଂଗଠନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି କୃଷକ ଅଧିକାର ପଦଯାତ୍ରା। ଏହି ପଦଯାତ୍ରା ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ରାଷ୍ଟ୍ରୀୟ ନେତା ରାକେଶ ଟିକାୟତ୍ ୩୦ ଏବଂ ୩୧ ତାରିଖ ଦୁଇ ଦିନ ଧରି ଏହି ପଦଯାତ୍ରାରେ ସାମିଲ୍ ହେବେ। ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସରକାର ସମସ୍ତ ଚାଷୀଙ୍କ ଧାନ କିଣନ୍ତୁ। ଏଥିପାଇଁ ଆବଶ୍ୟକ ପଡ଼ିଲେ ମଣ୍ଡି ଶେଷ ତାରିଖ ୩୧ ପରିବର୍ତ୍ତେ ଆଉ ଅଧିକ ଦିନ ଧାର୍ଯ୍ୟ କରନ୍ତୁ। ଯାହା ଫଳରେ ହଜାର ହଜାର ଚାଷୀଙ୍କ ମଧ୍ୟରେ ଧାନବିକ୍ରି ଆଶଙ୍କା ଦୂର ହୋଇପାରନ୍ତା। ଜଗତସିଂହପୁର ଜିଲ୍ଲାସ୍ତରରେ ପ୍ରାୟ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ, ସରକାର କିଣିବାର ଆବଶ୍ୟକତା ଥିବା ବେଳେ ମାତ୍ର ୧୭ ଲକ୍ଷ ୯୮ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ୪୯,୬୦୦ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ୩୬୬୨ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଲକ୍ଷାଧିକ କ୍ୱିଣ୍ଟାଲ ଧାନ ଚାଷୀ ମାନଙ୍କ ପାଖରେ ପଡ଼ି ରହିଛି। ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ମଣ୍ଡିରେ ଧାନ କିଣା ନହୋଇ ପାରିଲେ ଜଗତସିଂହପୁର ଜିଲ୍ଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ କ୍ୱିଣ୍ଟାଲ ପିଛା ୧୫୦୦ ଟଙ୍କା କ୍ଷତିରେ ବେପାରୀମାନଙ୍କୁ ବିକି ଅଭାବୀ ବିକ୍ରିର ଶିକାର ହେବେ। ତେଣୁ ସମସ୍ତ ଚାଷୀଙ୍କ ଧାନବିକ୍ରି, ଚାଷୀଙ୍କୁ ଉଚିତ୍ ମୂଲ୍ୟ, ଚାଷୀଙ୍କୁ ଭତ୍ତା, ଚାଷୀଙ୍କୁ ସାମ୍ବିଧାନିକ ସମ୍ମାନ, ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଜୁଳି ମାଗଣା ପ୍ରଦାନ କରିବା, ବୟସ୍କ ମାନଙ୍କ ଭତ୍ତା ୩ ହଜାର ଟଙ୍କା ପ୍ରଦାନ କରିବା, ଓଡ଼ିଶାକୁ ଦାଦନ ମୁକ୍ତ, ନିଶା ମୁକ୍ତ କରିବା, ଓଡ଼ିଶାର ପ୍ରାକୃତିକ ସମ୍ବଳ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସୁବିନିଯୋଗ ପୂର୍ବକ ରୋଜଗାର ସୃଷ୍ଟି କରିବା ଭଳି ଗୁରୁତ୍ୱ ପୂର୍ଣ୍ଣ ଦାବି ଗୁଡ଼ିକୁ ନେଇ ଏହି ପଦଯାତ୍ରାର ଆୟୋଜନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଅନ୍ୟ ପକ୍ଷରେ ଏହି ପଦଯାତ୍ରାରେ ୩୦ ତାରିଖରେ କୁଜଙ୍ଗ ବ୍ଲକ ନବନିର୍ମାଣ ଶାଖା ପକ୍ଷରୁ ଶତାଧିକ ଚାଷୀ ସାମିଲ ହେବେ ବୋଲି ଏକ ବୈଠକରେ ସୂଚନା ଦେଇଛନ୍ତି। ଚାଷୀ ନେତା ତଥା ଉପଦେଷ୍ଟା ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବୈଠକରେ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, କୋଷାଧ୍ୟକ୍ଷ ନଟବର ସେଣ, ଦେବୀ ପ୍ରସାଦ ପଟ୍ଟନାୟକ, ସ୍ୱରୂପ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, କ୍ଷୀରୋଦ ଦାସ, ରାମ ଚନ୍ଦ୍ର ପ୍ରଧାନ, ଜପହରି ବାରିକ, ସମୀର ରାଉତ, ସାରଦା ମଲ୍ଲ, ସୌଦାମିନୀ ସ୍ୱାଇଁ, ଗୋପୀନାଥ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଚାଷୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ।

## ପିସିଏଲ୍ ଦ୍ୱିତୀୟ ଦିନରେ ୩ଟି ମ୍ୟାଚ୍

# ଜିଡିସି, ସୁପରକିଙ୍ଗସ୍, ବାବାସାଇ ବିଜୟୀ




ପାରାଦୀପ,୨୯।୩(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଜେସିସି ୱାରିଅର ଟିମ୍ ଓ ଜିଡିସି ବ୍ଲାଷ୍ଟର ଟିମ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଲା। ଜିଡିସି ବ୍ଲାଷ୍ଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେସିସି ୱାରରିଅର ଦଳ ନିର୍ଦ୍ଧାରିତ ଓଭରରେ ୧୫୨ରନ କରିପାରିଥିଲା।

ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ ଦାସଙ୍କୁ ଚୟନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଜିପିସିଆଇ ହିରୋସ ଟିମ ଓ ପାରାଦୀପ ସୁପର କିଙ୍ଗସ ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ଜିପିସିଆଇ ହିରୋସ ପ୍ରଥମେ ବ୍ୟାଟିଂ କରି ୧୯. ୩ ଓଭରରେ ୧୧୩ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲା। ଜବାବରେ ପାରାଦୀପ ସୁପର କିଙ୍ଗସ ଦଳ ୧୫. ୦୨ଓଭରରେ ୧୧୮ ରନ କରି କୌଣସି ୱିକେଟ ନ ହରାଇ ବିଜୟ ଲାଭ କରିଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଭିଜିତ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ତୃତୀୟ ମ୍ୟାଚ ମହାକାଳ ୱାରିଅର ଟିମ ଓ ବାବା ସାଇ ଡାଇମଣ୍ଡିଅନ୍ସ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ବାବା ସାଇ ଡାଇମଣ୍ଡିଅନ୍ସ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ୧୨୫ ରନ କରି ସମସ୍ତ ୱିକେଟ ହରାଇଥିଲା। ଜବାବରେ ମହାକାଳ ୱାରିଅର ଦଳ ନିର୍ଦ୍ଧାରିତ ଓଭରରେ ୧୧୫ ରନ କରି ତାର ସମସ୍ତ ୱିକେଟ ହରାଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବୁଟା ସିଂଙ୍କୁ ଚୟନ କରାଯାଇଥିଲା। ଆଜି ଅତିଥି ଭାବେ କାଉନସିଲର ପ୍ରତାପ ଚନ୍ଦ୍ର ନାୟକ, ସମାଜସେବୀ ନରେଶ ଭଟ୍ଟ, ବିଧାନ ପରିଡା ଓ ପ୍ରଦୀପ୍ତ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।

## ଏନ୍‌ଟିଏଲ୍ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ




ଖଜୁରିଆକଟା,୨୯ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତର ଦୁଇ ଶହ ଗରିବ ପରିବାରକୁ ଆଜି ଏନ୍‌ଟିଏଲ୍ ସଂସ୍ଥା ପକ୍ଷରୁ ଦୁଇଶହ ଗରିବ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସଂସ୍ଥାର ମ୍ୟାନେଜର ଗ୍ରେସଙ୍କ ପରାମର୍ଶ କ୍ରମେ ଏହି ମହତ କାର୍ଯ୍ୟ କରାଯାଇ ଗରିବ ଗ୍ରାମବାସୀଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି । ଗ୍ରାମର ଦୁଷ୍ମନ୍ତ ପାଢ଼ୀ, ବିବେକାନନ୍ଦ ବରାଳ, ଆଶୁତୋଷ ପାଳ, ରୌପ୍ୟ ରଞ୍ଜନ ପାଳ, ଚନ୍ଦନ ପାଳ ଏବଂ ରାକେଶ ପାଳ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ଏହି ଖାଦ୍ୟ ବାଣ୍ଟିଥିଲେ । ସଂସ୍ଥାର ଏହି ମହତ କାର୍ଯ୍ୟ ବିଭିନ୍ନ ସମୟରେ ସାରା ଜିଲ୍ଲାରେ ଆୟୋଜିତ ହେବ ବୋଲି ଜଣା ଯାଇଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ



ଓଡାପଡା,୨୯ ।୩(ସମିସ): ଓଡାପଡା ବ୍ଲକ କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୌଭାଗ୍ୟ ଚନ୍ଦ୍ର ସତପଥୀଙ୍କ ୮୦ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଓଡ଼ାପଡ଼ା ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଖ୍ୟାତି ଅର୍ଜନ କରିଥିଲେ । ସେ ୨୦୦୫ରେ ସରକାରୀ କାର୍ଯ୍ୟରୁ ଅବସର ନେବା ପରେ ଭାରତବର୍ଷର ବିଭିନ୍ନ ତୀର୍ଥଭ୍ରମଣ କରି ଅବଶିଷ୍ଟ ସମୟ ଅତିବାହିତ କରିଥିଲେ । ମଙ୍ଗଳପୁର ତଥା ପାରିପାର୍ଶ୍ୱିକ ଗ୍ରାମମାନଙ୍କରେ ସୀତାରାମଙ୍କ ଭକ୍ତ ଭାବରେ ବେଶ ପରିଚିତ ହୋଇପାରିଥିଲେ । କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ପାଖରେ ଦୁଇପୁଅ ଚକ୍ରଧର, ଶଶଧର ସହିତ ଦୁଇ ଝିଅ, ସ୍ତ୍ରୀ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ଶେଷ ଦର୍ଶନ ପାଇଁ ଗ୍ରାମବାସୀଙ୍କ ସୁଅ ଛୁଟିଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ପାଇଁ ପରିବାର ପକ୍ଷରୁ ନିଆଯାଇଛି ।

## ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ



ଗଁଦିଆ,୨୯ ।୩(ସମିସ): ଓଡ଼ିଶା ସରକାରଙ୍କ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ନିର୍ବାଚନ ମଣ୍ଡଳୀ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ବନବାସପୁରରେ ଆୟୋଜିତ ପବିତ୍ର ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ବନବାସ ପୁର ଠାରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନରେ ସାମିଲ୍ ହୋଇଥିଲେ । ସେଠାରେ ସେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିଙ୍କ ଦର୍ଶନ କରିବା ସହ ରାଜ୍ୟରେ ସୁଖ, ଶାନ୍ତ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ । ଏହାପରେ ବନବାସପୁର ଠାରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନରେ ସାମିଲ ହୋଇ ଶ୍ରଦ୍ଧାଳୁଙ୍କ ସହ ଆଧାତ୍ମିକ ଚର୍ଚ୍ଚା କରିଥିଲେ । ଆଧାତ୍ମିକ କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଜନସାଧାରଣଙ୍କ ଗହଣରେ ସମୟ ବିତାଇବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଦଳୀୟ କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଏବଂ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ




ଢେଙ୍କାନାଳ,୨୯ ।୩(ସମିସ): ସ୍ଥାନୀୟ ଭାଗିରଥୀ ସାଗର କୂଳରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଶିକ୍ଷା କେନ୍ଦ୍ରର ସମସ୍ତ ପରିଚାଳନା ସଭ୍ୟ, ଅପାଭାଇ, ଅଭିଭାବକଙ୍କ ଉପସ୍ଥିତିରେ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସତ୍ୟଭାମା ହୋତା, ବିସ୍ମିତା ମିଶ୍ର, ସୁପ୍ରିୟା ପଟ୍ଟନାୟକ, ସରିତା ଭଞ୍ଜ, ସନ୍ତୋଷ କାନୁନ୍‌ଗୋ, ନମିତା ମିଶ୍ର, ଶରତ କୁମାର ଭଞ୍ଜ, ଶାନ୍ତିଲତା ଦାଶ, ସ୍ନିଗ୍ଧା ମହାପାତ୍ର, ଦେବସ୍ମିତା ତ୍ରିପାଠୀ, ଅର୍ଚ୍ଚନା ଭଞ୍ଜ, ଅନସୂୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦକ କ୍ଷୀରୋଦ କୁମାର ପାତ୍ର, ସଭ୍ୟ ପଞ୍ଚାନନ ଜେନା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟକ୍ଷ ଅଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

### ପରଜଙ୍ଗ ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା

# ସମିତି ସମ୍ପାଦକଙ୍କୁ ତାଲା ପକାଇଲେ ଚାଷୀ

ପରଜଙ୍ଗ,୨୯ ।୩(ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକସ୍ଥିତ ପରଜଙ୍ଗ କୃଷି ସମବାୟ ସମିତି କାର୍ଯ୍ୟାଳୟ ଅଧିନ ରେ ହେଉଥିବା ଧାନ ମଣ୍ଡି ରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି । ଯେଉଁ ଚାଷୀମାନେ ଆଗ ଟୋକନ ପାଇଥିଲେ ସେହି ଚାଷୀଙ୍କ ଧାନ ଉଠୁନଥିବା ବେଳେ ଯେଉଁ ଚାଷୀମାନେ ପଛରେ ଟୋକନ୍ ପାଇଥିଲେ ସେହି ଚାଷୀଙ୍କ ଧାନ ଚଞ୍ଚକତା କରି ସମିତି ସମ୍ପାଦକ ସିଧାସଳଖ ଖର୍ଚ୍ଚ ନେଇ ବିନା ମଣ୍ଡିରେ ମିଲ୍‌କୁ ପଠାଇଦେଉଛନ୍ତି । ଏପଟେ ଯେଉଁ ଚାଷୀଙ୍କ ଧାନ ଉଠିନାହିଁ ଖର୍ଚ୍ଚ ନ ଦେଲେ ଧାନ ଉଠିବ ନାହିଁ ବୋଲି ସମିତି ସମ୍ପାଦକ ବ୍ରହ୍ମାନନ୍ଦ ନାୟକ କହିବାରୁ ଏହାର ପ୍ରତିବାଦରେ ଚାଷୀମାନେ ରବିବାର ସମିତି କାର୍ଯ୍ୟାଳୟ ଭିତରେ ସମ୍ପାଦକ ବ୍ରହ୍ମା ନନ୍ଦ ନାୟକ ଏବଂ କମ୍ପ୍ୟୁଟର କର୍ମଚାରୀ ଦୀପକ କୁମାର ନାୟକ ଥାଇ ବାହାରରୁ ତାଲା ପକାଇ ଦେଇଥିଲେ । ପୁଲିସ ଭ୍ୟାନ ଯାଇ ଉଭୟଙ୍କୁ ଉଦ୍ଧାର କରି ପରଜଙ୍ଗ ଥାନାକୁ ନେଇଛି । ସୂଚନା ମୁତାବକ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟିଣି ଗ୍ରାମର ମଳୟ ନାୟକ ମାର୍ଚ୍ଚ ୨୪ ମଧ୍ୟରେ ମଣ୍ଡିରେ ୩୬ କ୍ୱିଣ୍ଟାଲ ଧାନ ଦେବାକୁ ଟୋକନ ପାଇଥିଲେ । କିନ୍ତୁ ସମିତି କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଥିଲେ ମଧ ଧାନ ନେବାକୁ ସମିତି ସମ୍ପାଦକ ରାଜି ହୋଇନଥିଲେ । ଖର୍ଚ୍ଚ ପାଣି ଦେଲେ ଧାନ ଉଠିବ ବୋଲି ରୋକଠୋକ ଶୁଣାଇ ଦିନ ଗଡ଼ାଇ ଚାଲିଥିଲେ । ତେବେ ଶନିବାର ମାର୍ଚ୍ଚ ୨୪ ରେ ଟୋକନ ପାଇଥିବା ୧୪ ଜଣ ଚାଷୀଙ୍କ ଧାନ କୌଣସି ମଣ୍ଡି ହୋଇନଥିବା ବେଳେ ସେମାନଙ୍କୁ ନିଜ ଖର୍ଚ୍ଚ ରେ ବସୋଇ ସ୍ଥିତ ସନ୍ତୋଷୀ ଆଗ୍ରୋ ଫୁଡସ୍ ରାଇସ୍ ମିଲ୍‌କୁ ଧାନ ନେବାକୁ ସମ୍ପାଦକ ଫୋନ କରି ଜଣାଇବା ପରେ ଚାଷୀମାନେ ଶନିବାର ଧାନ ନେଇ ମିଲ୍‌ରେ ଦେଇଥିଲେ । ସେହି ଚାଷୀମାନଙ୍କର ରବିବାର ପରଜଙ୍ଗ କୃଷି ସମିତି କାର୍ଯ୍ୟାଳୟରେ ଆଖି ସ୍କାନିଂ କରାଯାଉଥିବା ସମୟରେ ଚାଷୀ ମଳୟ ନାୟକ ପହଞ୍ଚି ପଛ ଲୋକଙ୍କ ଧାନ ନିଆଗଲା କାହିଁକି, ମୋର ଧାନ ନିଆଯାଉନାହିଁ ବୋଲି କହିବାରୁ ବିନା ଖର୍ଚ୍ଚରେ ଧାନ ଉଠିବ ନାହିଁ, ଯାହା କରିବା କଥା କର କହି ଦୁର୍ବ୍ୟବହାର କରିଥିଲେ । ଫଳରେ ଅନ୍ୟ ଚାଷୀ ମଳୟଙ୍କୁ ସମର୍ଥନ କରି ସମବାୟ ସମିତି କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ । ଡିହଡୋଳ ଗ୍ରାମର ଜଣେ ଚାଷୀ ଧବଳେଶ୍ୱର ସାହୁ କୁହନ୍ତି ମୁଁ ବି ୧୬ କ୍ୱିଣ୍ଟାଲ ଧାନ ମିଲ୍‌ରେ ଗାଡିଭଡ଼ା କରି ଦେଇକି ଆସିଛି । ପରେ ପୁଲିସ ଯାଇ ଉଭୟଙ୍କୁ ଉଦ୍ଧାର କରିଥିଲା । ଏହି ବିଷୟରେ ସନ୍ତୋଷୀ ଆଗ୍ରୋ ଫୁଡସ୍ ରାଇସ୍ ମିଲ୍‌ର ପରିଚାଳକ ପ୍ରଦୀପ୍ତ କୁମାର ମିଶ୍ର କୁହନ୍ତି ଆସନ୍ତା ମଙ୍ଗଳବାର ମଣ୍ଡି ହେବ କିନ୍ତୁ ସମିତି ସମ୍ପାଦକ ଚାଷୀଙ୍କୁ ହଇରାଣ କରି ନିଜ ଖର୍ଚ୍ଚରେ ଶନିବାର ଆଗୁଆ ୧୪ ଜଣ ଚାଷୀଙ୍କ ଧାନ ମିଲ୍‌କୁ ପଠାଇଥିଲେ । ଏହି ବିଷୟରେ ପରଜଙ୍ଗ ସହକାରୀ ଯୋଗାଣ ନିରୀକ୍ଷକ ଉଦିତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଖବର ପାଇଛି, ସୋମବାର ଏହାର ତଦନ୍ତ କରାଯିବ ।

## ଟ୍ରକ୍‌କୁ ପଛରୁ ଧକ୍କା ଦେଲା ହାଇୱା; ୨ ମୃତ

ଖଜୁରିଆକଟା,୨୯ ।୩(ସମିସ): ଆଜି ଭୋର ୫ ଟା ସମୟରେ ଏକ ଟ୍ରକ ପଛରେ ହାଇୱା ଧକ୍କା ଦେଇଥିଲା । ଫଳରେ ହାୱାଇ ଟ୍ରକ୍‌ର କେବିନ ଭାଙ୍ଗି ରୁଜି ଚୁରମାର ହୋଇ ଯାଇ ଚାଳକ ସହିତ ହେଲପର ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଆଜି ଭୋର ସମୟରେ ଢେଙ୍କାନାଳ ଆଡୁ ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ୫୫ ନଂ ଜାତୀୟ ରାଜପଥ ଓଡାପଡା କଲେଜ ଛକ ନିକଟରେ ଓଡି ୧୯ ୟୁ ୪୨୯୫ ନମ୍ବର ବିଶିଷ୍ଟ ଏକ ୧୬ ଚକିଆ ଟ୍ରକ ଛିଡା କରିବା ସମୟରେ ପଛରୁ ଆସୁଥିବା ଓଡି ୧୫ ଜେଡ ୨୨୭୬ ନମ୍ବର ହାଇୱା ଧକ୍କା ଦେଇଥିଲା । ଫଳରେ ହାଇୱାର କେବିନ ଭାଙ୍ଗି ରୁଜି ଚୁରମାର ହୋଇ ଯାଇଥିଲା । ଫଳରେ ହାଇୱାର ଡ୍ରାଇଭର ଗୁରୁତର ଆହତ ହୋଇ ଥିଲେ । ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ଜାତୀୟ ରାଜପଥରେ ପାଟ୍ରୋଲିଙ୍ଗ କରୁଥିବା ପିସିଆର୍ ଭ୍ୟାନ ପୁଲିସ କର୍ମଚାରୀ ଡ୍ରାଇଭରଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ଦେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାର କିଛି ସମୟ ପରେ ଗାଡ଼ି ମାଲିକଙ୍କ ଠାରୁ ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଟ୍ରକରେ ଆଉ ଜଣେ ସହାୟକ ଚାପି ହୋଇ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପୋଷ୍ଟମର୍ଟମ ନିମନ୍ତେ ପଠାଇ ଦେବା ସହିତ ଏକ କେସ ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଡ୍ରାଇଭର ଓ ହେଲପରଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ପ୍ଲାଣ୍ଟ ସାଇଡ୍ ଗୋପବନ୍ଧୁ ପାଲି ଗ୍ରାମରେ । ମୃତବରଣ କରିଥିବା ଦୁଇଜଣ ହେଲେ ପେରୁ ଦାସ (୫୩) ଓ ଅନୀଲ ସିଂହଦେଓ (୩୬) ।



## ଓଡ଼ିଶା ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଂଘ ବୈଠକ



ଢେଙ୍କାନାଳ,୨୯ ।୩(ସମିସ): ସ୍ଥାନୀୟ ବଳରାମ ମନ୍ଦିର ପରିସର ଲକ୍ଷ୍ମୀମନ୍ଦିର ଠାରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ଏକ ବୈଠକ ସଭାପତି ଦିପ୍ତୀମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଆଖପାଖର ୬୦ଜଣ ସ୍ୱାସ୍ଥ୍ୟକର୍ମୀ ଭାଗନେଇଥିଲେ । ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟ ସ୍ୱାସ୍ଥ୍ୟକର୍ମୀ ଓ ସିଏଚ୍‌ଓ କାର୍ଯ୍ୟ କରୁଥିବାସ୍ଥଳେ ସରକାର ସିଏଚ୍‌ଓମାନଙ୍କୁ ୧୦୦ ପ୍ରତିଶତ, ଟିବିଆଇର ୧୦୦ ପ୍ରତିଶତ ଦେଉଥିବାବେଳେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମାତ୍ର ୧୦ ପ୍ରତିଶତ ଦେଉଛନ୍ତି । ତେଣୁ ବର୍ତ୍ତମାନ ଠାରୁ କୌଣସି ସ୍ୱାସ୍ଥ୍ୟକର୍ମୀ ଟିବିଆଇ ଫର୍ମରେ ଦସ୍ତଖତ କରିବେ ନାହିଁ କି ୧୦ପ୍ରତିଶତ ଇନସେଟିଭ୍ ଗ୍ରହଣ କରିବେ ନାହିଁ ବୋଲି ନିଷ୍ପତ୍ତି କରାଯାଇଥିଲା । ସିଏଚ୍‌ଓ ନଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଟିବିଆଇ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଏନ୍‌ଏଚ୍‌ଏମ୍ ଫଣ୍ଡରେ ଆସୁଥିବା ୱେଲନେସ ଆକ୍ଟିଭିଟିସ୍ ଖର୍ଚ୍ଚ ସଠିକ ଭାବେ ନିରୀକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଗଲା । ନିୟମାବଳୀ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଓ ଖର୍ଚ୍ଚ ଉଭୟ ସିଏଚ୍‌ଓ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚେୟାର୍ ପର୍ସନ ରୁବି ପ୍ରିୟଦର୍ଶିନୀ, ସମ୍ପାଦିକା ଏଲିନା ପରିଡ଼ା, କୋଷାଧ୍ୟକ୍ଷା ପ୍ରଗତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ୧୫୧ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ,୨୯ ।୩(ସମିସ): ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଦେଖା ଦେଇଥିବା ରକ୍ତ ଅଭାବଜନିତ ସମସ୍ୟା ର ସମାଧାନ ପାଇଁ ସାଇ ସତସଙ୍ଗ ସେବା ଟ୍ରଷ୍ଟ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରାରମ୍ଭ ରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଲେ ଯେ ଢେଙ୍କାନାଳରେ ଦେଖାଦେଇଥିବା ରକ୍ତ ସଙ୍କଟ ର ସମାଧାନ ଲାଗି ଏହା ସହାୟକ ହେବ । ସମ୍ମାନିତ ଅତିଥି ଭାବରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ର ସଭାପତି ରାଜେନ୍ଦ୍ର କୁମାର ଦାସ ଯୋଗଦେଇ ଅନୁଷ୍ଠାନ ର ରକ୍ତଦାନ ସମେତ ଜଳଛତ୍ର ସେବାକୁ ପ୍ରଶଂସା କରିଥିଲେ । ସମାଜ ସେବୀ ଦେବବ୍ରତ ମହାନ୍ତି ରକ୍ତ ସଙ୍କଟ ସମୟରେ ଏହି ଶିବିର ଆୟୋଜନକୁ ବହୁ ପ୍ରଶଂସା କରିଥିଲେ । ଟ୍ରଷ୍ଟ ର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ରକ୍ତ ର ବିକଳ୍ପ ନାହିଁ । ସମସ୍ତେ ସଚେତନ ହେଲେ ରକ୍ତ ଅଭାବ ଦୂର ହେବ । ନିୟମିତ ବ୍ୟବଧାନ ରେ ରକ୍ତଦାନ କରି ଅନ୍ୟ ର ଜୀବନ ବଞ୍ଚାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଶିବିର କୁ ଅରୂପ ପରିଜା, ରତିକାନ୍ତ ସେଠି, ଅଞ୍ଜଳି ପରିଡା ଓ ଟ୍ରଷ୍ଟ ର ସଦସ୍ୟ ମାନେ ପରିଚାଳନା କରିଥିଲେ ।

## ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନ,୨୯ ।୩(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ମୀରାବାଇ କଳା ବିକାଶ କେନ୍ଦ୍ର ଦ୍ୱାରା ଜାତୀୟ ଗୀତ ବନ୍ଦେ ମାତରମ୍ ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ବରଂ ଏକ ମନ୍ତ୍ର ଓ ଏହି ମହାନ ମନ୍ତ୍ର ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିବା ଅତିଥିମାନେ ପ୍ରକାଶ କରିଥିଲେ । ଏହି ମନ୍ତ୍ରର ସ୍ୱତନ୍ତ୍ରତା ଥିବାବେଳେ ଏହା ପ୍ରତିଟି ଭାରତୀୟଙ୍କୁ ବଳିଦାନ ଓ ସମର୍ପଣ ର ବାର୍ତ୍ତା ଦେଇଥାଏ । ତେବେ ଏହି ଉତ୍ସବ ରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବିଜେପି ସଂଯୋଜକ ଜଗବନ୍ଧୁ ପୃଷ୍ଟି, ବରିଷ୍ଠନାଗରିକ ସଭାପତି ଶ୍ରୀଧର ବେହେରା, ଅର୍ଗସ ନ୍ୟୁଜ ଭୁବନ ପ୍ରତିନିଧି ସରୋଜ କୁମାର ସାହୁ, ଚିତ୍ରଶିଳ୍ପୀ ନାରାୟଣ ସାହୁ ଓ ବରିଷ୍ଠ କଳାକାର ତୁଷାରକାନ୍ତି ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତଥିଲେ । ସେହିପରି ମୀରାବାଇ କଳା ବିକାଶ କେନ୍ଦ୍ରର ଅଧ୍ୟକ୍ଷ ଭଗବାନ ଗୁରୁ ସଭା ପରିଚାଳନା କରିଥିଲେ । ତେବେ ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଭଗବାନ ଗୁରୁଙ୍କ ଦ୍ୱାରା ଲିଖିତ ଶହିଦ ବାଜିରାଉତ ଗିତିନାଟ୍ୟ ମଧ୍ୟ ଉନ୍ମୋଚିତ ହୋଇଥିଲା । ପରେ କୁନିକୁନି କଳାକାର ମାନେ ବନ୍ଦେ ମାତରମ୍ ଗିତରେ ନୃତ୍ୟ ପରିବେଷଣ କରିଥିଲେ ।

## ଜିଲ୍ଲା ଶାରୀରିକ ଶିକ୍ଷା-ଶିକ୍ଷକ ସଂଘ ନିର୍ବାଚନ



ଢେଙ୍କାନାଳ,୨୯।୩(ସମିସ): ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ନିର୍ବାଚନରେ ସଭାପତି ସୁଶୀଲ କୁମାର ପଣ୍ଡା ଓ ସମ୍ପାଦକ ଅଭିମନ୍ୟୁ ମଲ୍ଲିକ ନିର୍ବାଚିତ ହୋଇଛନ୍ତି । ସେହିପରି ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟବ୍ରତ ସାହୁ, ସହ ସମ୍ପାଦକ ଜୟନ୍ତୀ ବେହେରା ଓ ରବିନ୍ଦ୍ର ରାଉତ, କୋଷାଧ୍ୟକ୍ଷ ହରପ୍ରିୟା ଦାସ ନିର୍ବାଚିତ ହୋଇଛନ୍ତି । ଜିଲ୍ଲାର ୮ ଗୋଟି ବ୍ଲକର ସମ୍ପାଦକମାନଙ୍କୁ ଜିଲ୍ଲା ଉପସଭାପତି ରୂପେ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ଅକ୍ଷୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଧଳ, ନରେଶ କୁମାର ମହାରଣା, ସନ୍ତୋଷ କୁମାର ପରିଡ଼ା, ସୁବ୍ରତ କୁମାର ମିଶ୍ର, ଉମେସ ଚନ୍ଦ୍ର ଦାସ, ଉମେଷ ଚନ୍ଦ୍ର ସାମଲ, ପ୍ରତାପ କୁମାର ସାମନ୍ତ, ନରେନ୍ଦ୍ର କୁମାର ଗନ୍ତାୟତ, ଦୁର୍ଯ୍ୟୋଧନ ପାଣି ମନୋନୀତ ହୋଇଛନ୍ତି । ବିରିଷ୍ଠ ଶିକ୍ଷକ ପ୍ରଭାସ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଁଦିଆରେ ମା' ତାରିଣୀଙ୍କ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଗଁଦିଆ,୨୯ ।୩(ସମିସ): ଗଁଦିଆର ଆରାଧ୍ୟା ଦେବୀ ମା' ତାରିଣୀଙ୍କ ୧୯ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ଏହି ଆଧାତ୍ମିକ ମହୋତ୍ସବରେ ସମଗ୍ର ଗଁଦିଆ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା । ଉତ୍ସବର ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବାହାରି ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିବା ସହ ମନ୍ଦିରରେ କଳସ ସ୍ଥାପନ କରିଥିଲେ । ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ଅଙ୍କୁର ରୋପଣ, ସୂର୍ଯ୍ୟପୂଜା, ଗୋ-ପୂଜା ଏବଂ ମା'ଙ୍କର ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଏହା ସହିତ ମନ୍ଦିର ପ୍ରାଙ୍ଗଣରେ ଅହୋରାତ୍ର ନାମଯଜ୍ଞ ପରିବେଶକୁ ପବିତ୍ର କରିଥିଲା । ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଓ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ଭକ୍ତିର ଆନନ୍ଦ ଉପଭୋଗ କରିଥିଲେ । ଆଜି ରବିବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ସହିତ ଏହି ତିନି ଦିନିଆ ଉତ୍ସବର ଉଦଯାପନ ହୋଇଛି । ମନ୍ଦିର କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିବା ବେଳେ, ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ମା'ଙ୍କ ଦର୍ଶନ ପାଇଁ ଦିନ ସାରା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ୨୭ ବର୍ଷ ପରେ ପ୍ରତିଷ୍ଠା ହେଲା କେନ୍ଦୁଡିପି ଶିବ ମନ୍ଦିର

ଭୁବନ,୨୯ ।୩(ସମିସ)



କେନ୍ଦୁଡିପି ଶିବ ମନ୍ଦିର ଶିଳାନ୍ୟାସ ହେବାର ୨୭ ବର୍ଷ ପରେ ପ୍ରତିଷ୍ଠା ହୋଇଛି । ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରୁ ଆରମ୍ଭ ହୋଇଛି । ଶୁକ୍ରବାର ଠାରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବ ଓ ମା ପାର୍ବତୀଙ୍କର ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ କାର୍ଯ୍ୟକ୍ରମ ଜାରି ରହିଛି । ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରି ଗ୍ରାମବାସୀଙ୍କୁ ଉତ୍ସାହିତ କରିବା ସହ ଈଶ୍ୱର କୃପା ଲାଭ କରିଛନ୍ତି । ଶୁକ୍ରବାର ଶୁଭ ଅଧିବାସ, ଜଳଯାତ୍ରା ଅଙ୍କୁର ରୋପଣ । ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ଶାଳା, ଅଗ୍ନି ସଂସ୍କାର ଓ ପୂଜନ, ସନ୍ଧ୍ୟା ଆଳତି । ରବିବାର ଦିନ ଗୁରୁପୂଜା, ସୂର୍ଯ୍ୟପୂଜା, ମଣ୍ଡଳାବିପୂଜା, ବିଗ୍ରହ ମାନଙ୍କର ସ୍ନାନ ଓ ଶୟନ ଯୋଗ ଶେଷ ହୋଇଛି । ଏହି ଅବସରରେ ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଯୋଗଦାନ କରିଥିଲେ । ଆଧାତ୍ମିକ ଶକ୍ତି, ଶାନ୍ତି ଓ ସମୃଦ୍ଧିର ନୂତନ ଦ୍ୱାର ଖୋଲିଛି । ମହାଦେବଙ୍କ ଆଶୀର୍ବାଦ ସଦା ସର୍ବଦା ସମସ୍ତଙ୍କ ଉପରେ ରହୁ ଏବଂ ଗାଁର ଉନ୍ନତି ଓ ଏକତାକୁ ଆଗକୁ ବଢାଉ ବୋଲି ନଗରପାଳ କରିଥିଲେ । ଏହି ମହତ୍ କାର୍ଯ୍ୟକୁ ସଫଳ କରିଥିବା ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଓ ଭକ୍ତଜନ ଙ୍କୁ ନଗରପାଳ ଅନେକ ଅନେକ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି । ସୋମବାର ସୂର୍ଯ୍ୟ ପୂଜା, ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ଓ ନଗର ଭ୍ରମଣ, ମନ୍ଦିର ପ୍ରବେଶ, ପୂର୍ଣ୍ଣାହୂତୀ ଓ ପ୍ରସାଦ ସେବନ ସହ ପ୍ରବଚକ ଜିତୁ ଦାସ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟ କ୍ରମ ରହିଛି ବୋଲି ଗ୍ରାମ ମୁରବୀ ସଚ୍ଚିଦାନନ୍ଦ ରାଉତ ପ୍ରକାଶ କରିଥିଲେ ।

## ଖବର ପ୍ରସାରଣ ପରେ ସମାଧାନ ହେଲା ରାସ୍ତା ସମସ୍ୟା



ଖଜୁରିଆକଟା,୨୯ ।୩(ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଅନେକ ଦୁର୍ନୀତି ହେଉଥିବା ବିଭିନ୍ନ ଖବରକାଗଜରେ ପ୍ରସାରିତ ହେଉଥିଲେହେଁ ସରକାର ଓ ପ୍ରଶାସନର ଉଧେଶ୍ୟମୂଳକ ଦୃଷ୍ଟି ପଡିନାହିଁ । ତେବେ ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ୱାର୍ଡନଂ ୮ରୁ ୱାର୍ଡନଂ୧୫ସିଂକୋଳ ପର୍ଯ୍ୟନ୍ତ ୫କିମି ପିଡବ୍ଲୁଡ଼ି ବିଭାଗର ରାସ୍ତା ନିର୍ମାଣରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଆସୁଥିବାବେଳେ ୱାର୍ଡନଂ ୯ ପାଣି ଟାଙ୍କିଠାରୁ ୱାର୍ଡନଂ ୮ ମଧୁବନ ପର୍ଯ୍ୟନ୍ତ ରାସ୍ତା କିଛି ସମସ୍ୟାପାଇଁ କାର୍ଯ୍ୟବନ୍ଦ ପାଇଁ ହୋଇଥିଲା ଯୋଜନା । ତେବେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗପାଇ ବିଜେଡିନେତା ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ୱାର୍ଡ ନଂ-୮ କାଉନସିଲର ରୁଦ୍ରନାରାୟଣ ଦାସ, ପୂର୍ବତନ କାଉନସିଲର ତଥା ବିଜେଡି ଏନ୍‌ଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ପୂର୍ବତନ କାଉନସିଲର ରମେଶ ସାହୁ ପ୍ରମୁଖ ଉଦ୍ୟମକରି ଦାବି କରିବାରୁ ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ହସ୍ତକ୍ଷେପ ଫଳରେ ପ୍ରଶାସନିକ ସ୍ତରରେ ଏହି ରାସ୍ତା ସମସ୍ୟା ସମାଧାନ ହୋଇଥିଲା ଫଳରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ଏନଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ପ୍ରମୁଖ ପ୍ରଶାସନିକ ଅଧିକାରୀ ଏହାର ସମାଧାନ କରିଥିଲେ ଏବଂ ପୁନଃଶ୍ଚ ଅସମ୍ପୂର୍ଣ୍ଣ ରାସ୍ତା ନିର୍ମାଣକାର୍ଯ୍ୟ ଆଗେଇବାସହ ସାଇଡୱାଲ ନିର୍ମାଣ ମଧ୍ୟ ହୋଇପାରିଛି । ରାସ୍ତାଟିର ଗୁଣାତ୍ମକ ମାନପ୍ରତି ଅଧିକ ଗୁରୁତ୍ୱ ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବିକରିବାସହ ବିଧାୟିକା, ହିନ୍ଦୋଳ ଏନଏସି ଅଧ୍ୟକ୍ଷ, ୱାର୍ଡ ନଂ ୮ କାଉନସିଲର, ପୂର୍ବତନ କାଉନସିଲର ଓ ପ୍ରଶାସନଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୮୨ ● ପାଉଣ୍ଡ ୧୨୫.୫୮
- ୟୁରୋ ୧୦୮.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୫,୯୦୦ (ନୂଆଦିଲ୍ଲୀ)
- ରୁପା : ୨,୪୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୫୮୩.୦୦
- ନିଫ୍ଟି ୨୨,୮୧୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ପଶ୍ଚିମ ଏସିଆ। ସଙ୍କଟ

# ମାନିଲେ ସରକାର ଅର୍ଥନୀତିକୁ ଦୁର୍ବଳ କଲାଣି ଯୁଦ୍ଧ




### ଅର୍ଥ ମନ୍ତ୍ରଣାଳୟର ସମୀକ୍ଷା ରିପୋର୍ଟରେ ସ୍ୱୀକାରୋକ୍ତି
### ଚିନ୍ତା ପ୍ରକଟ କଲେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା
### ବଜାର ଚାହିଦାରେ ହ୍ରାସ ଆଣିବ ମାନ୍ଦାବସ୍ଥା

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ଇରାନ ଯୁଦ୍ଧ ମଧ୍ୟରେ ଭାରତ ପାଇଁ ଆର୍ଥିକ କ୍ଷେତ୍ରରେ କୌଣସି ଭଲ ଖବର ନାହିଁ। ଏହି ଯୁଦ୍ଧ ଏବେ ଦେଶର ଅର୍ଥନୀତି ଉପରେ ପ୍ରାରମ୍ଭିକ ଚାପ ସୃଷ୍ଟି କରିବା ଆରମ୍ଭ କରିଛି। ଯୁଦ୍ଧ ଯୋଗୁ ମନ୍ଥର ହୋଇପାରେ ଭାରତର ଅର୍ଥନୀତି। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମାର୍ଚ୍ଚ ୨୦୨୬ ପାଇଁ ମାସିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଭାରତୀୟ ଅର୍ଥନୀତି ଏବେ ନିମ୍ନମୁଖୀ ହେବାର ଆଶଙ୍କା ରହିଛି। ଏହାର ମୁଖ୍ୟ କାରଣ ହେଉଛି ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି। ମନ୍ତ୍ରଣାଳୟ ସ୍ୱୀକାର କରିଛି ଯେ ଏହି ବାହ୍ୟ ଝଟ୍‌କା ଯୋଗୁ ଦେଶ ଭିତରେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଏହି କାରଣରୁ ଆର୍ଥିକ କାର୍ଯ୍ୟକଳାପ ଉପରେ ଚାପ ପଡ଼ିଛି। ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ ମଧ୍ୟ ଦେଶର ଅର୍ଥନୀତି ମନ୍ଥର ହେବାକୁ ଯାଉଥିବାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଇରାନ ଯୁଦ୍ଧ ଦେଶର ସାମଗ୍ରିକ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ସେ କହିଛନ୍ତି ଯେ ଅଭିବୃଦ୍ଧି, ମୁଦ୍ରାସ୍ଫୀତି, ଆର୍ଥିକ ସନ୍ତୁଳନ ଏବଂ ବାହ୍ୟ ସନ୍ତୁଳନ ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡ଼ିପାରେ। ଅପରପକ୍ଷେ ବଜାର ଚାହିଦାରେ ହ୍ରାସ ଏବେ ସରକାରଙ୍କ ପାଇଁ ଆଉ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି।

ଅର୍ଥ ମନ୍ତ୍ରଣାଳୟ ଶନିବାର ଏକ ରିପୋର୍ଟରେ କହିଛି ଯେ ଦେଶ ପାଇଁ ନିକଟ ଭବିଷ୍ୟତର ସମ୍ଭାବନା ଅନିଶ୍ଚିତ ରହିଛି। ବାହ୍ୟ ଆଘାତ, ବିଶେଷକରି ପଶ୍ଚିମ ଏସିଆ ସଙ୍କଟ, ଉଚ୍ଚ କଞ୍ଚାମାଲ ମୂଲ୍ୟ ଏବଂ ସମ୍ଭାବ୍ୟ ଯୋଗାଣ ବାଧା, ଅଭିବୃଦ୍ଧି ପାଇଁ ବିପଦ ସୃଷ୍ଟି କରେ। ତଥାପି, ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଦୃଢ଼ ସାମଗ୍ରିକ ଅର୍ଥନୀତି ମୌଳିକ ଏବଂ ଦୃଢ଼ ଘରୋଇ ଚାହିଦା ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ। ଭାରତ ପାଇଁ ବିପଦ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ମାର୍ଚ୍ଚ ମାସିକ ଅର୍ଥନୈତିକ ସମୀକ୍ଷା ଅନୁଯାୟୀ, ବିଶ୍ୱ ଘଟଣାଗୁଡ଼ିକ ଭାରତ ପାଇଁ ଜଟିଳ ଏବଂ ବହୁସ୍ତରୀୟ ବିପଦ ସୃଷ୍ଟି କରିଛି। ଏହା ଦେଶ ଏକ ପ୍ରମୁଖ ଶକ୍ତି ଆମଦାନୀକାରୀ ଏବଂ ପଶ୍ଚିମ ଏସିଆ କ୍ଷେତ୍ର ସହିତ ଦୃଢ଼ ବାଣିଜ୍ୟ, ନିବେଶ ଏବଂ ରେମିଟେନ୍ସ ସଂଯୋଗ ହେତୁ ହୋଇଛି। ଏଥିରେ କୁହାଯାଇଛି ଯେ ଦେଶ ପାଇଁ ନିକଟବର୍ତ୍ତୀ ଭବିଷ୍ୟତର ଦୃଶ୍ୟପଟ ଅନିଶ୍ଚିତ ରହିଛି। ବିଶ୍ୱ ବଜାରରେ ତୈଳ ମୂଲ୍ୟରେ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇଛି। ସାମୁଦ୍ରିକ ପଥରେ ଉତ୍ତେଜନା ଯୋଗୁ ମାଲ ପରିବହନ ଶୁଳ୍କ ଏବଂ ବୀମା ପ୍ରିମିୟମ ମହଙ୍ଗା ହୋଇଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବିଳମ୍ବ ଉତ୍ପାଦନ କ୍ଷେତ୍ରକୁ ବେଶ ପ୍ରଭାବିତ କରୁଛି। ଏହି ଚାପ ମଧ୍ୟରେ ବଡ଼ କଥା ହେଉଛି ଯେ, ଦେଶରେ ବର୍ତ୍ତମାନ ବଜାର ଚାହିଦା ମନ୍ଥର ହେବାରେ ଲାଗିଛି। ତେବେ ଗ୍ରାମାଞ୍ଚଳର ସ୍ଥିତିକୁ ନେଇ ରିପୋର୍ଟରେ ଚିନ୍ତା ପ୍ରକଟ କରାଯାଇଛି। ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ ଗ୍ରାମାଞ୍ଚଳରେ ମନୋଭାବ ସାମାନ୍ୟ ଦୁର୍ବଳ ରହିଛି। ତେବେ ଏହି ମାନ୍ଦାବସ୍ଥା ବ୍ୟବହାରର ଅଭାବ ଯୋଗୁ ନୁହେଁ, ବରଂ ବୃଦ୍ଧି ପାଉଥିବା ଖର୍ଚ୍ଚ ଏବଂ ଯୋଗାଣ ପ୍ରତିବନ୍ଧକ ଯୋଗୁ ହୋଇଛି। ତୈଳ ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ମଧ୍ୟମ ଅବଧିରେ ମୁଦ୍ରାସ୍ଫୀତି ପାଇଁ ବିପଦ ସୃଷ୍ଟି କରୁଛି, କାରଣ ଉଚ୍ଚ ଶକ୍ତି ଖର୍ଚ୍ଚ, ବିଶେଷକରି ଇନ୍ଧନ-ନିର୍ଭରଶୀଳ କ୍ଷେତ୍ରଗୁଡ଼ିକରେ ଧୀରେ ଧୀରେ ଉଚ୍ଚ ଘରୋଇ ମୂଲ୍ୟରେ ପରିଣତ ହେଉଛି।

## ଭାରତରେ ମହଙ୍ଗା ହେବ ବଜାର

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଉତ୍ତେଜନା ତୈଳ ମୂଲ୍ୟକୁ ବୃଦ୍ଧି କରୁଛି ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ସେହିପରି ରହିପାରେ। ଏହା ଭାରତରେ ମୁଦ୍ରାସ୍ଫୀତିକୁ ୭ ପ୍ରତିଶତ ଉପରକୁ ଠେଲିଦେଇପାରେ, ଯାହା ଅର୍ଥନୀତି ଉପରେ ଚାପ ବୃଦ୍ଧି କରିବାର ସମ୍ଭାବନା ରହିଛି। ଏଥିଯୋଗୁ ଭାରତରେ ଖୁଚୁରା ବଜାର ମହଙ୍ଗା ହେବ, ଯାହା ବଜାର ଚାହିଦା ଉପେର ବଡ଼ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି। ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ବିଶ୍ୱ ବଜାରଗୁଡ଼ିକ ଏକ ପ୍ରମୁଖ ଭୂ-ରାଜନୈତିକ ପରିବର୍ତ୍ତନକୁ ଅଣଦେଖା କରୁଛନ୍ତି। ସିଷ୍ଟମାଟିକ୍ସ ରିପୋର୍ଟରେ କୁହାଯାଇଛି ଯେ ବର୍ତ୍ତମାନର ପରିସ୍ଥିତି କେବଳ ଏକ ଅସ୍ଥାୟୀ ଉତ୍ଥାନ-ପତନ ନୁହେଁ, ବରଂ ବିଶ୍ୱ ଦୃଶ୍ୟପଟରେ ଏକ ପ୍ରମୁଖ ପରିବର୍ତ୍ତନର ସଙ୍କେତ, ଯାହା ପୁନରାବୃତ୍ତି ହୋଇପାରେ ଏବଂ ଦୀର୍ଘ ସମୟ ପାଇଁ ଅନିଶ୍ଚିତତା ସୃଷ୍ଟି କରିପାରେ।

ରିପୋର୍ଟ ଅନୁଯାୟୀ, ଆଗାମୀ ମାସଗୁଡ଼ିକରେ ଭାରତ ଖୁଚୁରା ମୁଦ୍ରାସ୍ଫୀତି ହାର ୬ ରୁ ୭ ପ୍ରତିଶତ ଉପରକୁ ବୃଦ୍ଧି ପାଇପାରେ। ଶେଷରେ, ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନର ପରିସ୍ଥିତି ଅସ୍ଥାୟୀ ନୁହେଁ। ଉଚ୍ଚ ତୈଳ ମୂଲ୍ୟ, କଠିନ ଆର୍ଥିକ ପରିସ୍ଥିତି ଏବଂ ବାରମ୍ବାର ଭୂ-ରାଜନୈତିକ ଆଘାତ ବିଶ୍ୱ ଅର୍ଥନୀତିର ସ୍ଥାୟୀ ବୈଶିଷ୍ଟ୍ୟ ହୋଇପାରେ, ଯାହା ଫଳରେ ଏକ ଦୀର୍ଘକାଳୀନ ସମାୟୋଜନ ହୋଇପାରେ। ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ଯୁଦ୍ଧ ସମ୍ବନ୍ଧୀୟ ଖବରରେ ବଜାରଗୁଡ଼ିକ ବର୍ତ୍ତମାନ ଆଶା ଏବଂ ଆଶଙ୍କା ମଧ୍ୟରେ ଚାଲିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଧୀନରେ ପରିବର୍ତ୍ତନ ହେଉଥିବା ଆମେରିକା ନୀତି ଏବଂ ଇରାନର



ପ୍ରତିକ୍ରିୟା ଏପରି ପରିସ୍ଥିତି ସୃଷ୍ଟି କରୁଛି ଯେଉଁଠାରେ ନିବେଶକମାନେ ଦୀର୍ଘକାଳୀନ ବିପଦର ମୂଲ୍ୟାଙ୍କନ କରିବାରେ ଅସମର୍ଥ। ରିପୋର୍ଟରେ ଏହାକୁ ବିଶ୍ୱ ଭୂ-ରାଜନୈତିକ ଗଠନରେ ଏକ ପ୍ରମୁଖ ରୂପାନ୍ତରଣ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ଚୀନ ନେତୃତ୍ୱରେ ଆମେରିକା ଏବଂ ଗ୍ଲୋବାଲ୍ ସାଉଥ୍ ମଧ୍ୟରେ ଶକ୍ତି ସନ୍ତୁଳନକୁ ପରିବର୍ତ୍ତନ କରୁଛି। ଏହା ଭବିଷ୍ୟତରେ ବାରମ୍ବାର ଉତ୍ତେଜନା ଏବଂ ସଂଘର୍ଷ ସୃଷ୍ଟି କରିପାରେ। ଆର୍ଥିକ କ୍ଷେତ୍ରରେ, ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଏହି ସଙ୍କଟ ଶକ୍ତି ବଜାରକୁ ସିଧାସଳଖ ପ୍ରଭାବିତ କରୁଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୧୦୦ ଡଲାର ଅତିକ୍ରମ କରିଛି, ଯାହା କେବଳ ଯୋଗାଣ-ସମ୍ବନ୍ଧୀୟ ବିପଦ ନୁହେଁ ବରଂ ଏକ ବର୍ଦ୍ଧିତ ଭୂ-ରାଜନୈତିକ ବିପଦ ବଢ଼ାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତେଜନା ହ୍ରାସ ପାଇଲେ ମଧ୍ୟ ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣରେ ବାଧା ଜାରି ରହିପାରେ, ଯାହା ମୂଲ୍ୟକୁ ଦୀର୍ଘ ସମୟ ପାଇଁ ଉଚ୍ଚରେ ରଖିବ।

**୭% ଟପିବ ମଦ୍ରାସ୍ଫୀତି**

ବିଶ୍ୱ ଋଣ ମଧ୍ୟ ଚିନ୍ତାର ଆଉ ଏକ ପ୍ରମୁଖ କାରଣ ହୋଇଛି। ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ବିଶ୍ୱ ଋଣ ପ୍ରାୟ ୨୯ ଟ୍ରିଲିୟନ ଡଲାର ବୃଦ୍ଧି ପାଇ ୩୪୮ ଟ୍ରିଲିୟନ ଡଲାରରେ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବାର କ୍ଷମତାକୁ ସୀମିତ କରିବ। ରିପୋର୍ଟରେ ବିଶେଷ ଭାବରେ ଚେତାବନୀ ଦିଆଯାଇଛି ଯେ ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ଏବଂ ଦୁର୍ବଳ ଚାହିଦା ସ୍ଥିରତା ଆଡ଼କୁ ନେଇପାରେ। ଏହା ସାମ୍ପ୍ରତିକ ଆର୍ଥିକ ସଂସ୍କାରକୁ ଦୁର୍ବଳ କରିପାରେ ଏବଂ ଘରୋଇ ଅର୍ଥନୀତି ଉପରେ ଚାପ ପକାଇପାରେ।

## ବିଶ୍ୱରେ ହିଲିୟମ୍ ଗ୍ୟାସ୍ ସଙ୍କଟ

### ହସ୍ପିଟାଲ୍ ସ୍କାନ୍‌ଠାରୁ ହାଇ-ଟେକ୍ କାରଖାନା, ସେମିକଣ୍ଡକ୍ଟର ଶିଳ୍ପ ସବୁ ପ୍ରଭାବିତ

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିଦେଇଛି। ଏହି ସମୟରେ, ହିଲିୟମ୍ ଗ୍ୟାସ୍ ଅଭାବ ଏକ ବିଶ୍ୱ ସଙ୍କଟର କେନ୍ଦ୍ର ପାଲଟିଛି। ହସ୍ପିଟାଲ୍ ସ୍କାନ୍‌ଠାରୁ ଆରମ୍ଭ କରି ହାଇ-ଟେକ୍ କାରଖାନା ଏବଂ ସେମିକଣ୍ଡକ୍ଟର ଶିଳ୍ପ ପର୍ଯ୍ୟନ୍ତ ସବୁଠାରେ ବ୍ୟବହୃତ ହୋଇଥାଏ ଏହି ହିଲିୟମ୍ ଗ୍ୟାସ୍ । ହେଲେ ଏବେ ମଧ୍ୟପ୍ରାଚ୍ୟ ସଙ୍କଟରେ ହଠାତ୍ ଏହି ଗ୍ୟାସ୍ ଶେଷ ହୋଇଯାଇଛି, ଯାହା ବିଶ୍ୱ ପାଇଁ ଏକ ବଡ଼ ଝଟ୍‌କା।

ଚଳିତମାସ ପ୍ରାରମ୍ଭରେ, ବିଶ୍ୱ ହିଲିୟମ୍ ଯୋଗାଣ ଶୃଙ୍ଖଳକୁ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥିଲା। ତାହା ହେଉଛି, କାତାରର ରାସ୍ ଲାଫାନ୍ ଶିଳ୍ପ ନଗରୀ ଉପରେ ଇରାନୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ। ଏଥିଯୋଗୁ ସେଠାରେ କାରଖାନା ବନ୍ଦ ହୋଇଛି। ସୂଚନାଯୋଗ୍ୟ, ରାସ୍ ଲାଫାନ୍ ହେଉଛି ହିଲିୟମ୍ ଉତ୍ପାଦନ ପାଇଁ ବିଶ୍ୱର ସର୍ବବୃହତ କେନ୍ଦ୍ର। ଇରାନ୍ର ଆକ୍ରମଣ ପରେ ଏହି ପ୍ଲାଣ୍ଟରୁ ରାତାରାତି ବିଶ୍ୱ ଯୋଗାଣର ପ୍ରାୟ ଏକ ତୃତୀୟାଂଶ ନଷ୍ଟ ହୋଇଯାଇଛି। ହର୍ମୁଜ୍ ପ୍ରଣାଳୀକୁ ତେହେରାନ ଅବରୋଧ କରିବା ପରେ ପଶ୍ଚାତ୍ୟ ଦେଶଗୁଡିକର ଜାହାଜଗୁଡ଼ିକୁ କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଯାତ୍ରାରେ ଦିଗ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି। ଏହା ଯାତ୍ରା ସମୟ ଏବଂ କ୍ଷତିକୁ ଯଥେଷ୍ଟ ବୃଦ୍ଧି କରିଛି।

ଏଭଳି ସ୍ଥିତି ତରଳ ହିଲିୟମ୍ ପାଇଁ ପରିସ୍ଥିତି ଆହୁରି ଖରାପ। ଏହାକୁ ଅତ୍ୟନ୍ତ କମ୍ ତାପମାତ୍ରାରେ ସଂରକ୍ଷଣ କରିବାକୁ ପଡିବ। ଏହା ଦୀର୍ଘ ଯାତ୍ରା ସମୟରେ ବାଷ୍ପୀକରଣ ଜନିତ ବିପଦ ସୃଷ୍ଟି ହୋଇଛି। ଏହା ସଦ୍ୟତମ ସଙ୍କଟକୁ ପ୍ରାୟତଃ 'ହିଲିୟମ୍ ସଙ୍କଟ ୫.୦ ଭାବରେ ଉଲ୍ଲେଖ କରିଛି। ଏହା ବର୍ତ୍ତମାନ ଏକ ବିବପଦରେ ପରିଣତ ହେଲାଣି। ଗ୍ୟାସ୍ ପ୍ରକ୍ରିୟାକରଣର ଏକ ଉପ-ଉତ୍ପାଦ ଭାବରେ ହିଲିୟମ୍ ଉତ୍ପାଦିତ ହୁଏ। ଯଦି ଏଲ୍‌ଏନ୍‌ଜି ଇକୋସିଷ୍ଟମ୍ ମନ୍ଥର ହୋଇଯାଏ କିମ୍ବା ବନ୍ଦ ହୋଇଯାଏ, ତେବେ ହିଲିୟମ୍ ଉତ୍ପାଦନ ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଏ।

## ଯୁଦ୍ଧ ପ୍ରଭାବ ଅର୍ଥନୀତି ଘାଇଲା; ସୁନା ବିକିଲେ ରୁଷ୍-ତୁର୍କୀ

**ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ସମ୍ପ୍ରତି ସାରା ବିଶ୍ୱରେ ଦେଖାଦେଇଥିବା ଯୁଦ୍ଧ ଘନଘଟା ଅନେକ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେଇଛି। ଇରାନ୍ ଯୁଦ୍ଧ ହେଉ କି ୟୁକ୍ରେନ୍ ଯୁଦ୍ଧ ସବୁଠି ବିଶ୍ୱ ଅର୍ଥନୀତି ଦୋହଲିଯାଇଛି। ଏଥିରେ କେତେକ ଦେଶ ନିଜର ସୁନା ଭଣ୍ଡାର ଖାଲି କରିବାକୁ ବାଧ୍ୟ ହୋଇଛନ୍ତି। ଅର୍ଥାତ୍ ପ୍ରଚୁର ମାତ୍ରାରେ ସୁନା ବିକ୍ରି କରିଛନ୍ତି। ଭାରତ, ତୁର୍କୀ, ଚୀନ୍ ଏବଂ ପୋଲାଣ୍ଡ ସମେତ ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଗତ ବର୍ଷଗୁଡ଼ିକରେ ବହୁଳ ପରିମାଣରେ ସୁନା କ୍ରୟ କରିଛନ୍ତି, ଯାହା ଫଳରେ ସୁନାର ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ହେଲେ ବର୍ତ୍ତମାନର ଇରାନ୍ ଯୁଦ୍ଧ ତୁର୍କୀକୁ ସୁନା ବିକ୍ରି କରିବାକୁ ବାଧ୍ୟ କରିଛି। ତୁର୍କୀର କେନ୍ଦ୍ରୀୟ ବ୍ୟାଙ୍କ ଗତ ଦୁଇ ସପ୍ତାହ ମଧ୍ୟରେ ୫୮ ଟନ୍ ସୁନା ବିକ୍ରି କରିଛି। ଏହି ବିକ୍ରିରୁ ଦେଶ ୮ ବିଲିୟନ ଡଲାରରୁ ଅଧିକ ଆୟ କରିଛି। ଏହା ତୁର୍କୀର ସୁନା ଭଣ୍ଡାରକୁ ୫୧୩ ଟନ୍‌କୁ ହ୍ରାସ କରିଛି, ଯାହା ବିଗତ ୭ ବର୍ଷ ମଧ୍ୟରେ ସର୍ବନିମ୍ନ।

ତୁର୍କୀ ଏହାର ଅଧାରୁ ଅଧିକ ସୁନା ଆମେରିକୀୟ ଡଲାର ଋଣ ନେବା ପାଇଁ ବ୍ୟବହାର କରିଛି, ଯେତେବେଳେ ବାକି ଖୋଲା ବଜାରରେ ବିକ୍ରି କରିଛି। ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ତୁର୍କୀ ୬ ଟନ୍ ସୁନା ବିକ୍ରି କରିଛି, ଯେତେବେଳେ କି ମାର୍ଚ୍ଚ ୨୦ ଶେଷ ହୋଇଥିବା ସପ୍ତାହରେ ୫୨ ଟନ୍ ସୁନା ବିକ୍ରି କରିଛି। ଏହି ସମୟ ମଧ୍ୟରେ, ବିଶ୍ୱ ସୁନା ଇଟିଏଫ୍‌ରୁ ମୋଟ ୪୩ ଟନ୍ ପ୍ରବାହ ହୋଇଥିଲା। ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଏହି ସମୟ ମଧ୍ୟରେ ତୁର୍କୀ ସୁନା ବିକ୍ରୟର ସବୁଠାରୁ ବଡ଼ ଉତ୍ସ ଥିଲା। ତୁର୍କୀର ମୁଦ୍ରା ଲିରାର ଅବମୂଲ୍ୟାୟନ ରୋକିବାକୁ କେନ୍ଦ୍ରୀୟ ବ୍ୟାଙ୍କକୁ ଅର୍ଥନୀତିରେ ବହୁ ପରିମାଣରେ ଡଲାର ପ୍ରବାହ କରିବାକୁ ପଡୁଛି। ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ଅଶୋଧିତ ତୈଳ ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହି କାରଣରୁ ତୁର୍କୀର ଆମଦାନୀ ବିଲ୍ ବୃଦ୍ଧି ପାଇଛି। ଏହା ଲିରା ଉପରେ ଚାପ ବୃଦ୍ଧି କରୁଛି। ଏହି କାରଣରୁ ତୁର୍କୀର କେନ୍ଦ୍ରୀୟ ବ୍ୟାଙ୍କକୁ ଏହାର ମୁଦ୍ରାର ପତନକୁ ରୋକିବା ପାଇଁ ଏହାର ବୈଦେଶିକ ମୁଦ୍ରା ଭଣ୍ଡାରରୁ ଡଲାର ବାହାର କରିବାକୁ ପଡୁଛି। ଏଥରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୪୦ ବିଲିୟନ ଡଲାର ହ୍ରାସ ପାଇ ୧୭୫ ବିଲିୟନ ଡଲାରକୁ ଖସିଆସିଛି, ଯାହା ୨୦୨୫ର ତୃତୀୟ ତ୍ରୈମାସିକ ପରଠାରୁ ସର୍ବନିମ୍ନ। ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁଁ ତୁର୍କୀକୁ ତାର ସୁନା ବିକ୍ରି କରିବାକୁ ପଡୁଛି।

**ତୁର୍କୀ ବିକିଲା ୫୮ ଟନ୍ ସୁନା**
**ଇରାନ୍ ଯୁଦ୍ଧରେ ଲିରା ମୂଲ୍ୟରେ ହ୍ରାସ**
**୨୫ ବର୍ଷ ପରେ ରୁଷ ବିକିଲା ସୁନା**

ଅପରପକ୍ଷେ ୨୫ ବର୍ଷ ପରେ ରୁଷ ହଠାତ୍ ସୁନା ବିକ୍ରି କରିବା ଆରମ୍ଭ କରିଛି। ୟୁକ୍ରେନ ସହିତ ରୁଷର ଯୁଦ୍ଧ ଜାରି ରହିଛି। ଏହି ଯୁଦ୍ଧର ବର୍ଦ୍ଧିତ ଖର୍ଚ୍ଚ ପୂରଣ କରିବା ପାଇଁ ଏହା ୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏହାର କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭରୁ ସୁନା ବିକ୍ରି କରିବା ଆରମ୍ଭ କରିଛି। ଏକ ରିପୋର୍ଟ ଅନୁଯାୟୀ, ରୁଷର କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ବର୍ଷ ଜାନୁଆରୀରେ ୩,୦୦,୦୦୦ ଆଉନ୍ସ ଏବଂ ଫେବୃଆରୀରେ ୨୦୦,୦୦୦ ଆଉନ୍ସ ସୁନା ବିକ୍ରି କରିଥିଲା। ଏହାର ଅର୍ଥ ହେଉଛି ମାତ୍ର ଦୁଇ ମାସରେ ମୋଟ ୧୪ ଟନ୍ ସୁନା ବିକ୍ରି ହୋଇଛି। ୨୦୦୨ ପରଠାରୁ ଏହା ଯେ କୌଣସି ଦୁଇ ମାସର ଅବଧିରେ ସର୍ବାଧିକ ବିକ୍ରି। ଏହା ରୁଷର ସୁନା ପରିଚାଳନା ପଦ୍ଧତିରେ ଏକ ବଡ଼ ପରିବର୍ତ୍ତନ। ପୂର୍ବରୁ, ଅର୍ଥ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଯେ କୌଣସି ସୁନା କାରବାର ପ୍ରାୟତଃ କାଗଜପତ୍ରରେ ହେଉଥିଲା। ପ୍ରକୃତ ସୁନା ବାରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ନକରି। ବର୍ତ୍ତମାନ, କେନ୍ଦ୍ରୀୟ ବ୍ୟାଙ୍କ ସିଧାସଳଖ ବଜାରରେ ପ୍ରକୃତ ସୁନା ବାର ବିକ୍ରି କରୁଛି। ଏହି ବିକ୍ରି ଯୋଗୁଁ, ରୁଷର ସୁନା ଭଣ୍ଡାର ୭୪.୩ ନିୟୁତ ଆଉନ୍ସକୁ ହ୍ରାସ ପାଇଛି। ସୁନା ଭଣ୍ଡାରରୁ ଏହି ବିକ୍ରି ଏପରି ଏକ ସମୟରେ ହେଉଛି ଯେତେବେଳେ ରୁଷ ଏକ ଗୁରୁତର ବଜେଟ୍ ସଙ୍କଟର ସମ୍ମୁଖୀନ ହେଉଛି।

## ଏମ୍‌ସିଏଲ୍‌ରୁ ହେବ ୨୫% ପୁଞ୍ଜି ପ୍ରତ୍ୟାହାର

**ଭୁବନେଶ୍ୱର/ତାଳଚେର, ୨୯।୩ (ସମିସ):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଏମ୍‌ସିଏଲ (ମହାନଦୀ କୋଲଫିଲସ୍ ଲିଃ)ରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅନୁକ୍ରମେ ଏମ୍‌ସିଏଲ୍‌ରୁ ୨୫% ସରକାରୀ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏକ ଦିବସୀୟ ତାଳଚେର ଗସ୍ତରେ ଆସିବା ଅବସରରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଏହି ସୂଚନା ଦେଇଛନ୍ତି। ଏହି ପୁଞ୍ଜି ପ୍ରତ୍ୟାହାରର ଉଦ୍ଦେଶ୍ୟ ହେଉଛି ବ୍ୟବସାୟିକ ପ୍ରସାର ପାଇଁ କମ୍ପାନୀର ବିଶାଳ ସମ୍ଭାବନାକୁ ଉପଯୋଗ କରିବା। ପୂର୍ବରୁ ଭାରତ କୋକିଂ କୋଲ୍ ଲିମିଟେଡ୍ (ବିସିସିଏଲ୍) ଏବଂ ସେଣ୍ଟ୍ରାଲ୍ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ (ସିଏମ୍‌ପିଡିଆଇ)ରେ ହୋଇଥିବା ପୁଞ୍ଜି ପ୍ରତ୍ୟାହାର ଧାରାରେ କେନ୍ଦ୍ର ସରକାର ଏବେ ଏମ୍‌ସିଏଲରୁ ୨୫ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି।




ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାଇରାମ କହିଛନ୍ତି ଯେ, ତାଳଚେର ବ୍ୟତୀତ, ଝାରସୁଗୁଡ଼ା, କୋରବା ଏବଂ ସିଙ୍ଗରାଉଲି ଦେଶର ପ୍ରମୁଖ କୋଇଲା କ୍ଷେତ୍ର ମଧ୍ୟରୁ ଗୋଟିଏ, ଯାହା ଭାରତର କୋଇଲା ଉତ୍ପାଦନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଧନ ଯୋଗଦାନ କରୁଛି। ଚଳିତ ଆର୍ଥିକବର୍ଷରେ ସିଆଇଏଲ୍ ପ୍ରାୟ ୭୮୧ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବ ବୋଲି ଆଶା କରାଯାଉଛି, ଯଦିଓ ରପ୍ତାନୀ ଲକ୍ଷ୍ୟଠାରୁ କମ୍ ହୋଇପାରେ। ସୌରଶକ୍ତି ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ସିଆଇଏଲ୍ ବାର୍ଷିକ ୬ରୁ ୭% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି ଓ ଆଗାମୀ ମାସ ଗୁଡିକରେ କୋଇଲା ଚାହିଦା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହି ଅବସରରେ ଏମ୍‌ସିଏଲ ସିଏମ୍‌ଡି ଉଦୟ ଅନନ୍ତ କାଓଲେ କହିଥିଲେ କି ପରିବହନ ସମସ୍ୟା ଯୋଗୁଁ ୪୪ ନିୟୁତ ଟନ୍‌ର କୋଇଲା ଷ୍ଟକ୍ ରହିଛି। ଗ୍ରୀଷ୍ମଋତୁରେ ଚାହିଦା ବୃଦ୍ଧି ପାଇବା ଆଶା କରାଯାଉଛି। ମହାରାଷ୍ଟ୍ର ବିଦେଶରୁ କୋଇଲା ଆଣିବା ପରିବର୍ତ୍ତେ ଏମସିଏଲରୁ କୋଇଲା ନେଉଥିବାରୁ ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ଅବସରରେ ଶ୍ରୀ ସାଇରାମ ଭୂବନେଶ୍ୱରୀ ଅଂଚଳରେ ସ୍ୱଂୟ ଚାଳିତ ଟ୍ରକ ଲୋଡିଂ ସିଷ୍ଟମ ଯାଞ୍ଚ କରିବା ସହ ଭୂବନେଶ୍ୱରୀ ଓସିପି ସାଇଲୋ ଓ ଅନନ୍ତ ଓସିପିରେ ଖଣିକାର୍ଯ୍ୟ ତଦାରଖ କରିଛନ୍ତି। କୋଇଲା ଉତ୍ପାଦନ ବୃଦ୍ଧି ଯୋଗୁ ସମଗ୍ର ତାଳଚେର ଅଞ୍ଚଳର ପରିବେଶ ବିଗିଡିବା ସହ ଲୋକେ ମାରାତ୍ମକ ରୋଗର ଶୀକାର ହେଉଥିବା ପ୍ରଶ୍ନର ଉତ୍ତରରେ ସିଏମ୍‌ଡି କହିଛନ୍ତି ଆଗାମୀ ଦିନରେ ଏହାକୁ କିପରି କିଛିମାତ୍ରାରେ ରୋକାଯାଇ ପାରିବ ସେନେଇ କାର୍ଯ୍ୟକ୍ରମ କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏମସିଏଲ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ସଞ୍ଜୟ ଝା, ଏକେ ବେଉରାଆ, ଜଗନ୍ନାଥ ମହାପ୍ରବନ୍ଧକ ଅଶୋକ ଧଳ ଓ ବିଭିନ୍ନ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

### କିରାସିନି ନିୟମରେ ପରିବର୍ତ୍ତନ

## ପେଟ୍ରୋଲ ପମ୍ପରେ ବିକ୍ରି ହେବ କିରାସିନି

**ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ଦେଶରେ ଏଲ୍‌ପିଜି ଅଭାବ ଦେଖାଦେଇଛି। ଏହାକୁ ନଜରରେ ରଖି ସରକାର କିରାସିନି ଯୋଗାଣ ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାର ଘରଗୁଡିକୁ କିରାସିନି ଯୋଗାଣକୁ ସହଜ କରିବା ପାଇଁ ପେଟ୍ରୋଲିୟମ ସୁରକ୍ଷା ଏବଂ ଲାଇସେନ୍ସିଂ ନିୟମ ସରଳ କରିଛନ୍ତି। ଏଥିରେ ପରିବାରଗୁଡିକୁ କିରୋସିନ ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦିଲ୍ଲୀ, ହରିୟାଣା, ଉତ୍ତର ପ୍ରଦେଶ ଏବଂ ଗୁଜରାଟ ସମେତ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରୋଷେଇ ଏବଂ ଆଲୋକୀକରଣ ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧୀନରେ ସୁପିରିୟର କିରୋସିନ ତେଲ (ଏସ୍‌କେଓ) ର ଆଡ-ହକ୍ ଆବଣ୍ଟନକୁ ଅନୁମୋଦନ କରିଛି।



ଏହି ନିୟମ ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପଗୁଡ଼ିକୁ କିରାସିନି ସଂରକ୍ଷଣ ଏବଂ ବିକ୍ରି କରିବାକୁ ଅନୁମତି ଦିଆଯିବ। ଏହି ପେଟ୍ରୋଲ ପମ୍ପଗୁଡ଼ିକ ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ ହେବ। ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଆଉଟଲେଟ୍ ୫୦୦୦ ଲିଟର ପର୍ଯ୍ୟନ୍ତ କିରାସିନି ମହଜୁଦ ରଖିପାରିବେ। ପ୍ରତ୍ୟେକ ଜିଲ୍ଲାରେ ସର୍ବାଧିକ ଦୁଇଟି ଏପରି ସେବା କେନ୍ଦ୍ରକୁ ଅନୁମତି ଦିଆଯିବ। କିରୋସିନ ବଣ୍ଟନ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା ନିର୍ଦ୍ଦିଷ୍ଟ ଆଉଟଲେଟ୍ ମଧ୍ୟରେ ସୀମିତ ରହିବ। ଏହା କେବଳ ରୋଷେଇ ଏବଂ ଆଲୋକୀକରଣ ଭଳି ଘରୋଇ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସୁରକ୍ଷା ସଂଗଠନ ଦ୍ୱାରା ଜାରି ସୁରକ୍ଷା ପ୍ରୋଟୋକଲ୍ ଏବଂ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେବ।



## ଆଜିର ରାଶିଫଳ

**ମେଷ:** ସଫଳତା ପାଇବା ପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ରାଜନୀତିରେ ସହଯୋଗ ପାଇବେ । ମହିଳାମାନେ ରକ୍ଷଣଶୀଳା ହେବେ । ବାଣିଜ୍ୟରେ ସ୍ୱଳ୍ପ ଲାଭ ହେବ ।

**ବୃଷ:** ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ । କାର୍ଯ୍ୟରେ ସଫଳତା ପ୍ରାପ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଖାଦ୍ୟ ପାନୀୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବିଗିଡ଼ିଯାଇଥିବା କାର୍ଯ୍ୟ ସଂପୂର୍ଣ୍ଣ ହେବ ।

**ମିଥୁନ:** ସମସ୍ତ ଜରୁରି କାର୍ଯ୍ୟ ପୂରଣ ହେବ । ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଦିଗ ଚୟନ କରିବେ । ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତି ହେବ ।

**କର୍କଟ:** ସମସ୍ତ ଦିଗକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବେ । ଆର୍ଥିକ ମାମଲାରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିପାରେ । ପରିବାର ମଧ୍ୟରେ ଶାନ୍ତି ବଜାଇ ରଖିବାକୁ ଚେଷ୍ଟା କରିବେ ।

**ସିଂହ:** ଦିନଟିରେ ଜଗି ରହି ଚଳନ୍ତୁ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । ଯାତାୟତ ସମୟରେ ଦରକାରୀ କାଗଜପତ୍ର ଦାୟିତ୍ୱରେ ରଖନ୍ତୁ । ପ୍ରତିପକ୍ଷଙ୍କଠାରୁ ସତର୍କ ରହିବା ଆବଶ୍ୟକ ।

**କନ୍ୟା:** ନୂତନ ଲୋକଙ୍କ ସହିତ ଜଡ଼ିତ ହୋଇପାରନ୍ତି । ସହକର୍ମୀମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ । ପ୍ରତିଶୋଧ ପରାୟଣ ହୋଇ କାର୍ଯ୍ୟ କରିବାରୁ ନିବୃତ୍ତ ରୁହନ୍ତୁ ।

**ତୁଳା:** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ । ସଫଳତା ପାଇବା ପାଇଁ ଉତ୍ତମ ଅବସର ପ୍ରାପ୍ତି ହେବ । କମ୍ ପରିଶ୍ରମରେ ଅଧିକ ଲାଭ ପାଇବେ ।

**ବିଛା:** ନିଜ ପ୍ରଚେଷ୍ଟା ବଳରେ ସଫଳତା ପାଇବେ । ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିବ । ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇବ ।

**ଧନୁ:** ଭାଗିଦାରୀ କାର୍ଯ୍ୟରୁ ଲାଭାନ୍ୱିତ ହେବେ । ପଦୋନ୍ନତିର ସମ୍ଭାବନା ରହିଛି । ଆର୍ଥିକ ସ୍ଥିତିରେ ସମନ୍ୱୟ ରକ୍ଷା କରିବେ । ଛାତ୍ରମାନେ ଅଗ୍ରଗତି ପାଇଁ ନୂତନ ସୁଯୋଗ ପାଇବେ ।

**ମକର:** ଉଦାରପଣ ପାଇଁ ପ୍ରଶଂସାର ପାତ୍ର ହେବେ । ପରିବାରବର୍ଗଙ୍କ ସଂପୂର୍ଣ୍ଣ ସହଯୋଗ ମିଳିବ । ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ ।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପରିବାରର ପରିବେଶ ସକରାତ୍ମକପୂର୍ଣ୍ଣ ହେବ । ଅନ୍ୟମାନଙ୍କ ପ୍ରତି ଦୟାଳୁ ସ୍ୱଭାବ ରହିବ । ସ୍ୱତନ୍ତ୍ର ଚିନ୍ତାଧାରା ରଖି ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବେ ।

**ମୀନ:** ସାଙ୍ଗସାଥୀଙ୍କ ସହ ଅଧିକ ସମୟ ଅତିବାହିତ କରିବେ । ଆର୍ଥିକସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ ।

## ଆଜିର ଇତିହାସ

- ୧୮୪୧- ନେସନ୍ୟାଲ୍ ବ୍ୟାଙ୍କ୍ ଅଫ୍ ଗ୍ରୀସ୍‌ର ସ୍ଥାପନା ।
- ୧୯୦୮ - ଭାରତୀୟ ଅଭିନେତ୍ରୀ ଦେବୀକା ରାନୀଙ୍କ ଜନ୍ମ ।
- ୧୯୪୫- ସୋଭିଏତ୍ ସଂଘ ଅଷ୍ଟ୍ରିଆ ଉପରେ ଆକ୍ରମଣ କଲା ।
- ୧୯୭୭ - ସ୍ୱାମୀ ଅଗ୍ନିବେଶ ଭାରତୀୟ ଆର୍ଯ୍ୟସଭା ପାର୍ଟିକୁ ଜନତା ପାର୍ଟିରେ ବିଲୟ କରିଦେଲେ ।
- ୨୦୦୨- ପ୍ରସିଦ୍ଧ ଗୀତିକାର ଆନନ୍ଦ ବକ୍ସିଙ୍କ ଦେହାନ୍ତ ।


# 'ରାମାୟଣ' ହନୁମାନ ଜୟନ୍ତୀରେ ପ୍ରଥମ ଝଲକ



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ରହିଛି ତାହା ହେଉଛି ରଣବୀର କପୁର ଓ ସାଇପଲ୍ଲବୀଙ୍କ ଅଭିନୀତ 'ରାମାୟଣ' । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ନୀତେଶ ତିୱାରି ଥିବାବେଳେ ନମିତ ମଲହୋତ୍ରା ପ୍ରଯୋଜନା ଭାର ସମ୍ଭାଳିଛନ୍ତି । ରାମ ନବମୀ ଅବସରରେ ପ୍ରଯୋଜକ ନମିତ ମଲହୋତ୍ରା ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଥିଲେ । ଏଥିରେ ସେ 'ରାମାୟଣ' ଯାତ୍ରା ପଛର କାହାଣୀ ବିଷୟରେ ଉଲ୍ଲେଖ କରିଛନ୍ତି । ନମିତ ପୋଷ୍ଟଟିକୁ ସେୟାର କରି ଲେଖିଛନ୍ତି, "ରାମ ନବମୀର ଶୁଭେଚ୍ଛା ! ଏହି କାହାଣୀ ଆମ ସମସ୍ତଙ୍କର, ଆମେ ନେଇଥିବା ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ଦାୟିତ୍ୱ, ଶ୍ରଦ୍ଧା ଏବଂ ସମର୍ପଣର ସହ ନିଆଯାଇଛି । ଯଦ୍ୱାରା ଆମେ 'ରାମାୟଣ'କୁ ସମ୍ପୂର୍ଣ୍ଣ ସଚ୍ଚୋଟତା, ଭବ୍ୟତାର ସହ ପରଦା ଉପରେ ଜୀବନ୍ତ କରିପାରିବୁ । ଆମେ ଏପ୍ରିଲ ୨, ହନୁମାନ ଜୟନ୍ତୀ ଅବସରରେ 'ରାମ'ଙ୍କ ଝଲକ ସେୟାର କରିବାକୁ ଅତ୍ୟନ୍ତ ଉତ୍ସାହିତ । ଆମେ ଏହି ମୁହୂର୍ତ୍ତକୁ ସମଗ୍ର ବିଶ୍ୱ ସହ ଏକାଠି ପାଳନ କରିବୁ । ଆପଣମାନଙ୍କ ଭଲପାଇବା, ବିଶ୍ୱାସ ଏବଂ ଧୈର୍ଯ୍ୟ ପାଇଁ ଆମେ କୃତଜ୍ଞତା ଜଣାଉଛୁ ।' ନମିତଙ୍କ ଏହି ପୋଷ୍ଟ ଆସିବା ପରେ ଦର୍ଶକେ 'ରାମାୟଣ'ରେ ରଣବୀରଙ୍କ ଝଲକ ପାଇବାକୁ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି । 'ରାମାୟଣ'ରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ୟଶ୍, ହନୁମାନଙ୍କ ଭୂମିକାରେ ସନ୍ନି ଦେଓଲ, ଟେଲିଭିଜନ ତାରକା ରବି ଦୁବେ ଲକ୍ଷ୍ମଣଙ୍କ ଚରିତ୍ରରେ ନଜର ଆସିବେ । ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ଆସିବ ।

# ବିଶ୍ୱର ସବୁଠୁ ଖୁସ୍‌ମିଜାଜ୍ ବ୍ୟକ୍ତି

ଆଧୁନିକ ଜୀବନଶୈଳୀ, କାର୍ଯ୍ୟଚାପ, ପାରିବାରିକ ସମସ୍ୟା ଏବଂ ଆର୍ଥିକ ଅନଟନ ଯୋଗୁଁ ଆଜିକାଲି ଅଧିକାଂଶ ଲୋକ ମାନସିକ ଚାପ ମଧ୍ୟରେ ରହୁଛନ୍ତି । ଏଥିଯୋଗୁଁ ନିଦ୍ରାହୀନତା, ରାଗ, ଦୁଃଖ ଏବଂ ଶାରୀରିକ ଅସୁସ୍ଥତା ଆଦି ଦେଖାଦେଉଛି । ହେଲେ ଏକ୍ଷେତ୍ରରେ ଏକ ବ୍ୟତିକ୍ରମ ମାଥ୍ୟୁ ରିଚାର୍ଡ । ୮୦ ବର୍ଷୀୟ ମାଥ୍ୟୁ ବିଶ୍ୱର ସବୁଠୁ ଖୁସ୍ ମିଜାଜ୍ ବ୍ୟକ୍ତି ହେବାର ରେକର୍ଡ କରିଛନ୍ତି । ସେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଛନ୍ତି । ୧୯୯୧ ମସିହା ପରଠୁ ଏଯାବତ୍ ସେ କୌଣସି ଦିନ ବି ଦୁଃଖୀ ହୋଇନାହାନ୍ତି । ଏକଥା ବୈଜ୍ଞାନିକ ବି ବିଶ୍ୱାସ କରୁଛନ୍ତି । ଜାତିସଂଘ ତାଙ୍କୁ ୨୦୧୬ ମସିହାରେ ହ୍ୟାପିନେସ୍ ରିପୋର୍ଟରେ ବିଶ୍ୱର ସବୁଠୁ ଖୁସି ମଣିଷ ଭାବେ ଘୋଷଣା କରିଥିଲା । ମାଥ୍ୟୁ ମଲିକ୍ୟୁଲାର ଜେନେଟିକ୍‌ରେ ପିଏଚ୍‌ଡି କରିଛନ୍ତି । ଏହି ଡିଗ୍ରୀରେ ତାଙ୍କୁ ଭଲ ଚାକିରି ସହଜରେ ମିଳିପାରିଥାନ୍ତା । ହେଲେ ଏହାସତ୍ତ୍ୱେ ବି ସେ ଦୁଃଖୀ ଥିଲେ । ଖୁସିର ସନ୍ଧାନରେ ସେ ଫ୍ରାନ୍ସ ଛାଡ଼ି ତିବ୍ବତ ଆସିଲେ । ଏଠାରେ ସେ ଦଲାଇଲାମାଙ୍କ ଫ୍ରେଞ୍ଚ ଅନୁବାଦକ ଭାବେ କାମ କଲେ । ଏହି ସମୟରେ ସେ ମେଡିଟେସନ କରିବା ସହ ବୌଦ୍ଧ ଧର୍ମ ସହ ଜଡ଼ିତ କଥା ଶିଖିଲେ । ଏହିପରି ଭାବେ ଧୀରେ ଧୀରେ ମାଥ୍ୟୁଙ୍କ ଖୁସି ବଢ଼ି ଚାଲିଲା । କେବଳ ସେତିକି ନୁହେଁ, ତାଙ୍କ ଆଖପାଖର ଲୋକେ ବି ତାଙ୍କୁ ଦେଖି ଖୁସିରେ ରହିବାକୁ ଲାଗିଲେ । ଇତିମଧ୍ୟରେ ମାଥ୍ୟୁ ପ୍ରତି ସମୟରେ ଖୁସି ରଖିବାର କଳା ବି ଜାଣିଗଲେ । ତେଣୁ ତାଙ୍କୁ ଦୁନିଆର କୌଣସି ପ୍ରକାର ପରିବର୍ତ୍ତନ ଦୁଃଖୀ କରିପାରିଲା ନାହିଁ । ସେ ସବୁବେଳେ ଖୁସିରେ ରହୁଥିବାରୁ ଏହା ପଛର ରହସ୍ୟ ଜାଣିବା ପାଇଁ ଆମେରିକା ବିଶ୍ୱବିଦ୍ୟାଳୟ ଗବେଷଣା କଲା । ଖରାପରୁ ଅତି ଖରାପ ପରିସ୍ଥିତିରେ ମାଥ୍ୟୁଙ୍କ ମସ୍ତିଷ୍କ କେମିତି ପ୍ରତିକ୍ରିୟା ରଖେ ତାହା ସେମାନେ ଜାଣିବାକୁ ଇଚ୍ଛା କରିଥିଲେ । ମାଥ୍ୟୁଙ୍କ ମସ୍ତିଷ୍କର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ୨୫୬ଟି ସେନସର୍ ଲଗାଯାଇଥିଲା । ଏଥିରୁ ଜାଣିବାକୁ ମିଳିଲା ଯେ, ଯେତେବେଳେ ମାଥ୍ୟୁ ଧ୍ୟାନ କରନ୍ତି, ତାଙ୍କ ମସ୍ତିଷ୍କରୁ ଗାମା ବିକିରଣ ହୁଏ । ଏହା ଏକାଗ୍ରତା ଏବଂ ସ୍ମୃତିଶକ୍ତି ବଢ଼ାଇବା ଦିଗରେ ସାହାଯ୍ୟ କରେ । ଏହାବାଦ୍ ତାଙ୍କର ବାମ ପାଖ ମସ୍ତିଷ୍କ ଖୁବ୍ ସକ୍ରିୟ ବୋଲି ସେନସର୍‌ରୁ ଜଣା ପଡ଼ିଲା । ଏହି ଭାଗ ସୃଜନଶୀଳତା ଏବଂ ଖୁସି ସହ ଜଡ଼ିତ । ଗବେଷକମାନେ ଏକଥା ସୁନିଶ୍ଚିତ ହେଲେ, ମାଥ୍ୟୁଙ୍କ ଭିତରେ କେବଳ ଖୁସି ଅଛି । ତାଙ୍କ ଭିତରେ ନକାରାତ୍ମକତା ପାଇଁ କୌଣସି ସ୍ଥାନ ନାହିଁ ।



# ପେଟ୍ରୋଲ ପମ୍ପ ଭଳି ଡ୍ରିଙ୍କ୍ ଷ୍ଟେସନ



ବର୍ତ୍ତମାନ ବାହାଘରକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି । ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ବାହାଘରରେ ଏକ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସିଛି । ବିବାହ ମଣ୍ଡପରେ ଏକ ଡ୍ରିଙ୍କ୍ ଷ୍ଟେସନ ତିଆରି କରାଯାଇଛି । ଏହା ଅବିକଳ ପେଟ୍ରୋଲ ପମ୍ପ ମେସିନ୍ ଭଳି ଦେଖାଯାଉଛି । ଏଥିରେ ପେଟ୍ରୋଲ ପମ୍ପ ଭଳି ନୋଜଲ ଲାଗିଛି । ଅତିଥି ଏହି ନୋଜଲକୁ ଉଠାଇ ଗ୍ଲାସ୍‌ରେ ଭରୁଛନ୍ତି । ଜୁସ୍ ଏବଂ କୋଲଡ୍ରିଙ୍କ୍‌ସକୁ ଏହିଭଳି ଭାବେ ଅତିଥିଙ୍କୁ ସର୍ଭ କରାଯାଇଛି । ଅତିଥି ଏହି ଡ୍ରିଙ୍କ୍ ଷ୍ଟେସନ୍ ଦେଖି ଖୁବ୍ ଉତ୍ସାହିତ ଅଛନ୍ତି । କିଛି ଲୋକ ହସିକି ଏହାର ମଜା ନେବା ସହିତ ପେଟ୍ରୋଲ ଭରୁଥିବା କହିଛନ୍ତି । ସେହିପରି ଆଉ କିଛି ଜଣ ନୋଜଲ ସହ ଫଟୋ ଓ ଭିଡିଓ ପ୍ରସ୍ତୁତ କରିଛନ୍ତି । ପୂରା ପରିବେଶ ବେଶ୍ ମଜାଦାର ଓ ଉତ୍ସାହଜନକ ପାଲଟିଛି । ଏହି ଡ୍ରିଙ୍କ୍ କାଉଣ୍ଟର କେବଳ ବାହାଘରର ସର୍ଭିସ ପଏଣ୍ଟ ହୋଇ ନାହିଁ, ବରଂ ପୂରା କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଭିଡିଓକୁ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରାଯିବା ପରେ ଲୋକେ ଏଥିରେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି ।

## ଆସ୍ଥା

# ହାତରୁ ଜପ ମାଳା ଖସିବା ଶୁଭ ନା ଅଶୁଭ

**ହିନ୍ଦୁ ଧର୍ମରେ ମନ୍ତ୍ର ଜପର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ଅଛି । ଶାସ୍ତ୍ରରେ ମନ୍ତ୍ର ଜପ ସହ ଜଡ଼ିତ ବିଶେଷ ନିୟମ ସମ୍ପର୍କରେ କୁହାଯାଇଛି । ତେବେ ମନ୍ତ୍ର ଜପ ବେଳେ ଅନେକ ସମୟରେ ମାଳା ହାତରୁ ଖସି ଯାଏ । ଏହା ଶୁଭ ନା ଅଶୁଭ, ସେ ସମ୍ପର୍କରେ ଜାଣିବା ।**



- ହାତରୁ ମାଳା ଖସିବା ଏକାଗ୍ରତାର ଅଭାବକୁ ଦର୍ଶାଏ । ଲଗାତାର ମାଳା ହାତରୁ ଖସିବାର ଅର୍ଥ ମନ ପୂଜାରେ ସମ୍ପୂର୍ଣ୍ଣ ସ୍ଥିର ନାହିଁ । ଏହା ଏକଥା ସୂଚାଏ ଯେ, ମନରେ ସାଂସାରିକ ଚିନ୍ତା ଚାଲୁଛି ଏବଂ ସାଧନା ଖଣ୍ଡିତ ହେଉଛି ।
- ଧାର୍ମିକ ମାନ୍ୟତାନୁସାରେ, ହାତରୁ ମାଳା ଅଚାନକ ଖସିବା ଭବିଷ୍ୟତରେ କାର୍ଯ୍ୟରେ ବିଫଳତାକୁ ସାମ୍ନା କରିବାକୁ ପଡ଼ିପାରେ । ଏହାକୁ ଏକପ୍ରକାର ଐଶ୍ୱରୀୟ ଚେତାବନୀ ବୋଲି ବିବେଚନା କରାଯାଏ ।
- ସେହିପରି ମନ୍ତ୍ର ଜପ ବେଳେ ମାଳାଗୁଡ଼ିକ ବିଚ୍ଛୁରିତ ହେବା କିମ୍ବା ଛିଣ୍ଡି ଯିବା ଅଶୁଭ ।
- ଏହା ପରିବାରରେ ଅଶାନ୍ତି ଓ ଆର୍ଥିକ କ୍ଷତିର ସଙ୍କେତ ହୋଇଥାଏ ।
- ମନ୍ତ୍ର ଜପ ବେଳେ ମାଳା ପଡ଼ିବା ଅର୍ଥ ଜପର ନିରନ୍ତରତାକୁ ଭଙ୍ଗ କରେ । ଏହାଦ୍ୱାରା ଜପର ପୂର୍ଣ୍ଣ ଫଳ ପ୍ରାପ୍ତିରେ ବାଧା ଆସେ ।
- ତେଣୁ ମନ୍ତ୍ର ଜପ ବେଳେ ସତର୍କତା ସହିତ ମାଳା ଜପିବାକୁ ପରାମର୍ଶ ଦିଆଯାଏ ।
- ଅଜାଣତରେ ମାଳା ହାତରୁ ଖସି ପଡ଼ିଲେ ବ୍ୟସ୍ତ ହେବା ଅନୁଚିତ । ଦୋଷ ନିବାରଣର ବି ଉପାୟ ରହିଛି । ମାଳା ତଳେ ପଡ଼ିବା ମାତ୍ରେ ପ୍ରଥମେ ତାହାକୁ ଭୂମିରୁ ଉଠାଇ ମସ୍ତକରେ ଲଗାନ୍ତୁ ।
- ଭଗବାନଙ୍କୁ ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିବା ଦରକାର ।
- ଏହାପରେ ପୁଣି ମାଳାକୁ ହାତରେ ଧରି ଆସନରେ ବସି ଜପ କରିବା ଉଚିତ ।

# ଚୈତ୍ର ପୂର୍ଣ୍ଣିମା



**ଚୈତ୍ର ପୂର୍ଣ୍ଣିମା ବା ଚଇତ ପୁନେଇଁ ହିନ୍ଦୁ ନବବର୍ଷର ପ୍ରଥମ ପୂର୍ଣ୍ଣିମା । ଏହି ଅବସରରେ ସ୍ନାନ, ଦାନ ସହ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ସତ୍ୟନାରାୟଣ, ମାତା ଲକ୍ଷ୍ମୀ ଓ ପବନସୁତ ହନୁମାନଙ୍କ ଆରାଧନା କରାଯାଏ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦଣ୍ଡନାଚ ଓ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ ।**

ଚଇତି ପର୍ବ କୈବର୍ତ୍ତମାନଙ୍କ ଶ୍ରେଷ୍ଠ ପର୍ବ । ସେମାନେ ନିଜର ଇଷ୍ଟଦେବୀ ଅଶ୍ୱମୁଖୀ ଦେବୀ ବାସୁଳୀଙ୍କର ପୂଜା କରନ୍ତି । ଏହିଦିନ କୈବର୍ତ୍ତମାନେ ଘର ଲିପାପୋଛା କରି ଚିତା ଲେଖନ୍ତି । ଡଙ୍ଗାରେ ଫୁଲ, ଚନ୍ଦନ, ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ଛେନା ନଡ଼ିଆ ଗୁଡ଼ ଆଦି ଭୋଗ ଲାଗି କରନ୍ତି । ଏହି ଅବସରରେ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ । ନିଜ ନିଜ ଅଞ୍ଚଳର ଗାଁରେ ବୁଲି ଘୋଡ଼ା ନାଚ କରନ୍ତି । ବୈଶାଖ ମାସ ଅଷ୍ଟମୀ ଯାଏଁ ଚଇତି ଘୋଡ଼ା ନୃତ୍ୟ ୮ ଦିନ ପରିବେଷଣ କରାଯାଏ ।

କିମ୍ବଦନ୍ତୀ ଅନୁସାରେ, ଶ୍ରୀରାମଚନ୍ଦ୍ର ବନବାସକୁ ଗଲା ବେଳେ ବାଟରେ ସରଯୂ ନଦୀ ପଡ଼ିଲା । ଜଣେ ଧୀବର ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ନଦୀ ପାର କରାଇ ଥିଲେ । ଶ୍ରୀରାମଚନ୍ଦ୍ର ସେହି କେଉଟଙ୍କ ଉପରେ ଖୁସି ହୋଇ ଉପହାର ସ୍ୱରୂପ ଘୋଡ଼ା ଦେଇ ଥିଲେ । ସେବେଠୁ ଖୁସିରେ କୈବର୍ତ୍ତମାନେ ଏହି ପର୍ବ ପାଳି ଆସୁଛନ୍ତି ।

ଏହିଦିନ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ପୂଜା କରାଯାଏ । ଏହା ଦ୍ୱାରା ଧନ, ଐଶ୍ୱର୍ଯ୍ୟ ଓ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ । ସ୍ନାନ, ଦାନ, ବ୍ରତ ଏବଂ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ଅଜାଣତରେ ହୋଇଥିବା ଭୁଲ୍‌ର ପାପ କ୍ଷୟ ହୁଏ । ଏହିଦିନ ହନୁମାନଙ୍କ ପୂଜା କରିବା ଶୁଭ ହୋଇଥାଏ । ଚନ୍ଦ୍ରଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ବୈବାହିକ ଜୀବନର ସମସ୍ୟା ଦୂର ହୋଇଥାଏ । ଏଥର ଏପ୍ରିଲ ୨ ତାରିଖରେ ଚୈତ୍ର ପୂର୍ଣ୍ଣିମା ପାଳନ କରାଯିବ ।

# ଘରେ ଫଟୋ ଫ୍ରେମ୍ ଲଗାଉ ଥିଲେ...


ଘରକୁ ସଜାଇବା ପାଇଁ ଲୋକେ ବିଭିନ୍ନ ପ୍ରକାର ଫଟୋ ଫ୍ରେମ ଲଗାନ୍ତି । ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଫଟୋ ଫ୍ରେମ୍ ଲଗାଇଲେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ । ତେବେ ଏହାକୁ ଠିକ୍ ଦିଗରେ ନ ଲଗାଇଲେ ବାସ୍ତୁ ଦୋଷ ସୃଷ୍ଟି ହୋଇପାରେ ।

- ବିବାହ ଫଟୋକୁ ସବୁବେଳେ ଠିକ୍ ଦିଗରେ ଲଗାଇବା ଉଚିତ । ଭୁଲ୍ ଦିଗରେ ଲଗାଇଲେ ବୈବାହିକ ଜୀବନରେ ତିକ୍ତତା ସୃଷ୍ଟି ହୁଏ । ତେଣୁ ବିବାହ ଫଟୋକୁ ଉତ୍ତର ଦିଗରେ ଲଗାଇବା ଅନୁଚିତ । ଏହା ସହ ଉତ୍ତର-ପୂର୍ବ ଦିଗରେ ଲଗାଇବା ଠିକ୍ ନୁହେଁ ।
- ଦକ୍ଷିଣ-ପଶ୍ଚିମ ଦିଗରେ ପାରିବାରିକ ଫଟୋ ଲଗାଇବା ଭଲ । ଏହି ଦିଗରେ ଲଗାଇଲେ ଘରକୁ ସମୃଦ୍ଧି ଆସେ । ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବଜାୟ ରହେ ।
- ଭଗବାନଙ୍କ ଫଟୋ କାନ୍ଥରେ ଲଗାଇବା ପାଇଁ ଈଶାନ୍ୟ କୋଣ ଉତ୍ତମ । ଏହି କୋଣରେ ଫଟୋ ରହିବା ଶୁଭ । ବାସ୍ତୁ ଶାସ୍ତ୍ରରେ ଏହି ଦିଗକୁ ସବୁଠୁ ପବିତ୍ର ବୋଲି ବିବେଚନା କରାଯାଏ । ଅବଶ୍ୟ ଏ ଦିଗରେ ଅନ୍ୟ କୌଣସି ଫଟୋ ଲଗାଇବା ଅନୁଚିତ ।



# ତୁଳସୀ ଗଛ ପାଇଁ ମାନନ୍ତୁ ଏହି ନିୟମ

**ତୁଳସୀ ଗଛ ଶୁଖିଗଲେ ବି ତା'ର ପବିତ୍ରତା ଶେଷ ହୋଇ ନ ଥାଏ । ତୁଳସୀ ଗଛ ଶୁଖିଯିବାକୁ ନାରାୟଣ ପ୍ରାପ୍ତି ବୋଲି କୁହାଯାଏ । ଧାର୍ମିକ ମାନ୍ୟତାନୁସାରେ, ଶୁଖିଯାଇଥିବା ତୁଳସୀ ଗଛର ଅନାଦର କରିବା ଦ୍ୱାରା ଘରେ ଅଭାବ, ଅଶାନ୍ତି ଦେଖା ଦିଏ । ତେବେ ଶୁଖିଲା ତୁଳସୀ ଗଛର କିଭଳି ବିସର୍ଜନ କରିବା ଉଚିତ, ସେ ସମ୍ପର୍କରେ ଜାଣିବା ।**



ତୁଳସୀର ସମ୍ବନ୍ଧ ଭଗବାନ ବିଷ୍ଣୁ ଏବଂ ମା' ଲକ୍ଷ୍ମୀଙ୍କ ସହିତ ଜଡ଼ିତ । ତେଣୁ ଶୁଖିଯାଇଥିବା ତୁଳସୀକୁ ଆଦର କରିବା ଉଚିତ । ଘରେ ଥିବା ତୁଳସୀ ଗଛ ସମ୍ପୂର୍ଣ୍ଣ ଶୁଖି ଯାଇଥିଲେ, ଏହାକୁ ହଟାଇବା ପୂର୍ବରୁ କିଛି ଦିଗ ଉପରେ ଧ୍ୟାନ ଦେବା ଜରୁରି । ପ୍ରଥମେ ତୁଳସୀ ଗଛକୁ କ୍ଷତି ନ ପହଞ୍ଚିଲା ଭଳି ମୂଳରୁ ଓପାଡ଼ିବା ଉଚିତ । ଏହାପରେ ତୁଳସୀ ଗଛକୁ କୌଣସି ପରିଷ୍କାର କପଡ଼ା ବା ନାଲି କପଡ଼ା ନଚେତ୍ ଧଳା କାଗଜରେ ଗୁଡ଼ାଇ ଦିଅନ୍ତୁ । ଏଭଳି କରିବାକୁ ଶୁଭ ବୋଲି ବିଚାର କରାଯାଏ । ସେହିପରି ଏହି ପୂରା ପ୍ରକ୍ରିୟା ଏକପ୍ରକାର ଶ୍ରଦ୍ଧା ଓ ସମ୍ମାନକୁ ଦର୍ଶାଏ ।

ତେବେ ତୁଳସୀ ଗଛର ବିସର୍ଜନ କୌଣସି ପବିତ୍ର ନଦୀରେ କରିପାରିବେ । ନଚେତ ଏହାକୁ କୁଣ୍ଡରେ ପୋତି ପାରିବେ । ଏହି ଉପାୟକୁ ବି ସମ୍ମାନଜକ ବୋଲି କୁହାଯାଏ । ବିସର୍ଜନ ସମୟରେ ମନ୍ତ୍ର ଜପ କରିବା ଉଚିତ । ମନ୍ତ୍ରକୁ ତିନି, ସାତ ତଥା ୧୧ ଥର ଜପ କରିପାରିବେ । ଅନ୍ୟପକ୍ଷରେ ତୁଳସୀ ଗଛକୁ ଗୁରୁବାର ଓ ଶୁକ୍ରବାରରେ ବିସର୍ଜନ କରିବାକୁ ଶୁଭ ବୋଲି କୁହାଯାଇଛି ।

## ରୋହିତ ଶର୍ମା, ରିୟାନ ରିକେଲଟନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# କୋଲକାତାକୁ ୬ ୱିକେଟରେ ହରାଇଲା ମୁମ୍ବାଇ

ମୁମ୍ବାଇ,୨୯।୩(ଏଜେନ୍ସି):

ହିଟ୍‌ମ୍ୟାନ୍ ରୋହିତ ଶର୍ମା (୭୮) ଓ ରିୟାନ ରିକେଲଟନ (୮୧)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରି ଆଇପିଏଲ୍-୨୦୨୬ରେ ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଚଳିତ ସଂସ୍କରଣର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେକେଆର ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ଆଜିଙ୍କ୍ୟ ରାହାଣେ ୬୭ ଓ ଅଙ୍ଗକ୍ରିସ ରଘୁବଂଶୀ ୫୧ ରନ୍ କରିଥିଲେ। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୯.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ରିକେଲଟନ ୪୩ବଲ୍‌ରୁ ୪ଚୌକା ଓ ୮ ଛକା ସହ ସର୍ବାଧିକ ୮୧ ଓ ରୋହିତ ୩୮ ବଲ୍‌ରୁ ୬ଚୌକା ଓ ୬ଛକା ବଳରେ ୭୮ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟ୍‌ରୁ ୭୧ ବଲ୍‌ରେ ୧୪୮ ରନ୍ କରି ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ସୂର୍ଯ୍ୟକୁମାର ଯାଦବ ୧୬ ରନ୍ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୧୮ ଓ ତିଳକ ବର୍ମା ୨୦ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଏହା ପୂର୍ବରୁ ମୁମ୍ବାଇ ୭ଥର ୨୨୦ କିମ୍ବା ତା'ଠାରୁ ଅଧିକ ରନ୍ ୭ଥର ଚେଜ୍ କରି ବିଫଳ ହୋଇଥିଲା।



ରନ୍ ଅତିକ୍ରମ କରାଇବାରେ ସହାୟତା କରିଥିଲେ। ୨୮ ବଲ୍‌ରେ ୬ ଚୌକା ଓ ୨ଛକା ସହ ଅର୍ଦ୍ଧଶତକ ପୂରଣ କରିବାର ପରବର୍ତ୍ତୀ ବଲ୍‌ରେ ରଘୁବଂଶୀ ୫୧ ରନ୍‌ରେ ଆଉଟ ହୋଇଥିଲେ। ରିଙ୍କୁ ୨୧ବଲ୍‌ରୁ ୪ ଚୌକା ସହ ୩୩ ରନ୍‌ରେ ଅପରାଜିତ ରହିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରଥମ ଆଇପିଏଲ୍ ମ୍ୟାଚ୍ ଖେଳିଥିବା ଶାର୍ଦ୍ଦୁଳ ଠାକୁର ୪ଟି ମଧ୍ୟରୁ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଦୁଇ ପ୍ରତିଷ୍ଠିତ ବୋଲର ଯଶପ୍ରୀତ ବୁମ୍‌ରା ଓ ଟ୍ରେଣ୍ଟ ବୋଲ୍ଟଙ୍କୁ କୌଣସି ୱିକେଟ ମିଳି ନ ଥିଲାବେଳେ ୪ ଓଭର ସ୍ପେଲ୍‌ରେ ସେମାନେ ଯଥାକ୍ରମେ ୩୫ ଓ ୩୮ ରନ୍ ବ୍ୟୟ କରିଥିଲେ। କେକେଆର୍ ଇନିଂସର ଦ୍ୱିତୀୟ ଓଭରରେ ୨୬ ରନ୍ ଦେଇଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩ ଓଭରରେ ୩୯ ରନ୍ ଦେଇ ଅନ୍ୟ ୱିକେଟଟି ପାଇଥିଲେ।

### ସଂକ୍ଷିପ୍ତ ସ୍କୋର


**ନାଇଟ୍ ରାଇଡର୍ସ**: ୨୨୦/୪, ୨୦ ଓଭର (ଆଜିଙ୍କ୍ୟ ରାହାଣେ-୬୭, ଅଙ୍ଗକ୍ରିସ୍ ରଘୁବଂଶୀ-୫୧, ଫିନ୍ ଆଲେନ୍-୩୭, ରିଙ୍କୁ ସିଂ ଅପରାଜିତ-୩୩, ଶାର୍ଦ୍ଦୁଳ ଠାକୁର-୩/୩୯)।
**ମୁମ୍ବାଇ ଇଣ୍ଡିଆନ୍ସ**: ୨୨୪/୪, ୧୯.୧ ଓଭର (ରିୟାନ ରିକେଲଟନ-୮୧, ରୋହିତ ଶର୍ମା-୭୮, ସୁନୀଲ ନାରିନ୍-୧/୩୦, କାର୍ତ୍ତିକ ତ୍ୟାଗୀ-୧/୪୩)।

### ରୋହିତଙ୍କ ୫୦ତମ ଅର୍ଦ୍ଧଶତକ

ଏଠାରେ ରୋହିତ ଶର୍ମା ଆଇପିଏଲ୍ କ୍ୟାରିୟରରେ ୫୦ତମ ଅର୍ଦ୍ଧଶତକ ହାସଲ କରି ଏଲିଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଏହି ତାଲିକାରେ ବିରାଟ କୋହଲି ୭୨, ଡେଭିଡ୍ ୱାର୍ଣ୍ଣର ୬୬, ଶିଖର ଧାୱନ ୫୩ଟି ଅର୍ଦ୍ଧଶତକ ହାସଲ କରି ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇବାରେ ରୋହିତ ଚତୁର୍ଥ ବ୍ୟାଟର।

### ରାହାଣେ ଓ ରଘୁବଂଶୀଙ୍କ ଅର୍ଦ୍ଧଶତକ ବ୍ୟର୍ଥ


ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଫଳରେ ପ୍ରଥମ ୱିକେଟରେ ଦଳ ୬୯ ଓ ପାୱାର ପ୍ଲେ'ରୁ ୧ ୱିକେଟରେ ୭୮ ରନ୍ ଉଠାଇଥିଲା। ଆଇପିଏଲ୍ ଡେବ୍ୟୁ କରିଥିବା ଫିନ୍ ଆଲେନ ଓ ରାହାଣେ ପ୍ରଥମ ୱିକେଟରୁ ୩୨ବଲ୍‌ରୁ ୬୯ ରନ୍ ଉଠାଇଥିଲେ। ଆଲେନ୍ ୧୭ ବଲ୍‌ର ୩୭ ଓ କାମେରନ ଗ୍ରୀନ୍ ୧୦ ବଲ୍‌ରେ ୧୮ ରନ୍ କରିଆଉଟ ହୋଇଥିଲେ। ଏହି ସମୟରେ ୨୭ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରାହାଣେ ୪୦ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ସର୍ବାଧିକ ୬୭ ରନ୍ କରି ଆଉଟ ହୋଇଯାଇଥିଲେ। ୧୩.୩ ଓଭରରେ ୧୪୫ ରନ୍‌ରେ ତୃତୀୟ ୱିକେଟ ପଡ଼ିବା ପରେ ଯୁବ ଖେଳାଳି ରଘୁବଂଶୀ ଓ ଅଭିଜ୍ଞ ରିଙ୍କୁ ସିଂ ଚତୁର୍ଥ ୱିକେଟରୁ ୩୦ ବଲ୍‌ରେ ୬୦ ରନ୍ ଉଠାଇ ଦଳକୁ ୨୦୦



### ଆଜିର ଆଇପିଏଲ୍ ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍‌ସ
ଭେନ୍ୟୁ- ଗୌହାଟୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଟି-୨୦ ଫର୍ମାଟରେ କୋହଲି ଏସିଆର ସର୍ବାଧିକ ରନ୍ ସଂଗ୍ରହକାରୀ



ବେଙ୍ଗାଲୁରୁ,୨୯।୩(ଏଜେନ୍ସି): ଭାରତର ବିରାଟ କୋହଲି ଏବେ ଟି-୨୦ ଫର୍ମାଟରେ ଏସିଆ ମହାଦେଶର ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ଗତକାଲି ଏଠାରେ ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ଆଇପିଏଲ୍-୨୦୨୬ର ଉଦ୍‌ଘାଟନୀ ମୁକାବିଲାରେ କୋହଲି ୩୮ ବଲ୍‌ରୁ ଅପରାଜିତ ୬୯ ରନ୍ ସଂଗ୍ରହ କରିବା ଫଳରେ ପାକିସ୍ତାନର ସୋଏବ ମଲିକଙ୍କୁ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଟି-୨୦ କ୍ୟାରିୟରରେ ସୋଏବ ୫୫୭ଟି ମ୍ୟାଚ୍ ଖେଳି ୧୩,୫୭୧ରନ୍ କରିଛନ୍ତି। ଗତକାଲିର ମ୍ୟାଚ୍ ପରେ କୋହଲି ୧୩,୬୧୨ ରନ୍ କରିଛନ୍ତି। ଏଥିଲାଗି ସେ ୪୧୫ଟି ମ୍ୟାଚ୍‌ର ସହାୟତା ନେଇଥିଲେ। ଏହି ରେକର୍ଡ ସହ ଟି-୨୦ ଫର୍ମାଟରେ ସେ ବିଶ୍ୱର ଷଷ୍ଠ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ ୪୬୩ ମ୍ୟାଚ୍‌ରୁ ସର୍ବାଧିକ ୧୪,୫୬୨, କାଇରନ ପୋଲାର୍ଡ ୭୩୫ ମ୍ୟାଚ୍‌ରୁ ୧୪,୪୮୨, ଇଂଲଣ୍ଡର ଆଲେକ୍ସ ହେଲ୍ସ ୫୨୮ ମ୍ୟାଚ୍‌ରୁ ୧୪,୪୪୯, ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ୪୩୩ ମ୍ୟାଚ୍‌ରୁ ୧୪,୦୬୩ ଓ ଇଂଲଣ୍ଡର ଜୋସ୍ ବଟଲର ୪୯୩ ମ୍ୟାଚ୍‌ରୁ ୧୩, ୮୪୫ ରନ୍ ସଂଗ୍ରହ କରି କୋହଲିଙ୍କ ଉପରେ ରହିଛନ୍ତି।

## ୩୦୦ ଟି-୨୦ ମ୍ୟାଚ୍ ଖେଳିବାରେ ମୁମ୍ବାଇ ପ୍ରଥମ ଫ୍ରାଞ୍ଚାଇଜ୍ ଟିମ୍

ମୁମ୍ବାଇ,୨୯।୩(ଏଜେନ୍ସି): ୫ଥରର ଆଇପିଏଲ୍ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଏଠାରେ କୋଲକାତା ନାଇଟ୍ ରାଇଡର୍ସ ସହ ଆଇପିଏଲ୍-୨୦୨୬ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବା ଫଳରେ ବିଶ୍ୱର ପ୍ରଥମ ଫ୍ରାଞ୍ଚାଇଜ୍ ଟିମ୍ ଭାବେ ୩୦୦ ଟି-୨୦ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ଟି-୨୦ରେ ୩୦୦ ମ୍ୟାଚ୍ ଖେଳିବାରେ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ଦଳ। ଏହା ପୂର୍ବରୁ ପାକିସ୍ତାନ ନ୍ୟାସନାଲ କ୍ରିକେଟ ଟିମ୍ ଓ ଇଂଲଣ୍ଡର ସମରସେଟ୍ ଉଭୟ ୩୦୩ଟି ଲେଖାଏଁ ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଆଇପିଏଲ୍ ଖେଳୁଥିବା ଟିମ୍ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୮୭ଟି ଓ କୋଲକାତା ନାଇଟ୍ ରାଇଡର୍ସ ୨୮୧ଟି ମ୍ୟାଚ୍ ଖେଳିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ୨୭୭ଟି ଓ ଚାମ୍ପିଅନ୍ସ ଲିଗ୍ ଟି-୨୦ରେ ୨୨ଟି ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛି।

## ଜାପାନିଜ୍ ଗ୍ରାଁ ପ୍ରି | ଆଣ୍ଟୋନେଲି ଚାମ୍ପିଅନ




ସୁଜୁକା,ଜାପାନ,୨୯।୩ (ଏଜେନ୍ସି): ମର୍ସିଡିଜ୍‌ର ୧୯ ବର୍ଷୀୟ ଇଟାଲୀୟ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ରବିବାର ଅନୁଷ୍ଠିତ ଜାପାନିଜ୍ ଗ୍ରାଁ ପ୍ରି ଫର୍ମୁଲା-ୱାନ୍ କାର ରେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ଫଳରେ ସେ କ୍ରମାଗତ ଦୁଇଟି ଗ୍ରାଁ ପ୍ରି ରେସ୍ ଜିତିବା ସହ ସର୍ବକନିଷ୍ଠ ଡ୍ରାଇଭର ଭାବେ ୱାର୍ଲ୍ଡ ଚାମ୍ପିଅନ ରେସ୍‌ରେ ଆଗୁଆ ରହିଛନ୍ତି। ତାଙ୍କଠାରୁ ଟିମ୍‌ମେଟ ଜର୍ଜ ରସେଲ ୯ ପଏଣ୍ଟ ପଛରେ ରହି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରସେଲ ଏଠାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପୋଲ ପୋଜିସନରୁ ରେସ୍ ଆରମ୍ଭ କରିଥିବା ଆଣ୍ଟୋନେଲି ଖୁବ୍ ଶୀଘ୍ର ଷଷ୍ଠ ସ୍ଥାନକୁ ଖସି ଆସିଥିଲେ। ଏହା ପରେ ସେ ନିଜ କାର ଉପରେ ନିୟନ୍ତ୍ରଣ ରଖିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମ୍ୟାକ୍‌ଲରେନ୍‌ର ଓସ୍କାର ପିଆଷ୍ଟ୍ରିଙ୍କଠାରୁ ୧୩.୭ ସେକେଣ୍ଡ ଆଗରେ ରେସ୍ ପୂରଣ କରି ଚାମ୍ପିଅନ ହୋଇଥିଲେ।

## ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ | ପ୍ରମୋଦଙ୍କୁ ୧ ସ୍ୱର୍ଣ୍ଣ ସହ ୩ ପଦକ

ଭୁବନେଶ୍ୱର, ୨୯।୩ (ସମିସ): ଓଡ଼ିଶାର ତାରକା ସଟଲର୍ ପ୍ରମୋଦ ଭଗତ ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ୩ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ମିକ୍ସଡ ଡବଲ୍ସର ଏସଏଲ୍‌୩-ଏସ୍‌ୟୁ୫ ବର୍ଗରେ ପ୍ରମୋଦ ସାଥୀ ଭାରତୀୟ ଖେଳାଳି ମନିଷା ରାମଦାସଙ୍କୁ ଯୋଡ଼ି କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫାଇନାଲରେ ପ୍ରମୋଦ-ମନିଷା ଯୋଡ଼ି ୨୧-୧୫, ୨୪-୨୨ ସିଧାସଳଖ ଗେମରେ ଅନ୍ୟତମ ଭାରତୀୟ ଯୋଡ଼ି ନୀତେଶ କୁମାର ଓ ତୁଳସୀମତି ମୁରୁଗେସନଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସ ଏସଏଲ୍‌୩ ବର୍ଗର ଫାଇନାଲରେ ପ୍ରମୋଦ ୧୦-୨୧, ୧୭-୨୧ ଗେମରେ ନୀତେଶଙ୍କ ନିକଟରୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ପ୍ରମୋଦ ତାଙ୍କ ଦ୍ୱିତୀୟ ରୌପ୍ୟ ପଦକ ପୁରୁଷ ଡବଲ୍ସ ଏସଏଲ୍‌୩-ଏସ୍‌ୟୁ୫ ବର୍ଗରେ ପାଇଥିଲେ।

## ସାବାଲେଙ୍କାଙ୍କୁ ମିଆମି ଓପନ ଟାଇଟଲ୍

ମିଆମି,୨୯।୩(ଏଜେନ୍ସି): ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ରବିବାର ଅନୁଷ୍ଠିତ ମିଆମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ମହିଳା ଏକକ ଚାମ୍ପିଅନ ହୋଇଛନ୍ତି। କୌଣସି ସେଟ୍ ନ ହରାଇ ଫାଇନାଲରେ ପ୍ରବେଶ କରିଥିବା ସାବାଲେଙ୍କା ଫାଇନାଲରେ ସ୍ଥାନୀୟ ତଥା ଆମେରିକୀୟ ଖେଳାଳି କୋକୋ ଗଫ୍‌ଙ୍କୁ ୬-୨, ୪-୬, ୬-୩ ସେଟ୍‌ରେ ପରାସ୍ତ କରି ୨୦୨୫ ଫ୍ରେଞ୍ଚ ଓପନ ଫାଇନାଲ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଥିଲେ। ଗଫ୍ ଏହି ସ୍କୋରରେ ସାବାଲେଙ୍କାଙ୍କୁ ହରାଇ ଫ୍ରେଞ୍ଚ୍ ଓପନ ଜିତିଥିଲେ। ଏହା ପୂର୍ବରୁ ସେ ଇଣ୍ଡିଆନ୍ ୱେଲ୍ସରେ



ଟାଇଟଲ ଜିତିଥିଲେ। ଫଳରେ ସେ ବିଶ୍ୱର ୫ମ ଖେଳାଳି ଭାବେ ସନ୍‌ସାଇନ୍ ଡବଲ କୁହାଯାଉଥିବା ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କାଲିଫର୍ଣ୍ଣିଆ ଓ ଫ୍ଲୋରିଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଏହାକୁ ସନ୍‌ସାଇନ୍ ଡବଲ କୁହାଯାଇଥାଏ। ତାଙ୍କ ପୂର୍ବରୁ ୨୦୨୨ରେ ଇଗା ସ୍ୱିଆଟେକ୍, ୨୦୧୬ରେ ଭିକ୍ଟୋରିଆ ଆଜରେଙ୍କା, ୨୦୦୫ରେ କିମ୍ କ୍ଲାଇଷ୍ଟର୍ସ, ୧୯୯୪ ଓ ୧୯୯୬ରେ ଷ୍ଟେଫି ଗ୍ରାଫ୍ କ୍ରମାଗତଭାବେ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ।

## ବାନ୍ଧବୀଙ୍କୁ ମର୍ସିଡିଜ୍ କାର ଉପହାର ଦେଲେ ପାଣ୍ଡ୍ୟା



ମୁମ୍ବାଇ, ୨୯।୩ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ନିକଟରେ ଫେରାରୀ ୧୨ ସିଲିଣ୍ଡ୍ରି କାର୍ କିଣିଥିଲେ। ଏହି ବିଳାସପୂର୍ଣ୍ଣ ମୂଲ୍ୟ ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏବେ ପାଣ୍ଡ୍ୟା ତାଙ୍କ କାର୍ କଲେକ୍ସନରେ ଆଉ ଏକ ଦାମୀ ଗାଡ଼ି ସାମିଲ କରିଛନ୍ତି। ସେ ମର୍ସିଡିଜ-ବେଞ୍ଜର ଭି-କ୍ଲାସ ମଡେଲ କିଣିଛନ୍ତି। ବାନ୍ଧବୀ ମାହିକା ଶର୍ମାଙ୍କ ସହ ପାଣ୍ଡ୍ୟା କାର କିଣିବାକୁ ଶୋ'ରୁମକୁ ଯାଇଥିଲେ। ଏହାର କିଛି ଫଟୋ ଶୋ'ରୁମ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ରିପୋର୍ଟ ଅନୁଯାୟୀ ପାଣ୍ଡ୍ୟା ଏହି କାରଟି ମାହିକାଙ୍କୁ ଉପହାର ଆକାରରେ ଦେଇଛନ୍ତି। ଏହାର ଅନରୋଡ୍ ବଜାର ମୂଲ୍ୟ ୧.୬ କୋଟି ଟଙ୍କା ରହିଛି।

## ■ ସ୍କୁଲ ଓପନ ଚେସ୍ | ଆରିଶନନ୍ଦ ଚାମ୍ପିଅନ

ଭୁବନେଶ୍ୱର,୨୯।୩(ସମିସ): ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ତୃତୀୟ ଏଲ୍‌ଏନ୍ ମହାନ୍ତି ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି।



ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଆରିଶ ସର୍ବାଧିକ ୪.୫ ପଏଣ୍ଟ ପାଇଥିଲେ। କେଭି ନଂ-୧ର ଆୟୁଷ୍ମାନ ବେହେରା ପ୍ରଥମ ରନର୍ସଅପ୍ ଓ କଳିଙ୍ଗନଗର ଡିଏଭିର ସ୍ୱସ୍ତି ଷଡଙ୍ଗୀ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଉଭୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ।

## ■ ଦକ୍ଷିଣ ଆଫ୍ରିକା ଗସ୍ତ | ଭାରତୀୟ ବଧିର କ୍ରିକେଟ୍ ଦଳରେ ସନ୍ତୋଷ

ଭୁବନେଶ୍ୱର, ୨୯।୩ (ସମିସ): ଭାରତୀୟ ବଧିର କ୍ରିକେଟ୍ ଦଳ ଆସନ୍ତା ମାସରେ ଏକ ସୀମିତ ଓଭର ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବ। ଏହି ଗସ୍ତରେ ଭାରତ ତିନୋଟି ଟି-୨୦ ଓ ଦୁଇଟି ଦିନିକିଆ ମ୍ୟାଚ୍ ଖେଳିବ। ଏଥିଲାଗି ଭାରତୀୟ ବଧିର କ୍ରିକେଟ୍ ସଂଘ ପକ୍ଷରୁ ରବିବାର ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ହିମାଚଳର ବୀରେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାର ସନ୍ତୋଷ କୁମାର ମହାପାତ୍ର ସ୍ଥାନ ପାଇଛନ୍ତି। ତାଳଚେର ଜନ୍ମିତ ପ୍ରଶାନ୍ତ ଜଣେ ଦକ୍ଷ ଅଲ୍‌ରାଉଣ୍ଡର। ତାଳଚେରରେ ସେ ୟୁଥ୍ ସ୍ପୋର୍ଟ୍ସ କ୍ଲବ ସହ ଜଡ଼ିତ ରହିଛନ୍ତି। ଗତ ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ କପ୍ ବଧିର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସନ୍ତୋଷ



ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଭାରତ ଚାମ୍ପିଅନ ହୋଇଥିବାବେଳେ ସନ୍ତୋଷ ବ୍ୟାଟିଂ ଓ ଫିଲ୍ଡରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସନ୍ତୋଷଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘର ସମ୍ପାଦକ ସାଗରକାନ୍ତ ସେନାପତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ଏପ୍ରିଲ ୨୬ ଓ ୨୮ ତାରିଖରେ ଦୁଇଟିଯାକ ଦିନିକିଆ ମ୍ୟାଚ୍ ଖେଳିବ। ଏହାପରେ ଏପ୍ରିଲ ୩୦, ମେ ୧ ଓ ୨ ତାରିଖରେ ୩ଟି ଯାକ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

## ଏଲଏଲ୍‌ସିସି କପ୍ ଜିତିଲା ରେଡ୍‌ଷ୍ଟାର୍

ଭୁବନେଶ୍ୱର, ୨୯।୩ (ସମିସ)



ସ୍ଥାନୀୟ ଆଇଆର୍‌ସି ଭିଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲଏଲ୍‌ସିସି କପ୍ କ୍ରିକେଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ରେଡ୍ ଷ୍ଟାର୍ ୭ ୱିକେଟରେ ଆୟୋଜକ ଏଲ୍‌ଏଲ୍‌ସିସି-ଏ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି-ଏ ଦଳ ୩୫ ଓଭରରେ ୫ ୱିକେଟ୍ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟଦୀପ ରାଜ ନାୟକ ୬୮ ଓ ଆର୍ଯ୍ୟ ପାଟ୍ଟସାଣୀ ୪୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ଓମ୍ ଶ୍ରୀ ସାହୁ ୩ଟି ଓ ଏମଡି ଶେହବାଜ ସଲାମ ୨ଟି ୱିକେଟ୍ ନେଇଥିଲେ। ଜବାବରେ ରେଡ୍ ଷ୍ଟାର୍ ୨୩ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବୋଲିଂରେ ସଫଳ ହୋଇଥିବା ଓମ୍ ବ୍ୟାଟିଂରେ ମଧ୍ୟ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୩୯ ବଲରେ ୧୪ଟି ଚୌକା ସହାୟତାରେ ସର୍ବାଧିକ ୫୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟାନ ଷଡ଼ଙ୍ଗୀ ୨୯ ବଲରେ ୪୪ ଓ ଅମିତ୍ ସାହୁ ୩୮ ବଲରେ ୪୪ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇଥିଲେ। ଘରୋଇ ଦଳର ସୁଶୀଳ ନାୟକ ୩ଟି ଯାକ ୱିକେଟ ନେଇଥିଲେ। ଚାମ୍ପିଅନ ରେଡ୍ ଷ୍ଟାର୍ ଦଳର ଓମ୍ ଶ୍ରୀ ଉଭୟ ଫାଇନାଲ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ● ଓସିଏ କ୍ଲବ ଲିଗ୍ | ପ୍ରଶାନ୍ତଙ୍କ ଶତକ; ବାରବାଟୀ ବିଜୟୀ

ଭୁବନେଶ୍ୱର, ୨୯।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚରେ ବାରବାଟୀ କଲଚୁରାଲ କ୍ଲବ ୧୮୫ ରନରେ କିଶୋର କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାରବାଟୀ ଦଳ ୫୦ ଓଭରରେ ୮ ୱିକେଟ ହରାଇ ୪୮୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମରୋଜୁ ପ୍ରଶାନ୍ତ ୧୮୬ ରନର ମାରାଥନ ଶତକୀୟ ପାଳି ଖେଳିଥିଲେ। ଜବାବରେ କିଶୋର କ୍ଲବ ଭଗବନ୍ତ ସିଂହ (୧୦୮)ଙ୍କ ଶତକ ସତ୍ତ୍ୱେ ୬ ୱିକେଟରେ ୨୯୬ ରନ କରିବାକୁ ସମର୍ଥ ହୋଇଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ ୮ ୱିକେଟରେ ଓଜିପି କ୍ଲବକୁ ଏବଂ ରୟାଲ୍ କ୍ଲବ ୪ ୱିକେଟରେ ରାଇଜିଂ ଷ୍ଟାର କ୍ଲବକୁ ପରାସ୍ତ କରିଛି। ରୟାଲ କ୍ଲବର ଶାନ୍ତନୁ ମିଶ୍ର (୬୧ ରନ) ଓ ରାଇଜିଂ ଷ୍ଟୁଡେଣ୍ଟସର ସୌମ୍ୟରଞ୍ଜନ ଲେଙ୍କା (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ | କ୍ୱାର୍ଟରରେ ଗ୍ରୀନ୍ସ, ଟାଉନ୍ କ୍ଲବ୍

ଭୁବନେଶ୍ୱର,୨୯।୩(ସମିସ): ଭୁବନେଶ୍ୱରର ଟାଉନ୍ କ୍ଲବ୍ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଟାଉନ୍ କ୍ଲବ୍ ୬୨ ରନ୍‌ରେ ହାଇ ଟେକ୍ ଟିମ୍‌କୁ ହରାଇଥିଲା। ଦଳ ପକ୍ଷରୁ ୫୩ ବଲ୍‌ରେ ୬୩ ରଥ କରିଥିବା ଇଶାନ ମହାପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦଳର ପ୍ରିୟାଂଶୁ ଦାସ ଓ ସରୁନ ଲିମା ୩ଟି ଲେଖାଏଁ ୱିକେଟ ପାଇଥିଲେ।





ପ୍ରତିପକ୍ଷ ଦଳର ଭବତୋଷ ବିଶ୍ୱାଳଙ୍କୁ ୪ଟି ୱିକେଟ ମିଳିଥିଲେ ମଧ୍ୟ ସେ ଦଳକୁ ଜିତାଇ ପାରି ନ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଗ୍ରୀନ୍ସ ଏକାଡେମୀ ୭ ରନ୍‌ରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ସ ୯ ୱିକେଟରେ ୧୦୨ ରନ୍ କରିଥିଲା। ପ୍ରଗତିର ସ୍ୱସ୍ତିକ ଦେହୁରୀ ୫ଟି ୱିକେଟ ପାଇଥିଲେ। ଜବାବରେ ଅସିମ ବରାଡଙ୍କ ୩୭ ରନ୍ ସତ୍ତ୍ୱେ ସମାନ ସଂଖ୍ୟକ ୱିକେଟ ହରାଇ ୯୫ ରନ୍ କରିପାରିଥିଲା। ବିଜୟୀ ଗ୍ରୀନ୍ସ ପକ୍ଷରୁ ୪ ଓଭରରେ ୧୭ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ନେଇଥିବା ଆର୍ଯ୍ୟ ମହାନ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS